R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୨୭୯
ତିଥି : ଷଷ୍ଠୀ
୧୬ ଜୁଲାଇ ୨୦୨୫, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 279
16 July 2025, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ପଞ୍ଚଭୂତରେ ଲୀନ ହେଲେ ସୌମ୍ୟାଶ୍ରୀ



**ଶେଷରେ ନ୍ୟାୟ ପାଇଁ ଲଢ଼େଇ କରି ମୃତ୍ୟୁକୁ ଆପଣାଇଲେ ଛାତ୍ରୀ ସୌମ୍ୟାଶ୍ରୀ ବିଶି । ୩ ଦିନ ଧରି ଏମ୍ସ ହସ୍ପିଟାଲରେ ଜୀବନସହ ସଂଗ୍ରାମ କରି ଶେଷରେ ହାରିଗଲେ । ସୌମ୍ୟାଶ୍ରୀଙ୍କୁ ନେଇ ରାଜ୍ୟବାସୀ ଓ ତାଙ୍କ ଗାଁ ଆଜି ସ୍ତମ୍ଭୀଭୂତ ହୋଇଯାଇଛନ୍ତି । ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରି ସେ ଯେଉଁ ସାହସିକତା ଦେଖାଇଥିଲେ ତାହାକୁ ସବୁ ମହଲରେ ବେଶ୍ ପ୍ରଶଂସା କରାଯାଉଛି । ନିଜ ଜୀବନକୁ ବାଜି ଲଗାଇଦେଲେ ହେଲେ ଅନ୍ୟାୟ ସହ ସାଲିସ କଲେନାହିଁ, ଯାହା ଏବେ ସମସ୍ତଙ୍କ ମୁହଁରେ ଶୁଣିବାକୁ ମିଳୁଛି ।**

ଭୋଗରାଇ, ୧୫।୭ (ସବ୍ୟୁ) : ଦୀର୍ଘ ମାସ ଧରି ବିଭାଗୀୟ ମୁଖ୍ୟଙ୍କ ଦ୍ୱାରା ଯୌନ ନିର୍ଯାତନାର ଶିକାର ହୋଇ ଶେଷରେ ଜୀବନ ଯୁଦ୍ଧରେ ହାରିଯାଇଛନ୍ତି ବାଲେଶ୍ୱର ଫକୀରମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ବିଏଡ୍ ଦ୍ୱିତୀୟ ବର୍ଷର ଛାତ୍ରୀ ସୌମ୍ୟାଶ୍ରୀ । ବିଭାଗୀୟ ମୁଖ୍ୟଙ୍କଦ୍ୱାରା ନିର୍ଯାତିତ ଘଟଣା ସମ୍ପର୍କରେ କଲେଜ ଉଚ୍ଚ କର୍ତ୍ତୃପକ୍ଷଙ୍କ ଠାରୁ ନ୍ୟାୟ ନ ପାଇ ଗତ ଶନିବାର ଦିନ କଲେଜ ଅଧ୍ୟକ୍ଷଙ୍କ ଅଫିସ ଆଗରେ ନିଜ ଦେହରେ ପେଟ୍ରୋଲ ଢ଼ାଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ବାଲେଶ୍ୱର ଜିଲ୍ଲା ଚିକିତ୍ସାଳୟ ଓ ପରେ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଥିଲା। ଗତ ଶନିବାର ଠାରୁ ଭୁବନେଶ୍ୱର ଏମ୍ସରେ ଛାତ୍ରୀ ମୃତ୍ୟୁ ସହିତ ସଂଗ୍ରାମ କରିଥିବାବେଳେ ସୋମବାର ବିଳମ୍ବିତ ରାତ୍ରିରେ ଏମ୍ସ କର୍ତ୍ତୃପକ୍ଷ ଛାତ୍ରୀଙ୍କ ମୃତ୍ୟୁ ଘୋଷଣା କରିଥିଲେ ।

ଏଭଳି ଅମାନବୀୟ ଦୁଃଖଦ ଖବର ପ୍ରଚାର ପରେ ବାଲେଶ୍ୱର ସମେତ ଅଞ୍ଚଳ ଭୋଗରାଇ ଅଞ୍ଚଳର ସମସ୍ତେ ସ୍ତମ୍ଭୀଭୂତ ହୋଇଛନ୍ତି । ଛାତ୍ରୀଙ୍କ ମୃତଦେହ ଭୁବନେଶ୍ୱର ରୁ ଭୋଗରାଇ ଜନ୍ମମାଟିକୁ ପୋଲିସ, ପ୍ରଶାସନ କଡା ସୁରକ୍ଷା ମଧ୍ୟରେ ମଙ୍ଗଳବାର ସକାଳ ସାଢେ ୮ ଟା ଅଣାଯାଇଥିଲା ।ଭୋଗରାଇ ଥାନା ଛକଠାରେ ହଜାର ହଜାର ସାଧାରଣ ଲୋକ, ରାଜନେତା, ଛାତ୍ରୀ ଛାତ୍ର, ଛାତ୍ର ସଂଗଠନ, ମହିଳା ସଂଗଠନ ଛାତ୍ରୀଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ଦେବାନିମନ୍ତେ ରୁଣ୍ଡ ହୋଇଥିବାବେଳେ ସୁରକ୍ଷା ଦୃଷ୍ଟିରୁ ବିଶାଳ ପୋଲିସ ବାହିନୀ ମୁତୟନ କରାଯାଇଥିଲା । ଛାତ୍ରୀଙ୍କ ମୃତଦେହ ଆମ୍ବୁଲାନ୍ସ ରେ ଭୋଗରାଇ ଥାନାଛକରେ ପହଞ୍ଚିବାପରେ ମୃତା ଛାତ୍ରୀଙ୍କୁ ଆଣିଥିବା ଆମ୍ବୁଲାନ୍ସ ଗାଡି ଅଟକି ନଥିବାରୁ ବିଧାୟକ ଗୌତମ ବୁଦ୍ଧ ଦାସ ଏବଂ ବିଜେଡିର ଛାମୁଆ ନେତାମାନେ ଗାଡି ଅଟକାଇବାକୁ ଚେଷ୍ଟା କରିଥିଲେ । ପୋଲିସ ବାଧା ଦେବାରୁ ଏହି ସମୟରେ ଗାଡି ସମ୍ମୁଖ ଭାଗକୁ ବିଜେଡି ସମର୍ଥକ ମାନେ ମାଡିଯାଇ ଗାଡିକୁ ଅଟକାଇବା ସହିତ ବସିପଡି ସରକାର ବିରୋଧୀ ସ୍ଲୋଗାନ ଦେଉଥିବା ବେଳେ ଉତ୍ତେଜନା ପ୍ରକାଶ ପାଇଥିଲା । ପୋଲିସ ଓ ପ୍ରଶାସନ ତରବରିଆ ଭାବେ ସେଠାରୁ କୌଶଳକ୍ରମେ ଗାଡିଚାଳନା କରି ମୃତା ଛାତ୍ରୀଙ୍କ ଘର ପଳାସିଆ ଗ୍ରାମରେ ପହଞ୍ଚାଇଥିଲେ। ସେଠାରେ ଗାଁ ଲୋକ ସଂକିର୍ତ୍ତନ ଶବ ଗାଡ଼ିକୁ ପାଛୋଟି ଆଣିଥିଲେ। ପରେ ପରିବାରର ଆତ୍ମୀୟ ସ୍ୱଜନଙ୍କ କାନ୍ଦ ବୋବାଳିରେ ସମଗ୍ର ପରିବେଶ ଶୋକାଭିଭୂତ କରିଥିଲା । ଭୋଗରାଇ ବିଧାୟକ ଓ ବିଜେଡିର ଛାମୁଆ ନେତାମାନେ ପୁଷ୍ପ ମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ବାଲେଶ୍ୱର ଏମପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସହ ୩ ବିଧାୟକ ଓ ଭାଜପା ନେତୃମଣ୍ଡଳୀ ମୃତା ଛାତ୍ରୀଙ୍କୁ ପୁଷ୍ପ ମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଦେଉଥିବାବେଳେ ବିଜେଡି ସମର୍ଥକ ମାନେ ପ୍ରତାପ ଷଡ଼ଙ୍ଗୀ ହାଏ ହାଏ ବୋଲି ସ୍ଲୋଗାନ ଦେବାବେଳେ ଭଜପାନେତାମାନେ ଏମପିଙ୍କୁ କର୍ଡନକରି ବାହାରକୁ ଆଣିଥିଲେ । ଆଇନ ଶୃଙ୍ଖଳା ଦୃଷ୍ଟିରୁ ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଖୁବ କମ ସମୟ ମଧ୍ୟରେ ଛାତ୍ରୀଙ୍କ ଶବକୁ ଗାଁ ଶ୍ମଶାନକୁ ନିଆଯାଇଥିଲା ପ୍ରାୟ୧୦ ହଜାରରୁ ଉର୍ଦ୍ଧ ଲୋକେ ଭାବ ବିହଳ ହୋଇ ସୌମ୍ୟାଶ୍ରୀ (୯ ପୃଷ୍ଠାରେ)



- ଗାଁ ମାଟିରେ ଶୋକାକୁଳ ପରିବେଶରେ ଶେଷକୃତ୍ୟ
- ସାନଭାଇ ଦେଲେ ମୁଖାଗ୍ନି
- କାନ୍ଦ ବୋବାଳିରେ ଫାଟି ପଡ଼ିଲା ଗାଁ ଦାଣ୍ଡ
- ଅନ୍ତିମ ଶୋଭାଯାତ୍ରାରେ ସାମିଲ ହେଲେ ରାଜନେତା

## ମୁଖ୍ୟମନ୍ତ୍ରୀଙ୍କ ଦୁଃଖ ପ୍ରକାଶ, ୨୦ ଲକ୍ଷ ଟଙ୍କା ସହାୟତା

ଭୁବନେଶ୍ୱର, ୧୫।୭ (ସବ୍ୟୁ) : ଫିକିରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ପୀଡିତା ଛାତ୍ରୀଙ୍କ ଦେହାନ୍ତ ଖବରକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ଦିବଂଗତ ଆତ୍ମାର ସଦଗତି ପ୍ରାର୍ଥନା କରିଛନ୍ତି । ସମ୍ପୃକ୍ତ ଘଟଣାର ଉପଯୁକ୍ତ ତଦନ୍ତ କରି ସମସ୍ତ ଦୋଷୀଙ୍କୁ ଆଇନ ଅନୁଯାୟୀ କଠୋରରୁ ଅତି କଠୋର ଦଣ୍ଡ ବିଧାନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ମୃତ ଛାତ୍ରୀଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ରିଲିଫ ପାଣ୍ଠିରୁ ୨୦ ଲକ୍ଷ ଟଙ୍କାର ସହାୟତା ଘୋଷଣା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ନବୀନଙ୍କ ଦୁଃଖ ପ୍ରକାଶ

ଭୁବନେଶ୍ୱର, ୧୫।୭ (ସବ୍ୟୁ) : ଏଫଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ବିୟୋଗରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି । ସୋସିଆଲ ମିଡିଆରେ ସେ ଉଲ୍ଲେଖ କରିଛନ୍ତି ଯେ ପୀଡିତା ଚାତ୍ରୀଙ୍କ ଦେହାନ୍ତ ବିଷୟ ଜାଣି ସେ ଦୁଃଖିତ ଓ ମର୍ମାହତ। ଏପରି ସମୟକୁ ସାମ୍ନା କରିବାକୁ ମହାପ୍ରଭୁ ପରିବାର ଲୋକଙ୍କୁ ଅସୀମ ଧୈର୍ଯ୍ୟ ଦିଅନ୍ତୁ । ଆମକୁ ଏହା ମଧ୍ୟ ବିଚଳିତ କରୁଛି ଯେ ଗୋଟେ ବିଫଳ ବ୍ୟବସ୍ଥା ଜଣଙ୍କ ଜୀବନ ନେଇପାରେ। ଏହା କୌଣସି ଦୁର୍ଘଟଣା ନୁହେଁ, ଏପରି ଏକ ବ୍ୟବସ୍ଥାର ଫଳ ଯାହା ସାହାଯ୍ୟ କରିବା ବଦଳରେ ଚୁପ୍ ରହିବା ତାହା ସବୁଠୁ କଷ୍ଟ ଦାୟକ। (୯ ପୃଷ୍ଠାରେ)

## ବ୍ୟବସ୍ଥାକୁ ଦାୟୀ କଲେ ରାହୁଲ

ନୂଆଦିଲ୍ଲୀ, ୧୫।୭ (ସବ୍ୟୁ) : ଛାତ୍ରୀ ସୌମ୍ୟଶ୍ରୀଙ୍କ ମୃତ୍ୟୁ ଘଟଣାରେ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ସୋସିଆଲ ମିଡିଆରେ ସେ ଉଲ୍ଲେଖ କରିଛନ୍ତି ଯେ ଏକ ବ୍ୟବସ୍ଥା ଦ୍ୱାରା ସିଧା ସିଧା ହତ୍ୟା କରାଯାଇଛି । ବାହାଦୂର ଛାତ୍ରୀଜଣକ ଯୌନ ଶୋଷଣ ବିରୋଧରେ ଆବାଜ ଉଠାଇଥିଲା। ନ୍ୟାୟ ଦେବା ପରିବର୍ତ୍ତେ ତାକୁ ଧମକ ଦିଆଗଲା ଓ ପ୍ରତାଡିତ ସହ ବାରମ୍ବାର ଅପମାନ ଦିଆଗଲା । ସବୁଥର ଭଳି ବ୍ୟବସ୍ଥା ଦୋଷୀଙ୍କୁ ବଞ୍ଚାଇବାକୁ ଚାହୁଁଛି । ଏକ ନିରୀହ ଝିଅର ଜୀବନ ଯିବାକୁ ବାଧ୍ୟ କରିଛି । ଏହା ଆତ୍ମହତ୍ୟା ନୁହେଁ ସଂଗଠିତ ହତ୍ୟା ବୋଲି ସେ କହିଛନ୍ତି । ସେହିଭଳି କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ମଧ୍ୟ ଦୁଃଖ ପ୍ରକାଶ କରିବା ସହ ଉଲ୍ଲେଖ କରିଛନ୍ତି ଯେ ଛାତ୍ରୀ ଜଣକ ତାହା ଉପରେ ହୋଇଥିବା ଅତ୍ୟାଚାର ନେଇ ସ୍ୱର ଉଠାଇଥିଲା। (୯ ପୃଷ୍ଠାରେ)

## ଏଚଓଡ଼ିଙ୍କ ବଦଳି ସୁପାରିଶ କରିଥିଲା କମିଟି

ବାଲେଶ୍ୱର, ୧୫।୭ (ସବ୍ୟୁ): ଏଫଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମହତ୍ୟା ଘଟଣାକୁ ନେଇ ମୁହଁ ଖୋଲିଛି କଲେଜରେ ତଦନ୍ତ କରୁଥିବା ଆଭ୍ୟନ୍ତରୀଣ ଅଭିଯୋଗ କମିଟି ରିପୋର୍ଟ ଜଣାପଡ଼ିଛି । ଏଚଓଡି ସମୀର ସାହୁ ମାନସିକ ନିର୍ଯାତନା ସହ ଫେଭର ମାଗୁଥିବା ଅଭିଯୋଗର ତଦନ୍ତ କରୁଥିଲା ଆଭ୍ୟନ୍ତରୀଣ ଅଭିଯୋଗ କମିଟି ସୌମ୍ୟାଶ୍ରୀ ଏବଂ ଅନେକ ଛାତ୍ରୀଙ୍କ ଅଭିଯୋଗ ଆଧାରରେ ଏଚଓଡି ସମୀର ସାହୁଙ୍କୁ ପଦରୁ ହଟେଇବାକୁ କମିଟି ସୁପାରିସ କରିଥିଲା । ହେଲେ ଅଧ୍ୟକ୍ଷ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନଥିବାରୁ (୯ ପୃଷ୍ଠାରେ)

## ନ୍ୟାୟ ଦାବିରେ ରାଜ୍ୟବ୍ୟାପୀ ପ୍ରତିବାଦ

ଭୁବନେଶ୍ୱର, ୧୫।୭ (ସବ୍ୟୁ): ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାରେ ସାରା ରାଜ୍ୟରେ ବିଦ୍ରୋହ ନିଆଁ ଜଳିଛି । ବଭିନ୍ନ ସ୍ଥାନରେ ରାସ୍ତାରୋକ, ବିକ୍ଷୋଭ ପ୍ରଦର୍ଶନ ସହିତ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି । ସୌମ୍ୟାଶ୍ରୀଙ୍କ ମୃତ୍ୟୁ ନେଇ ସାଧାରଣ ଜନତା, ବିରୋଧୀ ଦଳର ନେତା, ବୁଦ୍ଧିଜୀବୀ ପ୍ରମୁଖ ସରକାରଙ୍କୁ ଟାର୍ଗେଟ କରୁଛନ୍ତି । ଅନ୍ୟପଟେ ରାଜ୍ୟ ସରକାର ଏହି ଘଟଣାରେ ସଂପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ଆରମ୍ଭ କରିଛନ୍ତି । ଘଟଣାର ଅଧିକ ତଦନ୍ତ ଜାରି ରହିଛି ।

କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବିଭିନ୍ନ ଛାତ୍ର ସଂଗଠନ ପକ୍ଷରୁ ଜଗନ୍ନାଥ ମହାବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବା ସହ ମୁଖ୍ୟମନ୍ତ୍ରୀ (୯ ପୃଷ୍ଠାରେ)

## ଆଜି ସକାଳ ୯ରୁ ଆସିବେ ଲୋକସେବାଭବନ କର୍ମଚାରୀ

ଭୁବନେଶ୍ୱର, ୧୫।୭ (ସବ୍ୟୁ) : ଆସନ୍ତାକାଲି ଲୋକସେବାଭବନ ଘେରାଉ ଲାଗି ବିଜେଡି ଘୋଷଣା କରିବା ପରେ ସରକାରୀ କର୍ମଚାରୀଙ୍କ ଲାଗି ଗାଇଡଲାଇନ୍ ଜାରି କରାଯାଇଛି । ଲୋକସେବାଭବନ, ଖାରବେଳଭବନ, ରାଜୀବଭବନ, କୃଷିଭବନ ଓ ବିଭାଗୀୟ ମୁଖ୍ୟାଳୟରେ କାର୍ଯ୍ୟରତ କର୍ମଚାରୀମାନେ ଆସନ୍ତାକାଲି ୯ଟା ପୂର୍ବରୁ ଅଫିସ ଆସିବାକୁ ତାଗିଦ୍ କରାଯାଇଛି । ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ଆରକେ ଶର୍ମା ସଚିବ ଓ ସ୍ୱତନ୍ତ୍ର ସଚିବଙ୍କୁ ଚିଠି ଲେଖିଛନ୍ତି। ଏହିସବୁ ସରକାରୀ ପ୍ରତିଷ୍ଠାନରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ଲୋକସେବାଭବନର ମୁଖ୍ୟ ଦ୍ୱାର ବନ୍ଦ ରହିବ। (୯ ପୃଷ୍ଠାରେ)

### ସୌମ୍ୟାଶ୍ରୀ ମୃତ୍ୟୁ ମାମଲା

## ୟୁଜିସିର ୪ ଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ କମିଟି

ଭୁବନେଶ୍ୱର, ୧୫।୭ (ସବ୍ୟୁ): ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶି ମୃତ୍ୟୁ ମାମଲାରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଦ୍ୱାରା ଫ୍ୟାକଫ ଫାଇଣ୍ଡିଂ କମିଟି ଗଠନ ହୋଇଛି ।ୟୁଜିସି ପକ୍ଷରୁ ଏନେଇ ମଙ୍ଗଳବାର ନିର୍ଦ୍ଦେଶନାମା ଜାରି ହୋଇଛି ।

ପ୍ରଫେସର ରାଜ୍ କୁମାର ମିତ୍ତଲ ଏହି କମିଟିର ଅଧ୍ୟକ୍ଷତା କରିବେ । ଏହି କମିଟିରେ ଅନ୍ୟ ୩ ଜଣଙ୍କୁ ସାମିଲ କରାଯାଇଛି ।ୟୁଜିସିର ପୂର୍ବତନ ସଦସ୍ୟ ପ୍ରଫେସର ସୁଷମା ଯାଦବ, ଅହମଦାବାଦସ୍ଥିତ ଗୁଜରାଟ ବିଶ୍ୱବିଦ୍ୟାଳୟର କୁଳପତି ଡ. ନୀର୍ଜା ଗୁପ୍ତା ସଦସ୍ୟ ରହିଥିବା ବେଳେୟୁଜିସିର ଯୁଗ୍ମ ସଚିବ ଡ. ଅସୀମା ମଙ୍ଗଳା ସଂଯୋଜକ ଅଧିକାରୀ ଅଛନ୍ତି ।

ନୂଆଦିଲ୍ଲୀସ୍ଥିତ ଗୁରୁ ଗୋବିନ୍ଦ ସିଂହ ଇନ୍ଦ୍ରପ୍ରସ୍ଥ ବିଶ୍ୱବିଦ୍ୟାଳୟ

### ୭ ଦିନରେ ରିପୋର୍ଟ ଦେବେ

ଓୟୁଜିସି ସଦସ୍ୟ ପ୍ରଫେସର ଶ୍ରୀ ମିତ୍ତଲଙ୍କ ଅଧ୍ୟକ୍ଷତାରେ ଏହି କମିଟିର ସଦସ୍ୟମାନେ ଘଟଣାର ସମସ୍ତ ଦିଗକୁ ଅନୁଧ୍ୟାନ କରି ରିପୋର୍ଟ ପ୍ରସ୍ତୁତ କରିବ । ଏହାକୁ ୭ଦିନ ଭିତରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ସୂଚନାଯୋଗ୍ୟ, କଲେଜ ଛାତ୍ରୀ ସେମ୍ୟାଶ୍ରୀ ବିଶି ଗତ ୧୨ ତାରିଖ ମଧ୍ୟାହ୍ନରେ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ । ଖୁବ୍ କମ୍ ସମୟ ମଧ୍ୟରେ ତାଙ୍କ ଦେହ ଭୟାନକ ଭାବେ ଜଳି ଯାଇଥିଲା । ପ୍ରଥମେ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା । ଶରୀରର ୯୫ ପ୍ରତିଶତ ଅଂଶ ପୋଡ଼ି ଯାଇଥିବାବେଳେ ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିଲା । ସୋମବାର ରାତି ୧୧.୪୫ରେ ଜୀବନ (୯ ପୃଷ୍ଠାରେ)

## ଆଜି ବିଜେଡିର ବାଲେଶ୍ୱର ବନ୍ଦ, ଲୋକସେବା ଭବନ ଘେରାଉ

ଭୁବନେଶ୍ୱର, ୧୫।୭ (ସବ୍ୟୁ) : ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାରେ ଏବେ ବିଜେଡି ରାସ୍ତାକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛି। ଆସନ୍ତା କାଲି ବାଲେଶ୍ୱର ଜିଲ୍ଲାରେ ବିଜେଡି ୮ ଘଣ୍ଟିଆ ବନ୍ଦ ଡାକରା ଦେଇଥିବାବେଳେ ଆସନ୍ତାକାଲି ମଧ୍ୟ ଲୋକସଭା ଭବନ ଘେରାଉ କରାଯିବ। ସକାଳ ୧୦ଟାରୁ ଏହି ଘେରାଉ କାର୍ଯ୍ୟକ୍ରମ ଆରମ୍ଭ କରାଯିବ।

ଛାତ୍ରୀ ମୃତ୍ୟୁ ଘଟଣାରେ ହାଇକୋର୍ଟ କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ତଦନ୍ତ କରାଯାଉ ବୋଲି ବିଜେଡି ଦାବି କରିଛି। ଏକ ସାମ୍ବାଦିକ ସମ୍ମିଳନୀରେ ଦେବୀ ପ୍ରସାଦ ମିଶ୍ର, ସଞ୍ଜୟ ଦାସବର୍ମା ଓ ପ୍ରତାପ ଜେନା କହିଛନ୍ତି ଯେ ପୀଡିତା ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କୁ ମଧ୍ୟ ଅବଗତ କରାଇଥିଲା। ଏହାକୁ ଅଣଦେଖା କରିବାରୁ ଅଭାବନୀୟ ଘଟଣା ଘଟିଲା। ଏହା ସମଗ୍ର ରାଜ୍ୟବାସୀଙ୍କୁ ଆନ୍ଦୋଳିତ କରିଛି। ଏହି ଦୁଃଖଦ ଘଟଣାର ମୃତ ଛାତ୍ରୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଓ ସଂହତି ଦଳ ଜଣାଉଛି। ଏହି ଘଟଣାର ଅଭିଯୁକ୍ତ ଅଧ୍ୟାପକ, କଲେଜ ଅଧ୍ୟାପକଙ୍କ ବ୍ୟତୀତ ଯେଉଁମାନଙ୍କ ନାମରେ ଅଭିଯୋଗ ଅଛି ସମସ୍ତଙ୍କୁ ତଦନ୍ତ ପରିସରଭୁକ୍ତ କରିବା ଆବଶ୍ୟକ। ଗତ ବର୍ଷକ ମଧ୍ୟରେ ମହିଳା ଓ ଛାତ୍ରୀ ନିର୍ଯାତନା ଉଦବେଗ ଜନକ ଭାବେ ବୃଦ୍ଧି ପାଇଛି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ଅଭିଯୋଗ କରାଯାଇଥିଲେ ବି ନ୍ୟାୟ ଦେବା ପରିବର୍ତ୍ତେ ମାମଲାକୁ ପଞ୍ଜୀକୃତ କରାଗଲାନାହିଁ। ଶେଷରେ ଛାତ୍ରୀ ଜଣକ ଏପରି (୯ ପୃଷ୍ଠାରେ)

## ୧୭ରେ କଂଗ୍ରେସର ଓଡ଼ିଶା ବନ୍ଦ

ଭୁବନେଶ୍ୱର, ୧୫।୭ (ସବ୍ୟୁ) : ଚାତ୍ରୀ ସୌମ୍ୟଶ୍ରୀଙ୍କ ମୃତ୍ୟୁ ପ୍ରତିବାଦରେ ରାଜ୍ୟ କଂଗ୍ରେସ ପକ୍ଷରୁ ୧୭ ଜୁଲାଇରେ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ଏହାଛଡା ଏହି ଦୁଃଖଦ ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ ପାଇଁ ହାଇକୋର୍ଟର କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ତଦନ୍ତ କରିବାକୁ ଦାବି କରାଯାଇଛି। ନୈତିକତା ଦୃଷ୍ଟିରୁ ଉଚ୍ଚଶିକ୍ଷାମନ୍ତ୍ରୀ, ବାଲେଶ୍ୱର ସାଂସଦ ଓ ବାଲେଶ୍ୱର ବିଧାୟକ ଇସ୍ତଫା ଦେବାକୁ ଦାବି କରାଯାଇଛି। ସେହିପରି ସାଂସଦ, ବିଧାୟକ, ଜିଲ୍ଲାପାଳ ଓ ଏସପିଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ରାଜ୍ୟ କଂଗ୍ରେସ ଦାବି କରିଛି।

ଅପରପକ୍ଷରେ ପିସିସି ସଭାପତି ଭକ୍ତଚରଣ ଦାସ ଆଜି ମୌମ୍ୟଶ୍ରୀଙ୍କ ପରିବାରକୁ ତାଙ୍କ ଗାଁରେ ଭେଟିଛନ୍ତି। ଭୋଗରାଇ ବ୍ଲକର ପଳାଶିଆକୁ ଯାଇ ପରିବାରକୁ ଭେଟି ଆଶ୍ୱାସନା ଦେଇଛନ୍ତି । ପରିବାରକୁ ସମବେଦନା ଦେବାସହ ନ୍ୟାୟ ପାଇଁ ଲଢ଼େଇ କରାଯିବ ବୋଲି କହିଛନ୍ତି। ଭକ୍ତଙ୍କ ସହିତ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ ଉପସ୍ଥିତ ଥିଲେ । କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ନିରାପତ୍ତା ନାହିଁ। ଜାଲିଆତି,ପାତରଅନ୍ତର, ମାର୍କ ପାଇଁ ମାନସିକ ଚାପ, କ୍ୟାରିୟର ପାଇଁ ଯୌନ ନିର୍ଯାତନା ଭଳି ଘଟଣା ଅତ୍ୟନ୍ତ ଚିନ୍ତାଜନକ। ସମଗ୍ର ବ୍ୟବସ୍ଥାରେ ଦୁର୍ନୀତି କର୍କଟ ରୋଗ ଭଳି ଗ୍ରାସ କରିଛି। ମାଲକାନଗିରିରେ ସାମ୍ବାଦିକଙ୍କୁ ହତ୍ୟା, ଗଞ୍ଜାମ ଜିଲ୍ଲାରେ ମହିଳାଙ୍କୁ ଗଣଦୁଷ୍କର୍ମ, ଗୋପାଳପୁରରେ ଯୁବତୀଙ୍କୁ ଗଣଦୁଷ୍କର୍ମ, ଧରାକୋଟରେ (୯ ପୃଷ୍ଠାରେ)

## ମହାକାଶରୁ ଫେରିଲେ ଶୁଭାଂଶୁ

ନୂଆଦିଲ୍ଲୀ, ୧୫।୭ : ମହାକାଶରୁ ଶୁଭାଂଶୁ ଶୁକ୍ଲା ପୃଥିବୀ ପୃଷ୍ଠକୁ ଫେରିଛନ୍ତି । ୧୮ ଦିନ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନରେ ରହିବା ପରେ ସେ ପୃଥିବୀ ଫେରି ଆସିଛନ୍ତି। ଶୁଭାଂଶୁ ଓ ଅନ୍ୟ ୩ ଜଣ ମହାକାଶଚାରୀ ସୋମବାର ଅପରାହ୍ନରେ ପୃଥିବୀ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ୨୨ ଘଣ୍ଟାର ଯାତ୍ରା ପରେ ଆଜି ଦିନ ୩ଟା ପରେ ଶୁଭାଂଶୁ ଓ ଅନ୍ୟ ମହାକାଶଚାରୀଙ୍କୁ ଧରି ଆସିଥିବା ସ୍ପେଶ୍ ଏକ୍ସର ଡ୍ରାଗନ କାଲିଫର୍ଣ୍ଣିଆ ଉପକୂଳବର୍ତ୍ତି



### ସ୍ୱାଗତ ଜଣାଇଲେ ପ୍ରଧାନମନ୍ତ୍ରୀ

ସମୁଦ୍ରରେ ଅବତରଣ କରିଛି। ଅବତରଣ ପରେ ୪ ମହାକାଶଚାରୀ ସୁରକ୍ଷିତ ଭାବେ ବାହାରିଛନ୍ତି। ସମସ୍ତଙ୍କୁ ସ୍ଥଳ ଭାଗକୁ ଅଣାଯାଇଛି। ୧୮ ଦିନ କାଳ ମହାକାଶରେ ଥିବାରୁ ପ୍ରଥମେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହେବ। ପୃଥିବୀ ସହ ଖାପ ଖୁଆଇବା ପାଇଁ ୭ ଦିନ କାଳ ସ୍ୱତନ୍ତ୍ର କେନ୍ଦ୍ରରେ ରଖାଯିବ। ଏହାପରେ ସେମାନେ ସ୍ୱାଭାବିକ ଜୀବନ ବିତାଇବା ଆରମ୍ଭ କରିବେ । ଭାରତ ବ୍ୟତିତ ଆମେରିକା, ପୋଲାଣ୍ଡ, ହେଙ୍ଗେରିର ୩ ବୈଜ୍ଞାନିକ ମହାକାଶକୁ ଯାଇଥିଲେ। ଭାରତ ଭଳି ହଙ୍ଗେରୀ ଓ ପୋଲାଣ୍ଡ ପାଇଁ ମଧ୍ୟ ଏହା ଐତିହାସିକ ଥିଲା। ୪ ଦଶନ୍ଧୀ ପରେ ଏହି ଦେଶଗୁଡ଼ିକର ମହାକାଶଚାରୀମାନେ (୯ ପୃଷ୍ଠାରେ)

### ଆଜି ଜନ୍ମଦିନ

## ଅରୁଣା ଆସଫ୍ ଅଲ୍ଲୀ

ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଉଲ୍ଲେଖନୀୟ ଅବଦାନ ଦେଇଥିବା ଜଣେ ଆଗଧାଡିର ସ୍ୱାଧୀନତା ସଂଗ୍ରାମୀ ହେଲେ ଅରୁଣା ଆସଫ୍ ଅଲ୍ଲୀ । ୧୯୦୯ ମସିହାରେ ଜୁଲାଇ ୧୬ ତାରିଖରେ ତତ୍କାଳୀନ ପଞ୍ଜାବ ରାଜ୍ୟ (ବର୍ତ୍ତମାନ ହରିୟାଣା ପ୍ରଦେଶରେ ଅବସ୍ଥିତ)ରେ ଥିବା କାଲକାଠାରେ ବଙ୍ଗାଳୀ ବ୍ରାହ୍ମଣ ପରିବାରରେ ସେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ମୂଳ ନାମ ଅରୁଣା ଗାଙ୍ଗୁଲୀ ଥିଲା । ୧୯୪୨ ମସିହାର ଭାରତ ଛାଡ଼ ଆନ୍ଦୋଳନ ସମୟରେ ବମ୍ବେର ଗୌଆଲିଆ ମଇଦାନରେ ଭାରତୀୟ ଜାତୀୟ ପତାକା ଉତ୍ତୋଳନ କରି ସେ ଦେଶ ବ୍ୟାପୀ ଚର୍ଚ୍ଚାରେ ଆସିଥିଲେ । ସ୍ୱାଧୀନତା ପରେ ସେ ରାଜନୀତିରେ ସକ୍ରିୟ ରହିବା ସହ ୧୯୫୮ ମସିହାରେ ଦିଲ୍ଲୀର ପ୍ରଥମ ମେୟର ହେବାର ଗୌରବ ଅର୍ଜନ କରିଥିଲେ । ୧୯୯୭ ମସିହାରେ ତାଙ୍କୁ ମରଣୋତ୍ତର ଭାବରେ ଭାରତର ସର୍ବୋଚ୍ଚ ନାଗରିକ ସମ୍ମାନ ଭାରତରତ୍ନ ପ୍ରଦାନ କରାଯାଇଥିଲା । ଅରୁଣା ପ୍ରଥମେ ଲାହୋରର ସାକ୍ରେଡ଼ ହାର୍ଟ କନଭେଣ୍ଟ, ପରେ ନୈନିତାଲର ଅଲ୍ ସେଣ୍ଟ କଲେଜରେ ଶିକ୍ଷା ଲାଭ କରିବା ପରେ କଲିକତାର ଗୋଖଲେ ମେମୋରିଆଲ ସ୍କୁଲରେ ଶିକ୍ଷକତା କରିଥିଲେ । ଅସଫ୍ ଅଲ୍ଲୀଙ୍କୁ ବିବାହ କରିବା ପରେ ସେ କଂଗ୍ରେସ ଦଳର ପ୍ରାଥମିକ ସଦସ୍ୟତା ନେବା ସହ ମହାତ୍ମା ଗାନ୍ଧୀଙ୍କ ଲବଣ ସତ୍ୟାଗ୍ରହରେ ଯୋଗଦାନ କଲେ । ଏହି ଠାରୁ ଆରମ୍ଭ ହୋଇଥିଲା ତାଙ୍କର ସ୍ୱାଧୀନତା ସଂଗ୍ରାମର ଯାତ୍ରା । ତାଙ୍କ ଜୀବନରେ ଏଭଳି ଅନେକ ଉଦାହରଣ ରହିଛି ଯାହା ଆଜି ବି ସମସ୍ତଙ୍କ ପାଇଁ ପ୍ରେରଣା ସାଜିଥାଏ । ଏହି ପ୍ରେରଣାଦାୟୀ ମହିଳା ୮୭ ବର୍ଷ ବୟସରେ ୧୯୯୬ ମସିହା ୨୯ ଜୁଲାଇରେ ପରଲୋକ ଗମନ କରିଥିଲେ ।



## ସୋସିଆଲ କୋଟ୍ସ

“ଦିଲ୍‌ଜିତ ଯାହା କରିଛନ୍ତି ତାହା ସମ୍ପୂର୍ଣ୍ଣ ଭୁଲ, ତାଙ୍କୁ ଏପରି କରିବାର ହିଁ ନଥିଲା । ମୁଁ ତାଙ୍କ ସ୍ଥାନରେ ଥିଲେ କେବେ ବି ଏଭଳି ନିଷ୍ପତ୍ତି ନେଇ ନଥାଆନ୍ତି ।

ଅନୁପମ ଖେର, ଅଭିନେତା





“ଟି ସିରିଜ୍ କେବେ ବି ମ୍ୟୁଜିକ୍‌ର ଲେବଲ ଉପରେ ଧ୍ୟାନ ଦେଇ ନଥାଆନ୍ତି । ସେମାନେ କେବଳ ଦେଖନ୍ତି କେଉଁ ଷ୍ଟାର ଏହି ଗୀତ ସହିତ ଜଡିତ ।

ଅନୁରାଗ କଶ୍ୟପ, ଫିଲ୍ମମେକର

“ମୋତେ ମୋ ଚରିତ୍ର ପସନ୍ଦ ଆସିଲା ନାହିଁ । ସେହିଭଳି ସ୍କ୍ରିପ୍ଟ ମଧ ସେଭଳି କିଛି ଦମଦାର ନଥିଲା, ତେଣୁ ଏହି ପ୍ରୋଜେକ୍ଟରୁ ବାହାରି ଆସିଲି ।

ବିକ୍ରାନ୍ତ ମେସି, ଅଭିନେତା





## ସର୍ଜରୀରେ ଏଆଇ ରୋବଟ

ଆମେରିକାର ଏକ ବିଶ୍ୱବିଦ୍ୟାଳୟରେ ଏଆଇ ରୋବଟ ସାହାଯ୍ୟରେ ଏକ ସର୍ଜରୀ କରାଯାଇଛି । ଏକ ଖୁବ ଜଟିଳ ପ୍ରକ୍ରିୟାକୁ ଏଆଇ ଦ୍ୱାରା କରାଯାଇଛି । ଏହି ସର୍ଜରୀରେ ଏଆଇ ରୋବଟଟି ମୃତ ଘୁଷୁରୀର ଶରୀରରୁ ପିତ୍ତକୋଷ କାଢିବାରେ ସକ୍ଷମ ହୋଇଛି । ତେବେ ପ୍ରଥମଥର ପାଇଁ ଏଆଇ ଏହି ପ୍ରକ୍ରିୟାଟି ମଣିଷଙ୍କ ବିନା ସାହାଯ୍ୟରେ କରିଛି । ଏହି ଏଆଇ ରୋବଟଟି ନିଜ ପ୍ରଶିକ୍ଷଣ ପାଇଁ ପାଖାପାଖି ୧୭ ଘଣ୍ଟାର ଭିଡିଓ ଦେଖିଥିବା ସୂଚନା ମିଳିଛି । ରୋବଟଟି ଏହାକୁ ଦୁଇଟି ଲେୟାର ସାହାଯ୍ୟରେ ଏହି ସର୍ଜରୀଟି କାର୍ଯ୍ୟକାରୀ କରିଥିଲା । ପ୍ରଥମେ ରୋବଟଟି ଏଣ୍ଡୋସ୍କୋପ ଭିଡିଓକୁ ସମୀକ୍ଷା କରିଥିଲା ଏବଂ ଏହାପରେ ସର୍ଜରୀ କରାଯାଇଥିଲା । ଦ୍ୱିତୀୟ ଭାଗରେ ଥ୍ରୀ ଡାଇମେନସ୍ନାଲ ଟୁଲଟିକୁ ସର୍ଜରୀ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ସମସ୍ତ ପ୍ରକ୍ରିୟା ମାନବ ରହିତ ଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । ଏହାର ସଫଳ ହେବା ଆଗକୁ ଚିକିତ୍ସା କ୍ଷେତ୍ରରେ ବିପ୍ଳବ ଆଣିବ ବୋଲି ସୂଚନା ମିଳିଛି ।

## ତିନି ରନ୍ ଡାଲି

**ସାମଗ୍ରୀ–** ଚଣା, ମୁଗ, ହରଡ ଡାଲିର ମିକ୍ସ ଏକ କପ୍, ହଳଦୀ, କଞ୍ଚା ଲଙ୍କା, ଲୁଣ, କଟା ପିଆଜ ୨ ଚାମଚ, କଟା ଅଦା ଏକ ଚାମଚ, କଟା ରସୁଣ ଏକ ଚାମଚ, ଜିରା ଏକ ଚାମଚ, ହେଙ୍ଗୁ ଅଳ୍ପ, ଗରମ ମସଲା ଅଧା ଚାମଚ, ଧନିଆ ପତ୍ର, ଘିଅ ।



**ପ୍ରଣାଳୀ–** ପ୍ରଥମେ ଡାଲିକୁ ହଳଦୀ, କଞ୍ଚା ଲଙ୍କା ଓ ଲୁଣ ଦେଇ ସିଝାଇ ନିଅନ୍ତୁ । ତେଲ ଗରମ କରି ଏଥିରେ ଲଙ୍କା ଓ ଜିରା ପକାନ୍ତୁ । ଏହାପରେ ଏଥିରେ କିଛି ହେଙ୍ଗୁ ପକାନ୍ତୁ । ହେଙ୍ଗୁ ପରେ ଏଥିରେ ପିଆଜ, ରସୁଣ, ଅଦା ପକାଇ ଭାଜି ନିଅନ୍ତୁ । ପିଆଜ ଭାଜି ହେବା ପରେ ଏଥିରେ ଡାଲି ମିକ୍ସକୁ ପକାଇ କିଛି ଫୁଟିବା ପାଇଁ ଛାଡି ନିଅନ୍ତୁ । ଶେଷରେ କିଛି ଗରମା ମସଲା ଓ ଧନିଆ ପତ୍ର ପକାଇ ପରଷନ୍ତୁ ତିନି ରନ୍ ଡାଲି ।

## ଇତିହାସ

୧୪୩୯– ରୋଗର ବିସ୍ତାର ଭୟରେ ଇଂଲଣ୍ଡରେ ଚୁମ୍ବନ ଉପରେ ପ୍ରତିବନ୍ଧକ ଲାଗୁ ।
୧୮୫୬– ହିନ୍ଦୁ ବିଧବା ପୁନର୍ବିବାହକୁ ଆଇନଗତ ମଞ୍ଜୁରୀ ।
୧୯୦୫– ବାଂଲାଦେଶରେ ବ୍ରିଟିଶ ସାମଗ୍ରୀ ବହିଷ୍କାର ପ୍ରସ୍ତାବକୁ ପ୍ରଥମ ମଞ୍ଜୁରୀ ।
୧୯୦୯– ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଅରୁଣା ଆସଫ୍ ଅଲ୍ଲୀଙ୍କ ଜନ୍ମ ।
୧୯୨୫– ନ୍ୟାସନାଲ୍ ଜିୟୋଗ୍ରାଫିକ୍ ଦ୍ୱାରା ପ୍ରଥମକରି ସମୁଦ୍ର ମଧର ଦୃଶ୍ୟର ପ୍ରାକୃତିକ ରଙ୍ଗୀନ ଫଟୋ ଉତ୍ତୋଳନ ।
୧୯୪୫– ଆମେରିକା ଦ୍ୱାରା ପରମାଣୁ ବମ୍‌ର ପ୍ରଥମ ପରୀକ୍ଷଣ ।
୧୯୫୧– ବ୍ରିଟେନ ଠାରୁ ନେପାଳକୁ ସ୍ୱାଧୀନତା ।
୧୯୬୯– ଆମେରିକାର କ୍ୟାପ୍ କେନେଡି ଷ୍ଟେସନରୁ ଆପୋଲୋ ୧୧ ମହାକାଶ ଯାନ ତିନିଜଣ ମହାକାଶଚାରୀଙ୍କୁ ନେଇ ପ୍ରଥମକରି ଚନ୍ଦ୍ର ଅଭିମୁଖେ ଯାତ୍ରା କଲା ।
୧୯୮୧– ଭାରତ ଦ୍ୱାରା ପରମାଣୁ ପରୀକ୍ଷଣ ।
୨୦୦୭– ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା ୱାଜିଦଙ୍କୁ ଗିରଫ କରାଗଲା ।
୨୦୧୫– ବୈଜ୍ଞାନିକଙ୍କ ଦ୍ୱାରା ପ୍ଲୁଟୋ ଗ୍ରହର ନିକଟ ଫଟୋ ଜାରି ।

## ସଲମାନ ନଥିଲେ ପ୍ରଥମ ପସନ୍ଦ

ମନେପଡ଼େ

ସଲମାନଙ୍କର ଚୁଲବୁଲ୍ ପାଣ୍ଡେ ଚରିତ୍ର ବେଶ୍ ପରିଚିତ । ତାଙ୍କର ଫ୍ୟାନଙ୍କର ଏହା ହେଉଛି ପସନ୍ଦର ଚରିତ୍ର । ହେଲେ ଏହି ଚରିତ୍ର ପାଇଁ ନିର୍ଦ୍ଦେଶକଙ୍କର କିନ୍ତୁ ପ୍ରଥମ ପସନ୍ଦ ସଲମାନ ନଥିଲେ । ଏହି ସୂଚନା ଦେଇଛନ୍ତି ସଲମାନଙ୍କର ନିଜଭାଇ ଅରବାଜ ଖାନ୍ । ଦବଙ୍ଗ ଫିଲ୍ମର ନିର୍ଦ୍ଦେଶକ ଅଭିନବ କଶ୍ୟପଙ୍କର ସଲମାନ ନୁହେଁ ବରଂ ଇରଫାନ ଖାନ୍ ଓ ରଣଦୀପ ହୁଡ୍ଡା ଚୁଲବୁଲ ପାଣ୍ଡେ ପାଇଁ ପ୍ରଥମ୍ ଅପସନ୍ ଥିଲେ । ହେଲେ କୌଣସି କାରଣରୁ ସେମାନେ ଏହି ଫିଲ୍ମ ପାଇଁ ଫାଇନାଲ ହୋଇନଥିଲେ ଏବଂ ଏହାପରେ ମେକର୍ସ ସଲମାନଙ୍କୁ ଏହି ଚରିତ୍ର ପାଇଁ ଆପ୍ରୋଚ୍ କରିଥିଲେ । ସଲମାନ ଏଥିରେ ରାଜି ହୋଇଥିଲେ ଏବଂ ଫିଲ୍ମ ପ୍ରସ୍ତୁତ ହୋଇଥିଲା । ଅରବାଜଙ୍କର ଏକ ପୁରୁଣା ସାକ୍ଷାତକାର ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ସେ ଏହି ସୂଚନା ଦେଇଛନ୍ତି । ବର୍ତ୍ତମାନ ସଲମାନ ନିଜର ଅପକମିଂ ପ୍ରୋଜେକ୍ଟ ଟାଇଗର–୩କୁ ନେଇ ବ୍ୟସ୍ତ ଅଛନ୍ତି । ଏଥିରେ ତାଙ୍କ ସହିତ କ୍ୟାଟ୍ରିନା କେଫ୍ ସ୍କ୍ରିନ୍ ସେୟାର କରିବେ ।



## ସମ୍ପର୍କରେ ମୋହର

ଜାହ୍ନବୀ କପୁର ଓ ଶିଖର ପାହାଡିଆଙ୍କ ସମ୍ପର୍କକୁ ନେଇ ଅନେକ ସମୟରେ ଚର୍ଚ୍ଚା ହୋଇଥାଏ । ଉଭୟଙ୍କୁ ଅନେକ ସମୟରେ ଏକାଠି ସମୟ ବିତାଉଥିବାର ମଧ ଦେଖିବାକୁ ମିଳିଥାଏ । ପାର୍ଟି, ଫଙ୍କସନ୍, ମନ୍ଦିର ଆଦି ସ୍ଥାନରେ ଦୁଇଜଣଙ୍କୁ ଏକାଠି ଦେଖିବାକୁ ମିଳିଥାଏ । ତେବେ ନିକଟରେ ଜାହ୍ନବୀଙ୍କ ଏକ ଫଟୋ ଖୁବ ଭାଇରାଲ ହେବାରେ ଲାଗିଛି । ଏଥିରେ ସେ ଶିଖର ପାହାଡିଆଙ୍କର ଫଟୋଥିବା ଟି ସାର୍ଟ ପିନ୍ଧିଥିବା ଦେଖିବାକୁ ମିଳୁଛି । ଏହି ଟିସାର୍ଟ ଉଭୟଙ୍କ ସମ୍ପର୍କରେ ମୋହର ମାରିଥିବାନେଇ ଚର୍ଚ୍ଚା ହେଉଛି । ସୂଚନା ଅନୁସାରେ ନିକଟରେ ରାଧିକା ଓ ଅନନ୍ତଙ୍କ ବିବାହ ବାର୍ଷିକି ଅବସରରେ ସମସ୍ତେ ବିବାହର ଫଟୋ ପୋଷ୍ଟ କରିଥିଲେ । ସେହିକ୍ରମରେ ଜାହ୍ନବୀ ନିଜର ଓ ଶିଖର ପାହାଡିଆଙ୍କର ଫଟୋ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ । ଏଥିରେ ଜାହ୍ନବୀଙ୍କୁ ଶିଖରଙ୍କ ସହିତ ଦେଖିବାକୁ ମିଳିଥିଲା । ସେହିଭଳି ଜାହ୍ନବୀ ଏହି ଫଟୋରେ ଶିଖରଙ୍କ ମୁହଁ ଥିବା ଟି ସାର୍ଟ ପିନ୍ଧିଥିବା ମଧ ଦେଖିବାକୁ ମିଳିଥିଲା । ଏହାପରେ ଦର୍ଶକ ଉଭୟଙ୍କ ସମ୍ପର୍କକୁ ନେଇ କଥା ହେବା ଆରମ୍ଭ କରିଛନ୍ତି ।



## ଟ୍ରେଣ୍ଡରେ ଝୋଟ

ଆଜିକାଲି ଫ୍ୟାଶନକୁ ନେଇ ଅନେକ ଏକ୍ସପେରିମେଣ୍ଟ ଜାରି ରହିଛି । ଏଥିରେ ଅନେକ ପୁରୁଣା ସାମଗ୍ରୀକୁ ରିଇନ୍‌ଭେଣ୍ଟ କରି ବର୍ତ୍ତମାନର ଟ୍ରେଣ୍ଡରେ ସାମିଲ କରାଯାଉଛି । ସେଥିରେ ଆଗରେ ରହିଛି ଜୁଟ୍ । ଆଜିକାଲି ଜୁଟ୍‌ର ଅନେକ ପ୍ରକାର ବ୍ୟାଗ୍ ବଜାରରେ ମିଳୁଛି । ଯାହା ଷ୍ଟାଇଲିସ୍ ହେବା ସହ ଟ୍ରେଣ୍ଡରେ ରହୁଛି । ବାସ୍କେଟ ଜୁଟ୍ ବ୍ୟାଗ୍ ବର୍ତ୍ତମାନ ଯୁବତୀଙ୍କର ପ୍ରଥମ ପସନ୍ଦ ପାଲଟିଛି । ଏହାର ଭିନ୍ନଭିନ୍ନ ପ୍ରକାର ମିଳୁଛି, ଯେଉଁଥିରେ ଭିନ୍ନଭିନ୍ନ ଆକୃତି ସହ ଛୋଟ ବଡ ଆକାର ରହୁଛି । ଏହାକୁ ଜୁଟ୍‌ରୁ ବୁଣାଯାଇ ପ୍ରସ୍ତୁତ କରାଯାଇଛି । ଏହାର ରଙ୍ଗ ଗୁଡିକ ମଧ ବେଶ ଆକର୍ଷକ ରହିଛି । ଏହି ଭେରାଇଟିର ବଡବଡ ଆକାରଥିବା ବ୍ୟାଗ ବେଶି ଟ୍ରେଣ୍ଡରେ ରହୁଛି । ଏଥିରେ ଅନେକ ଜିନିଷ ଧରୁଥିବାରୁ ଏହାର ବ୍ୟବହାର ପାଇଁ ଲୋକଙ୍କ ଆଗ୍ରହ ବଢୁଛି । ଏହି ତାଲିକାରେ ଆଉ ଏକ ବ୍ୟାଗ ରହିଛି ଡିଜାଇନର ଜୁଟ୍ ବ୍ୟାଗ୍ । ଏହି ଜୁଟ୍ ବ୍ୟାଗ୍ ଫ୍ୟାଶନରେ ବିଭିନ୍ନ ପ୍ରକାର ଡିଜାଇନର ବ୍ୟାଗ୍ ମଧ ମିଳିଥାଏ । ଏଗୁଡିକର ଏଲିଗେଣ୍ଟ ଓ କ୍ଲାସି ଷ୍ଟାଇଲ୍ ସମସ୍ତଙ୍କୁ ବେଶ୍ ଆଟ୍ରାକ୍ଟିଭ୍ ଲାଗିଥାଏ । ଏହାକୁ ଟ୍ରାଡିସନାଲ୍ ଓ ଏଥନିକ୍ ୱେୟାର୍ ସହ ପେୟାର କରି ପିନ୍ଧାଯାଇପାରିବ । ଏହାର ୟୁନିକ୍ ପାଟର୍ନ ଓ କଲର ଏହାକୁ ବେଶି ଟ୍ରେଣ୍ଡି କରାଉଛି । ସେହିଭଳି ଆଉ ଏକ ହେଲା ପ୍ରିଣ୍ଟେଡ୍ ଜୁଟ୍ । ବର୍ତ୍ତମାନ ପ୍ରିଣ୍ଟେଡ୍ ଫ୍ୟାଶନର ଚାହିଦା ବେଶି ରହିଛି । ଏହାକୁ ବିଭିନ୍ନ ସ୍ଥାନକୁ ନେଇହେବା ସହ ଏହାର ବ୍ୟବହାର ମଧ ମଲ୍ଟିପର୍ପୋଜ୍ ରହୁଛି । ସେହିଭଳି ଏହାକୁ କଷ୍ଟମାଇଜ୍ ମଧ କରିହେଉଛି । ତେଣୁ ଏହାକୁ ଗିଫ୍ଟ ଭଳି ମଧ ବ୍ୟବହାର କରିହେଉଛି । ଏହି ବ୍ୟାଗ୍ ଗୁଡିକ ଇକୋଫ୍ରେଣ୍ଡଲି ସହ ଫ୍ୟାଶନେବଲ୍ ହୋଇଥିବାରୁ ଏହାର ଡିମାଣ୍ଡ ଅଧିକ ରହୁଛି । ଏହାର ବିଭିନ୍ନ ଭେରାଇଟି ସହିତ କଲର ମଧ ରହୁଛି ।




## ରୋବୋଟିକ୍ ଚାମଚ୍

ସାଧାରଣତଃ ପାର୍କିନସନ୍ ରୋଗ ହେଲେ ରୋଗୀର ହାତ ଥରିଥାଏ । ଏହି ସମସ୍ୟା କାରଣରୁ ସେମାନଙ୍କୁ ଖାଇବାରେ ବିଶେଷ ଅସୁବିଧା ହୋଇଥାଏ । ତେବେ ବେଙ୍ଗାଲୁରୁର ଜଣେ ସ୍କୁଲ ଛାତ୍ର ଏହି ସମସ୍ୟାକୁ ଦୂର କରିବାକୁ ଚେଷ୍ଟା କରିଛନ୍ତି । ସେ ଏଭଳି ଏକ ଚାମଚର ଉଦ୍ଭାବନ କରିଛନ୍ତି, ଯାହା ଏହି ରୋଗୀଙ୍କ ଖାଇବାରେ ସହାୟତା କରିବ । ବର୍ତ୍ତମାନ ତାଙ୍କର ଏହି ମଡେଲଟି ବେଙ୍ଗାଲୁରୁର ଏକ ଫିଜିଓଥେରାପି କଲେଜ୍‌ରେ ଟେଷ୍ଟ ପାଇଁ ଦିଆଯାଇଛି । ଏହି ଚାମଚ୍‌ଟିକୁ ସେ ଖୁବ କମ ଅର୍ଥରେ ପ୍ରସ୍ତୁତ କରିଛନ୍ତି, ଯେପରି ଏହାକୁ ସମସ୍ତେ କିଣି ପାରିବେ । ଛାତ୍ରଜଣକ ଏହାକୁ ଗୋଟିଏ ଚାମଚ୍ ଓ କିଛି ପ୍ଲାଷ୍ଟିକ୍‌କୁ ବ୍ୟବହାର କରି ନିର୍ମାଣ କରିଛନ୍ତି । ପୂର୍ବରୁ ମଧ ଏହି ଛାତ୍ର ଜଣକ ନିଜର ଅନେକ ରୋବୋଟିକ୍ ଉଦ୍ଭାବନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମରେ ପୁରସ୍କୃତ ହୋଇଛନ୍ତି । ତେବେ ସୋସିଆଲ ମିଡିଆରେ ଛାତ୍ରଙ୍କର ଏହି ଚାମଚ୍‌କୁ ରୋବଟିକ୍ ଚାମଚ୍ ବୋଲି ସମ୍ବୋଧନ କରୁଛନ୍ତି । ଛାତ୍ର ଜଣକ ନିଜ ମଉସାଙ୍କ ପାଖରେ ଏହି ଚାମଚ୍‌ର ପରୀକ୍ଷା କରିସାରିଛନ୍ତି, ଯାହା ତାଙ୍କ ପାଇଁ ବିଶେଷ ସହାୟକ ପ୍ରମାଣିତ ହୋଇଛି । ବର୍ତ୍ତମାନ କଲେଜର ରିପୋର୍ଟକୁ ସେ ଅପେକ୍ଷା କରିଛନ୍ତି, ଏହାପରେ ସେ ଏହାର ବଜାର ପ୍ରବେଶ କରାଇବେ ବୋଲି ମତ ଦେଇଛନ୍ତି ।



## ରେଭେନ୍ସା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ

# ମଣିଷ ପଣିଆ ହିଁ ଜୀବନର ମୂଲ୍ୟବୋଧ : ରାଷ୍ଟ୍ରପତି

କଟକ,(ସବ୍ୟୁ): ରେଭେନ୍ସା ବିଶ୍ୱବିଦ୍ୟାଳୟ ଇଟା ପଥରରେ ଗଢ଼ା ଏକ ନିର୍ଜୀବ ଅଟ୍ଟାଳିକା ନୁହେଁ । ଏହା ଓଡ଼ିଶାର ଜୀବନ୍ତ ଇତିହାସ । କେବଳ ଇତିହାସର ମୂକସାକ୍ଷୀ ନୁହେଁ ବରଂ ଏହାର ପ୍ରାଣ ସ୍ପନ୍ଦନ ଅଛି । ରେଭେନ୍ସା ହେଉଛି ଓଡ଼ିଶା ଓ ଭାରତ ଇତିହାସର ସକ୍ରିୟ ଅଂଶୀଦାର । ସ୍ୱତନ୍ତ୍ର ପ୍ରଦେଶ ଗଠନ ଏବଂ ସ୍ୱାଧିନତା ସଂଗ୍ରାମ ସହିତ ଓତଃପ୍ରତ ଭାବେ ଜଡ଼ିତ । ରେଭେନ୍ସା ଏକ ପୁରୁଣା ଅନୁଷ୍ଠାନ; କିନ୍ତୁ ପୁରୁଣାକାଳିଆ ନୁହେଁ । ଏହା ଏକ ନିତ୍ୟନୂତନ ଶିକ୍ଷାନୁଷ୍ଠାନ । ସମୟ ସହିତ ପାଦ ମିଳାଇ ଏହି ଶିକ୍ଷାନୁଷ୍ଠାନ ଚାଲୁଛି। ପାଠ କେବଳ ଜୀବନ ବିତାଇବାର ମାଧ୍ୟମ ନ ହେଉ । ଏହା ବୌଦ୍ଧିକ ଓ ସାମାଜିକ ଚେତନାର ବିକାଶ କରୁ। ମଣିଷ ପଣିଆ ହିଁ ସମସ୍ତଙ୍କ ଜୀବନର ମୂଲ୍ୟବୋଧ ହେବା ଆବଶ୍ୟକ। ରେଭେନ୍ସା ବିଶ୍ୱବିଦ୍ୟାଳୟର ତ୍ରୟୋଦଶ ସମାବର୍ତ୍ତନ ଉତ୍ସବରେ ଯୋଗ ଦେଇ ଏଭଳି ଆହ୍ୱାନ ଦେଇଛନ୍ତି ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଏହି ମର୍ମରେ ଛାତ୍ର ଛାତ୍ରୀ ମାନଙ୍କୁ ରାଷ୍ଟ୍ରପତି ପଚାରିଥିଲେ; ଚାକିରି ପାଇଲେ କ'ଣ ଜୀବନ ସଫଳ ହୋଇଯିବ ? ଆର୍ଥିକ ଉନ୍ନତି କ'ଣ ବିକାଶର ସର୍ବୋଚ୍ଚ ସୋପାନ ? ଉତ୍ତରରେ ଛାତ୍ରଛାତ୍ରୀମାନେ ସମସ୍ୱରରେ ନା.. କହିବା କ୍ଷଣି ରାଷ୍ଟ୍ରପତି ଖୁସି ବ୍ୟକ୍ତ କରିଥିଲେ। ଚାକିରି କରିବା ବଡ଼ କଥା ନୁହେଁ, ବରଂ ଚାକିରି ଦେବାକୁ ଉଦ୍ୟମ କରନ୍ତୁ ବୋଲି ରାଷ୍ଟ୍ରପତି ପରାମର୍ଶ ଦେବା ସହ ରାଷ୍ଟ୍ର ଗଠନରେ ଜଣେ ଜଣେ ବୀର ଯୋଦ୍ଧା ଭାବେ ଭୂମିକା ନିର୍ବାହ କରିବାକୁ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ।

ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଷ୍ଟ୍ରପତି କହିଲେ, ମୁଁ ରେଭେନ୍ସାରେ ପାଠ ପଢ଼ିନାହିଁ। କିନ୍ତୁ ଆମ ସମୟରେ ଯେତେବେଳେ ସହପାଠୀମାନେ ରେଭେନ୍ସା ନାଁ ଧରୁଥିଲେ ସେତେବେଳେ ଏହି ଶିକ୍ଷାନୁଷ୍ଠାନରେ ପଢ଼ି ନ ପାରିବା ନେଇ ମନରେ ଅବସୋସ ଆସୁଥିଲା। କିନ୍ତୁ ମୋ ଝିଅ ଏଠାରେ ଦୁଇ ବର୍ଷ ପଢ଼ିଛି। ଦୁଇବର୍ଷରେ ଅନେକଥର ମୁଁ ହଷ୍ଟେଲ୍‌କୁ ଆସିଛି। କିନ୍ତୁ ଆଜି ରାଷ୍ଟ୍ରପତି ଭାବେ ଏହି ଐତିହାସିକ ଶିକ୍ଷାନୁଷ୍ଠାନକୁ ଆସିବା ମୋତେ ବହୁତ ଆନନ୍ଦ ଦେଇଛି। ରେଭେନ୍ସା କେବଳ ଏକ ଶିକ୍ଷାନୁଷ୍ଠାନ ନୁହେଁ, ଆମ ଆଶା, ବିଶ୍ୱାସ ଓ ଭରସାର ମନ୍ଦିର । ରେଭେନ୍ସା ବିଶ୍ୱବିଦ୍ୟାଳୟ ଏବେ ଶିଳା ରୁ ଶାଳଗ୍ରାମ ପାଲଟି ସାରିଛି। ଏହାକୁ ଓଡ଼ିଶା ଜୀବନର ଇତିହାସ କହିଲେ ଅତ୍ୟୁକ୍ତି ହେବନାହିଁ । ଓଡ଼ିଶାର ସ୍ୱତନ୍ତ୍ର ପ୍ରଦେଶ ଗଠନ ଆନ୍ଦୋଳନ ଓ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ପ୍ରମୁଖ ଅବଦାନ ରଖିଥିବା ରେଭେନ୍ସା ବିଶ୍ୱବିଦ୍ୟାଳୟ ମହିଳା ଶିକ୍ଷାର ବିକାଶ ଓ ନାରୀ ଜାଗରଣର ପ୍ରତୀକ ସାଜିଛି। ବହୁ ସାହିତ୍ୟିକ, ସମାଜ ସଂସ୍କାରକ, କଳାକାର, ପ୍ରଶାସକ, ନେତା, ବୈଜ୍ଞାନିକ, ଇଞ୍ଜିନିୟର ଏଠୁ ପଢ଼ି ସାରା ବିଶ୍ୱରେ ନିଜ ପରାକାଷ୍ଠା ପ୍ରତିପାଦିତ କରିପାରିଛନ୍ତି । ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏଠାରେ ସ୍ୱାଧୀନ ସଂଗ୍ରାମର ବହ୍ନି ଜଳାଇଥିଲେ । ଭାରତ ଛାଡ଼ ଆନ୍ଦୋଳନର ସୂତ୍ରଧର ସାଜିଥିଲେ ତତ୍କାଳୀନ ରେଭେନ୍ସଭିଆନ୍ ।

ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେସନ୍‌ରେ ସମୟ ବିତାଇ ଫେରୁଥିବା ଶୁଭ୍ରାଂଶୁ ଶୁକ୍ଳା ଉଦାହରଣ ଦେଇ ରାଷ୍ଟ୍ରପତି ଛାତ୍ରଛାତ୍ରୀଙ୍କୁ ଭାରତକୁ ଏକ ଗ୍ଲୋବାଲ୍ ସୁପର୍‌ପାଓ୍ୱାର କରିବାକୁ ଆହ୍ୱାନ ଦେଇଥିଲେ । ରାଷ୍ଟ୍ରପତି କହିଲେ, ୧୨୦ ବର୍ଷ ପୂର୍ବରୁ ଉତ୍କଳ ଗୌରବ ମଧୁସୂଦନ ଦାସ ଏଠାରେ ଉତ୍କଳ ଟାନେରୀ ପ୍ରତିଷ୍ଠା କରିଥିଲେ । ସେ ସମୟରେ ଶିଳ୍ପ ପ୍ରତିଷ୍ଠା କରିବା କିଛି ଆଶ୍ଚର୍ଯ୍ୟରୁ କମ୍ ନଥିଲା । ମହାତ୍ମାଗାନ୍ଧି ମଧ ମଧୁବାବୁଙ୍କୁ ଏଥିପାଇଁ ଅଭିନନ୍ଦନ ଜଣାଇଥିଲେ । ଆଜିର ସମୟରେ ଏ.ଆଇ,ମେସିନ ଲାର୍ଣ୍ଣିଂ, ଥ୍ରୀ ଡି ପ୍ରିଣ୍ଟିଂ ଭଳି ଅତ୍ୟାଧୁନିକ ଜ୍ଞାନକୌଶଳ ଶିକ୍ଷା ବାତାବରଣରେ ବ୍ୟାପକ ପରିବର୍ତ୍ତନ ଆଣିଛି । ବିଶ୍ୱବିଦ୍ୟାଳୟ ଓ ଏଠାକାର ଛାତ୍ରଛାତ୍ରୀମାନେ ଏହାର ସଦୁପଯୋଗ କରନ୍ତୁ । ଓଡ଼ିଶାର ଛାତ୍ରଛାତ୍ରୀମାନେ କେବଳ ତାଳି ନ ବଜାଇ, ବରଂ ଏମିତି କାମ କରି ଦେଖାନ୍ତୁ ଯେମିତି ସାରା ବିଶ୍ୱବାସୀ ସେମାନଙ୍କ ଲାଗି ତାଳି ବଜାଇଆବେ। ରେଭେନ୍ସା ବିଶ୍ୱବିଦ୍ୟାଳୟ ମହିଳା ଶିକ୍ଷାର ଉନ୍ନତି ଦିଗରେ ମହତ୍ତ୍ୱପୂର୍ଣ୍ଣ

ଭୂମିକା ନିର୍ବାହ କରୁଛି । ଗତ କିଛିବର୍ଷ ଭିତରେ ଏଠାରେ ଛାତ୍ର ତୁଳନାରେ ଛାତ୍ରୀମାନେ ଯଥେଷ୍ଟ ଭଲ ପ୍ରଦର୍ଶନ କରୁଛନ୍ତି । ଏ ଧାରା ଆଗକୁ ଜାରି ରହୁ ବୋଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଆଶାବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ଯୋଗ ଦେଇ ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟର କୁଳାଧିପତି ଡକ୍ଟର ହରି ବାବୁ କମ୍ଭମପାଟି କହିଲେ, ଓଡ଼ିଶାରେ ଶିକ୍ଷାର ବିକାଶ କ୍ଷେତ୍ରରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଭୂମିକା ଗୁରୁତ୍ତ୍ୱପୂର୍ଣ୍ଣ । ପ୍ରଯୁକ୍ତିବିଦ୍ୟା ସମ୍ପନ୍ନ ଶିକ୍ଷାର ବିକାଶ କ୍ଷେତ୍ରରେ ବିଶ୍ୱବିଦ୍ୟାଳୟ ଆହୁରି ବିକାଶ କରୁ ବୋଲି ଆଶା ବ୍ୟକ୍ତ କରିଥିଲେ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ମାନିତ ଅତିଥି ଭାବେ ସମାବର୍ତ୍ତନ ଉତ୍ସବରେ ଯୋଗ ଦେଇ କହିଥିଲେ, ଉଚ୍ଚଶିକ୍ଷାର ପ୍ରଗତି ପାଇଁ ସରକାର ନିଷ୍ଠାର ସହ କାର୍ଯ୍ୟ କରୁଛନ୍ତି । ଉଚ୍ଚତର ଶିକ୍ଷା ଅଭିଯାନ ଓଡ଼ିଶାରେ ଲାଗୁ ହୋଇଛି । ଜାତୀୟ ଶିକ୍ଷା ନୀତି ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବ । ଶିକ୍ଷା କ୍ଷେତ୍ରକୁ ପ୍ରାଥମିକତା ଦିଆଯାଇ ୪୧ ହଜାର ୨୭୩ କୋଟି ଟଙ୍କାର ବଜେଟ୍ ହୋଇଛି, ଯାହା ସର୍ବକାଳୀନ ରେକର୍ଡ । ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓଡ଼ିଶା ଗଠନର ସ୍ୱପ୍ନ ଆମେ ଦେଖୁଛୁ । ସିକ୍ଷାର ବିକାଶରେ ଏ ସ୍ୱପ୍ନ ସାର୍ଥକ ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଶା ପ୍ରକାଶ କରିଥିଲେ । ଅନ୍ୟତମ ଅତିଥି ଭାବେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ, ରେଭେନ୍ସା ଓଡ଼ିଆ ଜାତୀୟତାବାଦୀ ଆନ୍ଦୋଳନର ମୁଖ୍ୟ ମଞ୍ଚ ଥିଲା । ରେଭେନ୍ସା ଆମର ପରମ୍ପରା, ସଂସ୍କୃତି ଓ ସ୍ପନ୍ଦନ । ଏହି ଶିକ୍ଷାନୁଷ୍ଠାନର ବିଶ୍ୱସ୍ତରୀୟ ଅବଦାନ ରହିଛି। ତେଣୁ ଏହି ଯାତ୍ରା ଆଗକୁ ଆହୁରି ଜୋରଦାର ହେଉ । ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଶ୍ରୀ ପ୍ରଧାନ କହିଥିଲେ, ତୁମେମାନେ ଔପଚାରିକ ପାଠ ସାରି ନୂଆ ଜୀବନରେ ପ୍ରବେଶ କରୁଛି । ଶିକ୍ଷା ଏଇଠୁ ସରିଲା, ପ୍ରଶିକ୍ଷଣ ଏବେଠାରୁ ଆରମ୍ଭହେଲା । ଆଗାମୀ ଦିନର ଛାତ୍ରଛାତ୍ରୀମାନେ ରାଷ୍ଟ୍ରଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତୁ। ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉତ୍ସବରେ ଯୋଗ ଦେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ଆଗାମୀ ଦିନରେ ସ୍ୱର୍ଣିମ୍ ଭବିଷ୍ୟତ ନିର୍ମାଣ କରନ୍ତୁ।ସଶକ୍ତ ସମାଜ, ସଶକ୍ତ ରାଷ୍ଟ୍ର ନିର୍ମାଣରେ ନିଜର ଯୋଗଦାନ ଓ ଅବଦାନ ରଖନ୍ତୁ ବୋଲି କହିଥିଲେ।

ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ସଞ୍ଜୟ କୁମାର ନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ଏହି ଅବସରରେ ଚାରିଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନ ସୂଚକ ଡକ୍ଟରେଟ ପ୍ରଦାନ କରାଯାଇଥିଲା । ବୈଜ୍ଞାନିକ ଡ. ଅଜିତ ମହାନ୍ତିଙ୍କୁ ଡକ୍ଟର ଅଫ୍ ସାଇନ୍ସ, କଟକ ସାଂସଦ ଭର୍ତ୍ତୃହରି ମହତାବଙ୍କୁ ବିଚକ୍ଷଣ ସାଂସଦ ଭାବେ ଡି.ଲିଟ୍, ପରିବେଶ ସଂରକ୍ଷକ ପଦ୍ମଶ୍ରୀ ସାବରମତିଙ୍କୁ ଡି.ଲିଟ୍ ଏବଂ ଓଡ଼ିଶାର ପ୍ରଥମ ହେଇ ବ୍ରେଲି ପ୍ରେସ ପ୍ରତିଷ୍ଠାତା ବିଜୟ କଥଙ୍କୁ ଡି. ଲିଟ୍ ଉପାଧି ପ୍ରଦାନ କରାଯାଇଥିଲା । ୨୦୨୩ ରୁ ୨୦୨୫ ବର୍ଷ ପାଇଁ ମୋଟ୍ ୩୨୯ ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ, ସାର୍ଟିଫିକେଟ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା । ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।




## ସୌମ୍ୟାଶ୍ରୀଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି

# ପ୍ରଭୁ ଶ୍ରୀ ଲିଙ୍ଗରାଜ ମନ୍ଦିର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ



ଭୁବନେଶ୍ୱର, (ସବ୍ୟୁ): ବାଲେଶ୍ୱର ଫକୀର ମୋହନ ସ୍ୱୟଂ ଶାସିତ ବିଶ୍ୱବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶି ତିନି ଦିନ ଧରି ଜୀବନ ଓ ମୃତ୍ୟୁ ସଙ୍ଗେ ଯୁଦ୍ଧ କରିନ୍ତ ଅନେକ ବେଦନା, ଯନ୍ତ୍ରଣା ଓ ଆଶା-ନିରାଶା ମଧ୍ୟରେ ଲଢେଇ କରିବା ପରେ, ଶେଷରେ ଅଫେରା ରାଇଜକୁ ଚାଲିଯାଇଛନ୍ତି । ତାଙ୍କ ବିୟୋଗ ଆମ ସମସ୍ତଙ୍କୁ ଗଭୀର ମର୍ମାହତ କରିଛି । ସ୍ୱର୍ଗତଃ ସୌମ୍ୟାଶ୍ରୀଙ୍କ ଅମର ଆତ୍ମାର ସଦଗତି କାମନା କରି ପ୍ରଭୁ ଶ୍ରୀ ଲିଙ୍ଗରାଜ ମନ୍ଦିର ସମୁଖରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଛି। ଏହି ଅବସରରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା, ବରିଷ୍ଠ ମନ୍ତ୍ରୀ ସୁରେଶ ପୂଜାରୀ, ବିଧାୟକ ବାବୁ ସିଂ, ଟଙ୍କଧର ତ୍ରିପାଠୀ, ଇରାଶିଶ୍ ଆଚାର୍ଯ୍ୟ, ବରିଷ୍ଠ ନେତା ବିରଞ୍ଚି ନାରାୟଣ ତ୍ରିପାଠି, ନିରଞ୍ଜନ ମିଶ୍ର, ଅରବିନ୍ଦ ଢ଼ାଲି, ପ୍ରିୟଦର୍ଶୀ ମିଶ୍ର ପ୍ରମୁଖଙ୍କ ସମେତ ଅନେକ ସଂଖ୍ୟାରେ କାର୍ଯ୍ୟକର୍ତ୍ତା ଓ ଜନସାଧାରଣ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ଅମର ଆତ୍ମାର ସଦଗତି ପାଇଁ ନିରବ ପ୍ରାର୍ଥନା କରିଥିଲେ ।

# ଜିଲ୍ଲାପାଳଙ୍କ ଜନ ଶୁଣାଣି

ବାଲିପାଟଣା,(ସବ୍ୟୁ): : ବାଲିପାଟଣା ବ୍ଲକ ଅନ୍ତର୍ଗତ ତୁରିନ୍ତିରା ଗ୍ରାମ ପଞ୍ଚାୟତ କଲ୍ୟାଣ ମଣ୍ଡପ ପରିସରରେ ସୋମବାର ଦିନ ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ନାରାୟଣ ମହାନ୍ତି ଜନ ଅଭିଯୋଗ ଶୁଣାଣୀ କରିଛନ୍ତି । ଏହି ଶିବିରରେ ମୋଟ ୧୨୩ ଟି ଅଭିଯୋଗ ଶୁଣାଣି ପାଇଁ ଆସିଥିଲା ।ସେଥିମଧ୍ୟରୁ ୧୦୩ ଟି ବ୍ୟକ୍ତିଗତ ଓ ୨୦ ଗୋଟି ସାମୁହିକ ସମସ୍ୟା ରହିଥିବା ବେଳେ ୩ ଜଣଙ୍କର ସମସ୍ୟାର ତୁରନ୍ତ ସମାଧାନ କରାଯାଇଥିଲା । ଜିଲ୍ଲାପାଳଙ୍କ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶିକା କସ୍ତୁରୀବାଳା ସାଇଁ,ଉପ ଜିଲ୍ଲାପାଳ,ବିଡ଼ିଓ ତଥା ତହସିଲଦାର କଳ୍ପନା ଦାସ,ସରପଞ୍ଚ ମିତାରାଣୀ ମଲ୍ଲିକ,ସମିତି ସଭ୍ୟ ସନାତନ ସେଠୀ,ସାଂସଦ ଙ୍କ ପ୍ରତିନିଧି ନାରାୟଣ ଖୁଣ୍ଟିଆ, ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଶ୍ରୀକାନ୍ତ କୁମାର ବେହେରା ଷ୍ଟେଟ ବ୍ୟାଙ୍କ ଅଧିକାରୀ ଅଜୟ କୁମାର ବେହେରାପ୍ରମୁଖ ଙ୍କ ସହିତ ସମସ୍ତ ବିଭାଗୀୟ ଅଧିକାରୀ ଓ ଲୋକ ପ୍ରତିନିଧି ସହଯୋଗ କରିଥିଲେ । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦିବ୍ୟଜ୍ୟୋତି ଭୁତିଆ ଓ ସହଯୋଗୀ ସଂଗ୍ରାମ କେଶରୀ ଦାସ ଶିବିର ପରିଚାଳନା କରିଥିଲେ ।

## ମୁଖ୍ୟ ସଚିବଙ୍କ ସତର୍କବାଣୀ

# ବିଦାହେବେ ଅପାରଗ, ଅଯୋଗ୍ୟ ଅଧିକାରୀ

- ଜନକୈନ୍ଦ୍ରିକ ଶାସନ ପରିଚାଳନା ଉପରେ ଗୁରୁତ୍ୱ
- ୩୧ ସୁଦ୍ଧା ବିଭିନ୍ନ ବିଭାଗରେ ଖାଲି ଥିବା ପଦବୀ ଜଣାଅ

ଭୁବନେଶ୍ୱର(ସବ୍ୟୁ): ଡ଼ିଶା ଭିଜନ ଡକ୍ୟୁମେଣ୍ଟକୁ କାର୍ଯ୍ୟକାରୀ କରିବା ନିମନ୍ତେ ବିଭିନ୍ନ ବିଭାଗରେ ସଂସ୍ଥାଗତ ଢ଼ାଞ୍ଚା ଓ ଉତ୍ସର୍ଗୀଗତ ବ୍ୟବସ୍ଥା ପୂର୍ବକ ଆନ୍ତଃ ବିଭାଗୀୟ କାର୍ଯ୍ୟକାରୀ ଗ୍ରୁପ (ୱାର୍କିଂ ଗ୍ରୁପ୍) ଦ୍ୱାରା ସମନ୍ୱୟ ଓ କାର୍ଯ୍ୟାନ୍ୱୟନ ସଂପର୍କରେ ମୁଖ୍ୟ ସଚିବ ମନୋଜ ଆହୁଜା ଆବଶ୍ୟକ ପରାମର୍ଶ ଦେଇଛନ୍ତି । ସରକାରୀ ଅଧିକାରୀ ଓ କର୍ମଚାରୀମାନଙ୍କ କାର୍ଯ୍ୟକୁ ବିଭାଗର ବିଭିନ୍ନ ସ୍ତରରେ ସମୀକ୍ଷା କରାଯିବ । ସରକାରୀ କାର୍ଯ୍ୟ ଠିକ୍ ଭାବେ ସଂପାଦନ କରୁନଥିବା ଅପାରଗ ଓ ଅଯୋଗ୍ୟ ଅଧିକାରୀ ବା କର୍ମଚାରୀମାନଙ୍କୁ ବାଧ୍ୟତାମୂଳକ ଅବସର ନେବା ପାଇଁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ରହିଥିବା ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବାକୁ ମୁଖ୍ୟ ସଚିବ ଗୁରୁତ୍ୱାରୋପ କରିଛନ୍ତି ।

ମୁଖ୍ୟ ସଚିବ ଶ୍ରୀ ଆହୁଜାଙ୍କ ଅଧକ୍ଷତାରେ ମଙ୍ଗଳବାର ସଚିବସ୍ତରୀୟ ବୈଠକ ଲୋକସେବା ଭବନରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଭିନ୍ନ ପ୍ରସଙ୍ଗରେ ମୁଖ୍ୟ ସଚିବ ଆଲୋକପାତ କରି ଆବଶ୍ୟକ ନିର୍ଦ୍ଦେଶ ଓ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ । ଜନକୈନ୍ଦ୍ରିକ ଶାସନ ବ୍ୟବସ୍ଥାର ସୁପରିଚାଳନାକୁ ଦୃଷ୍ଟିରେ ରଖି ଓଡ଼ିଶା ଲୋକସେବା ଅଧିକାର ଅଧିନିୟମ ଅନ୍ତର୍ଭୁକ୍ତ ସେବାଗୁଡିକୁ ସିଏମଜିଆଇ ଦ୍ୱାରା ବିକାଶ ହେଉଥିବା କେନ୍ଦ୍ରୀୟ ତଦାରଖ ବ୍ୟବସ୍ଥାରେ ଉପଲବ୍ଧ କରାଯିବା ସଂପର୍କରେ ବୈଠକରେ ପରାମର୍ଶ ଦିଆଯାଇଥିଲା । ସରକାରୀ କର୍ମଚାରୀମାନଙ୍କୁ ସେମାନଙ୍କର ଅବସରଗ୍ରହଣ ଦିନ ଚୂଡ଼ାନ୍ତ ପେନସନ ଦିଆଯିବା ସଂପର୍କରେ ପ୍ରଶାସନିକ ପ୍ରସ୍ତୁତିକୁ ଅଧିକ ସୁବ୍ୟବସ୍ଥିତ କରାଯିବାକୁ ପରାମର୍ଶ ଦିଆଯାଇଥିଲା । ସରକାରୀ କର୍ମଚାରୀମାନଙ୍କ ବିପକ୍ଷରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ (ଡିପି) ଥିଲେ ତାହାର ସୂଚନା ଏଚଆରଏମଏସ ପୋର୍ଟାଲରେ ପ୍ରଦର୍ଶିତ କରାଇବା ଏବଂ ଏହାର ଫଇସଲା ସଂପର୍କରେ ନିୟମିତ ସମୀକ୍ଷା କରିବା ସଂପର୍କରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା

କର୍ମଚାରୀମାନଙ୍କୁ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ସଂପର୍କରେ ଜାଣିବା ପାଇଁ ବାଧ୍ୟତାମୂଳକ ଅନଲାଇନ ପ୍ରଶିକ୍ଷଣ ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । କର୍ମଚାରୀମାନେ ଠିକ୍ ସମୟରେ କାର୍ଯ୍ୟାଳୟକୁ ଆସିବା, ସରକାରୀ କାର୍ଯ୍ୟାଳୟ ପରିସର ଓ ପରିବେଶ ପରିଚ୍ଛନ୍ନତା ରକ୍ଷା କରିବା, ଥରେ ମାତ୍ର ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ପାଣି ବୋତଲ(ସିଙ୍ଗଲୟୁଜ୍ ପ୍ଲାଷ୍ଟିକ ବଟଲ)ର ବ୍ୟବହାର କମାଇ ଓ ଏହାର ବିକଳ୍ପ ଚୟନ କରି ପ୍ରଦୂଷଣମୁକ୍ତ ଓ ସ୍ୱାସ୍ଥ୍ୟରକ୍ଷା ସଂପର୍କରେ ପରାମର୍ଶ ଦିଆଯାଇଥିଲା । ବିଭିନ୍ନ ବିଭାଗରେ ଖାଲି ଥିବା ପଦବୀ ପୂରଣ ସଂପର୍କିତ ତଥ୍ୟ ୩୧ ଜୁଲାଇ ସୁଦ୍ଧା ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗକୁ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି ।ସେହିପରି ଯେଉଁ ଯେଉଁ ବିଭାଗରେ ଗ୍ରୁପ୍-ଡି ପଦବୀ ପୂରଣ ଅପରିହାର୍ଯ୍ୟ ରହିଛି, ନିଯୁକ୍ତି ନିମନ୍ତେ ସଂପୃକ୍ତ ବିଭାଗମାନେ ସଂକ୍ଷିପ୍ତ ତାଲିକା ପ୍ରସ୍ତୁତ କରି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗକୁ ଯଥାଶୀଘ୍ର ପଠାଇବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା ।

# ଜିଲ୍ଲା ସ୍ତରୀୟ ଭିଜିଲାନ୍ସ ଓ ମନିଟରିଂ କମିଟି ବୈଠକ

ପୁରୀ, (ସବୁଅନୁସୂଚିତ ଜାତି ଓ ଜନଜାତି ବିଭାଗର ଜିଲ୍ଲା ସ୍ତରୀୟ ଭିଜିଲାନ୍ସ ଓ ମନିଟରିଂ କମିଟି ବୈଠକ ଆଜି ପୂର୍ବାହ୍ନରେ ସ୍ୱତନ୍ତ୍ର ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା ତଥା ସମସ୍ତଙ୍କୁ ସ୍ୱାଗତ କରି ଜିଲ୍ଲାପାଳ ଚଞ୍ଚଳ ରାଣା ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ଆଇନ ରେ ରହିଥିବା ବ୍ୟବସ୍ଥା ଆଧାର ରେ ସେମାନଙ୍କୁ ସହଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ ।ସେମାନଙ୍କ ପ୍ରତି ନିର୍ଯ୍ୟାତନା କ୍ଷେତ୍ରରେ ସହାୟତା, ଇଣ୍ଟର କାଷ୍ଟ ବିବାହ କ୍ଷେତ୍ରରେ ସହାୟତା ଇତ୍ୟାଦି ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ।ଅନେକ ସମୟରେ ମାମଲା ଗୁଡିକ ର ସତ୍ୟତା ଉପରେ, ଜାତି ଗତ ପ୍ରମାଣ ପତ୍ର ସମ୍ପର୍କରେ ମଧ ପ୍ରଶ୍ନ ଉଠିଥାଏ ।ତେଣୁ ଯୁଗ୍ମ ତଦନ୍ତ ସମୟରେ ସଠିକ ଭାବେ ଏହାର ଅନୁଧ୍ୟାନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ କାକଟପୁର ବିଧାୟକ ତୁଷାର କାନ୍ତି ବେହେରା, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ଓ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ ବ୍ୟାପକ ସଚେତନତା ମାଧ୍ୟମରେ ହିତାଧିକାରୀଙ୍କୁ ଅବଗତ କରାଇବା, ମାମଲା ଗୁଡିକ ର ସଠିକ ଅନୁଧ୍ୟାନ କରିବା, ସାହାଯ୍ୟ କରୁଥିବା ନାମରେ ଫାଇଦା ନେବାକୁ ଚାହୁଁଥିବା କିଛି ବ୍ୟକ୍ତି ଙ୍କ ସମ୍ପର୍କରେ ତଦନ୍ତ ସହ ସତ୍ୟ ପ୍ରମାଣିତ ହେଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସମ୍ପର୍କରେ ଆଲୋକପାତ କରିଥିଲେ ।କ୍ଷତିଗ୍ରସ୍ତ ବ୍ୟକ୍ତି ଙ୍କୁ ଆର୍ଥିକ ସହାୟତା କ୍ଷେତ୍ରରେ ପୂର୍ବରୁ ଅଫ ଲାଇନରେ ଆବେଦନ କରିବାକୁ ପଡୁଥିଲା ବେଳେ ୧୨ ୧୦ ୨୦୨୨ ତାରିଖ ଠାରୁ ଅନଲାଇନ ସାକାର ପୋର୍ଟାଲରେ ଆବେଦନ ଗ୍ରହଣ କରାଯାଉଛି ।ଏହି ବ୍ୟବସ୍ଥା ରେ ୨୦୨୩ ରେ ୪୪ ଗୋଟି,୨୦୨୪ରେ ୩୬ ଗୋଟି ଓ ୨୦୨୫ର ଜୁଲାଇ ୧୧ ପର୍ଯ୍ୟନ୍ତ ଗୋଟିଏ ଏହିଭଳି ୮୧ଟି ମାମଲାରେ ୧୦୬ ଜଣଙ୍କୁ ୧,୧୮,୬୨,୫୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରା ଯାଇଛି।୮୩୪ ଟି ମାମଲା ମଧ୍ୟରୁ ଯୁଗ୍ମ ତଦନ୍ତ ମାଧ୍ୟମରେ ୭୧୮ ର ତଦନ୍ତ ଶେଷ ହୋଇ ଥିବା ବେଳେ ୧୧୬ ଟି ବକେୟା ରହିଛି ।ଇଣ୍ଟର କାଷ୍ଟ ବିବାହ କ୍ଷେତ୍ରରେ ୨୦୨୩-୨୪ ଠାରୁ ଚଳିତ ବର୍ଷ ଜୁଲାଇ ୧୧ ପର୍ଯ୍ୟନ୍ତ ୩୪୧ ଜଣ ଦମ୍ପତି ଉପକୃତ ହୋଇ ୮,୧୯,୫୦,୦୦୦ ଟଙ୍କା ପ୍ରାପ୍ତ ହୋଇଛନ୍ତି ।ଏହି ଅର୍ଥ ସେମାନଙ୍କ ଆକାଉଣ୍ଟ କୁ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଛି ।ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଅତିରିକ୍ତ ଏସ ପି ସଚିନ ପଟେଲ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ, କମିଟି ର ସଦସ୍ୟ ପ୍ରମୁଖ ଯୋଗ ଦେଇଥିଲେ ।ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି କାର୍ଯ୍ୟ ସୂଚୀ ଅନୁସାରେ ତଥ୍ୟ ପ୍ରଦାନ କରିଥିଲେ।

DSPL-171



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଡେଙ୍ଗୁ ନିରାକରଣ ସଚେତନତା ମାସ
ଜୁଲାଇ ୨୦୨୫

ମୌସୁମୀ ବର୍ଷା ଆରମ୍ଭ ହେବା ପରେ ମଶା ବଂଶ ବୃଦ୍ଧି ପାଇବା ଏବଂ ଡ଼େଙ୍ଗୁ ରୋଗ ବ୍ୟାପିବାର ଆଶଙ୍କା ଅଧିକ ଅଛି। ଡେଙ୍ଗୁ ଏକ ଋତୁକାଳୀନ ଭୂତାଣୁ ଜନିତ ରୋଗ। ଏଡ଼ିସ୍ ମଶା କାମୁଡିବା ଦ୍ୱାରା ଏହି ରୋଗ ସଂକ୍ରମିତ ହୋଇଥାଏ ।ଏଥିରୁ ରକ୍ଷା ପାଇବା ପାଇଁ ନିମ୍ନଲିଖିତ ସାବଧାନତା ଅବଲମ୍ବନ କରନ୍ତୁ।

- ଘର ପାଖ ପରିବେଶ ସଫା-ସୁତୁରା ରଖନ୍ତୁ
- ଘର ଆଖପାଖରେ ଜମିରହୁଥିବା ସ୍ଥିର ଓ ପରିଷ୍କାର ପାଣିରେ ଏଡିସ୍ ମଶା ଡିମ୍ବ ଦେଇ ବଂଶ ବିସ୍ତାର କରିଥାଏ
- ଘରେ କିମ୍ବା ଘର ପାଖରେ ଥିବା ଫୁଲ କୁଣ୍ଡ, ପାଣି ଟାଙ୍କି, କୁଲର, ଫ୍ରିଜ୍‌ର ପଛପଟେ ଥିବା ଡିଫ୍ରଷ୍ଟ ୱାଟର ଚ୍ୟାମ୍ବର ଆଦିକୁ ସପ୍ତାହକୁ ଥରେ ପାଣି ବାହାର କରି ପରିଷ୍କାର କରନ୍ତୁ
- ଘର ପାଖରେ ଥିବା ଭଙ୍ଗା ଡବା, ବୋତଲ, ପୁରୁଣା/ ଛିଣ୍ଡା ଟାୟାର, କଟା ପଇଡ଼, ନଡ଼ିଆ ଖଡ଼େଇ, କୁଡୁଆ, ବାଉଁଶ ଗଛର କଟା ଯାଇଥିବା ମୂଳ ଅଂଶ ଆଦି ସବୁକୁ ନଷ୍ଟ କରିଦିଅନ୍ତୁ
- ଏଡିସ୍ ମଶା ସାଧାରଣତଃ ଘର ଭିତରେ ସୋଫା, ଖଟ, ଆଲମିରା ଓ ଥାକ ତଳେ ଅନ୍ଧାରୁଆ ସ୍ଥାନରେ ବିଶ୍ରାମ ନେଇଥାଏ
- ଏହି ମଶା ସାଧାରଣତଃ ସକାଳ ଏବଂ ଅପରାହ୍ନ (ଗୋଧୂଳି) ସମୟରେ କାମୁଡ଼ିଥାଏ। ମନୁଷ୍ୟ ଶରୀରର ବାହାର ଅଙ୍ଗ ଯଥା; ଗୋଡ, ହାତ, ମୁହଁ, ନାକ ଏବଂ କାନକୁ ଏହି ମଶା କାମୁଡିଥାଏ
- ଶରୀରକୁ ପୁରା ଘୋଡାଇଲା ଭଳି ପୋଷାକ ପିନ୍ଧନ୍ତୁ
- ଦିନ ହେଉ ବା ରାତି, ଶୋଇବା ବେଳେ ମଶାରି ନିଶ୍ଚୟ ବ୍ୟବହାର କରନ୍ତୁ, ମଶା ଦାଉରୁ ସୁରକ୍ଷିତ ରହିବା ପାଇଁ ଘରର ଝରକାରେ ସରୁ ଜାଲି ଲଗାନ୍ତୁ
- ଆବଶ୍ୟକ ସ୍ଥଳେ ମଶା ନିବାରକ ବ୍ୟବହାର କରନ୍ତୁ
- ଜ୍ୱର ସହିତ ଆଣ୍ଠୁ-ଗଣ୍ଠି ବିନ୍ଧା, ଆଖି ଓ ମାଂସପେଶୀରେ ଯନ୍ତ୍ରଣା ହେଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତ ପରୀକ୍ଷା କରି ଚିକିତ୍ସା କରାନ୍ତୁ

ସଚେତନ ହୁଅନ୍ତୁ, ସତର୍କ ରୁହନ୍ତୁ, ଡେଙ୍ଗୁ ରୋଗରୁ ନିଜକୁ ସୁରକ୍ଷିତ ରଖନ୍ତୁ
ରାଜ୍ୟ ସ୍ୱାସ୍ଥ୍ୟସେବା ହେଲ୍ପ ଲାଇନ୍: ୧୦୪
OIPR: 10003/13/0234/2526
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
http://www.health.odisha.gov.in/
@HFWOdisha

## ରେଭେନ୍ସା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ

# ରେଭେନ୍ସାର ସଂସ୍କୃତି ବିଶ୍ୱରେ ନୂଆ ଅଧ୍ୟାୟ ଉନ୍ମୋଚନ କରିବ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ରେଭେନ୍ସା ବିଶ୍ୱବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଆମ ସମସ୍ତ ଓଡ଼ିଆ ଲୋକଙ୍କ ପାଇଁ ଏକ ସଂସ୍କୃତି, ପରମ୍ପରା ଏବଂ ସ୍ପନ୍ଦନ ସଦୃଶ । ଏକବିଂଶ ଶତାବ୍ଦୀରେ ରେଭେନ୍ସାର ସଂସ୍କୃତି ବିଶ୍ୱରେ ନୂଆ ଅଧ୍ୟାୟ ଉନ୍ମୋଚନ କରିବ ବୋଲି ମଙ୍ଗଳବାର ଏହି ବିଶ୍ୱବିଦ୍ୟାଳୟର ୧୩ତମ ସମାବର୍ତ୍ତନ ଉତ୍ସବ -୨୦୨୫ରେ ମାନ୍ୟବର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ସହ ଯୋଗ ଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଆଜିର ଭବ୍ୟ ସମାରୋହରେ ମାନ୍ୟବର ରାଷ୍ଟ୍ରପତିଙ୍କ ଠାରୁ ସମ୍ମାନସୂଚକ ଉପାଧି ଏବଂ ପିଏଚଡି ଉପାଧି ଗ୍ରହଣ କରିଥିବା ବିଦ୍ୟାର୍ଥୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ । ସେ କହିଛନ୍ତି ଯେ ଓଡ଼ିଶାର ବହୁ ଐତିହାସିକ ଘଟଣାର ବହୁ ଉତ୍‌ଥାନ ପତନର ଜୀବନ୍ତ ସାକ୍ଷୀ ଭାବରେ ବିଦ୍ୟମାନ ରେଭେନ୍ସା ବିଶ୍ୱବିଦ୍ୟାଳୟକୁ ଆସିବା ମୋ ପାଇଁ ବହୁତ ଆନନ୍ଦର ମୁହୂର୍ତ୍ତ । ବିଶ୍ୱରେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଯୋଗଦାନ ରଖିଥିବା ଏହି ବିଶ୍ୱବିଦ୍ୟାଳୟ ଏକ ସମ୍ମାନସ୍ପଦ ଅନୁଷ୍ଠାନ । ଇଂରେଜମାନଙ୍କୁ ବିତାଡ଼ିତ କରିବା ପାଇଁ ବଡ ଜନଆନ୍ଦୋଳନ ହୋଇଥିଲା ଏହି ଅନୁଷ୍ଠାନରେ । ତତ୍କାଳୀନ ମହାପୁରୁଷଙ୍କ ନେତୃତ୍ୱରେ ଏହି



ଅନୁଷ୍ଠାନ ଭାଷାଭିତ୍ତିକ ଆନ୍ଦୋଳନ ସହ ଓଡ଼ିଶାରେ ନବସୃଜନର କଳ୍ପନା କରିଛି । ମହାପ୍ରଭୁଙ୍କ ତୀର୍ଥକ୍ଷେତ୍ର ଯେତେ ପବିତ୍ର ରେଭେନ୍ସା ବି ସେତେ ପବିତ୍ର । ରେଭେନ୍ସା ଯାହା ଆଜି ଭାବେ, ସେହି କଥାକୁ ଓଡ଼ିଶା ପରବର୍ତ୍ତୀ ସମୟରେ ଭାବେ ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଜିର ସମସାମୟିକ ଜୀବନରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ)ର ଚାହିଦା ବଢ଼ିଛି, ଯେଉଁ ଏଆଇକୁ ରେଭେନ୍ସା ଏବଂ ଜାତୀୟତାବାଦର ସମ୍ପର୍କ ଉପରେ ପ୍ରଶ୍ନ କଲେ ଉତ୍ତର ଆସୁଛି, ଓଡ଼ିଆ ଜାତୀୟତାବାଦ ଓ ରେଭେନ୍ସାର ଅନନ୍ୟ ସମ୍ପର୍କ ରହିଛି । ଓଡ଼ିଆ ଜାତୀୟତାବାଦୀ ଆନ୍ଦୋଳନର ମୁଖ୍ୟ ମଞ୍ଚ ହେଉଛି ରେଭେନ୍ସା ବିଶ୍ୱବିଦ୍ୟାଳୟ । ୨୦୩୬ ମସିହାରେ ଓଡ଼ିଶା ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶହେ ବର୍ଷ ପୂରଣ କରିବ । ୨୦୪୭ ମସିହାରେ ଭାରତ ଏହାର ସ୍ୱାଧୀନତାର ଶତବାର୍ଷିକୀ ପାଳନ କରିବ । ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କଳ୍ପନାରେ ବିକଶିତ ଭାରତ ଓ ବିକଶିତ ଓଡ଼ିଶାର ଲକ୍ଷ୍ୟକୁ ହାସଲ କରିବା ଦିଗରେ ରେଭେନ୍ସା ଏକ ଉତପ୍ରେରକ ଭଳି କାର୍ଯ୍ୟ କରିବ । ଏଥିପାଇଁ ଏହି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଏ ଦିଗରେ ସ୍ୱପ୍ନ ଦେଖିବା ପାଇଁ ସେ ଆହ୍ୱାନ କରିଛନ୍ତି । ସେ ଆହୁରି କହିଛନ୍ତି, ଆମର ଯୁବପିଢ଼ି ଚାକିରି ଅନ୍ୱେଷଣରେ ନରହି ଚାକିରି ଦେବାର ଅଭିମୁଖ୍ୟ ଆପଣାଇବାକୁ ହେବ । ଓଡ଼ିଶାରେ ବୌଦ୍ଧ ଧର୍ମ ଏବଂ କଳିଙ୍ଗ ଯୁଦ୍ଧର ଇତିହାସ ଓ ବାସ୍ତବ ଯଥାର୍ଥତାକୁ ଏଆଇ ମାଧ୍ୟମରେ ପ୍ରତିପାଦିତ କରିପାରିଲେ ହିଁ ଏକବିଂଶ ଶତାବ୍ଦୀରେ ଓଡ଼ିଶା ବୈଶ୍ୱିକ ନେତୃତ୍ୱର ପ୍ରୟୋଗଶାଳା ହେବ । ଆଜିର କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ ଦେଇଥିବାରୁ ଶ୍ରୀ ପ୍ରଧାନ ମାନ୍ୟବର ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହି ସମ୍ମାନଜନକ କାର୍ଯ୍ୟକ୍ରମରେ ଓଡ଼ିଶାର ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କଟକ ସାଂସଦ ଭର୍ତ୍ତୃହରି ମହତାବ ପ୍ରମୁଖ ଯୋଗଦେଇଥିଲେ ।

## ଟ୍ରକ ଓ ସ୍କୁଟର ମୁହାଁମୁହିଁ : ଜଣେ ମୃତ

ଆଠଗଡ ,(ସବ୍ୟୁ): ଙ୍ଗଳବାର ପୂର୍ବାହ୍ନ ରେ ନରସିଂହପୁର - ଖୁଣ୍ଟୁଣୀ ୬୫ ନମ୍ବର ରାଜ୍ୟ ରାଜପଥରେ ଏକ ଆଇଚର ଟ୍ରକ ନମ୍ବର ଓଡି-୦୫-ଆର- ୫୨୩୬ ସହିତ ସ୍କୁଟି ରେଜିଷ୍ଟ୍ରେସନ ନମ୍ବର ଓଡି-୦୫-ଏପି-୨୩୮୮ ମୁହାଁମୁହିଁ ଧକ୍କା ହେବା ଯୋଗୁ ସ୍କୁଟି ଚାଳକ ନରେଶ ପାତ୍ର ନାମକ ଜଣେ ଯୁବକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଯାଇଛି । ଯୁବକଙ୍କ ଘର ଆଠଗଡ ଥାନା ଅନ୍ତର୍ଗତ ଗୋପୀନାଥପୁର ଗ୍ରାମରେ । ସେ ଆଠଗଡ ଗ୍ରାମ୍ୟ ପାନୀୟ ଜଳଯୋଗାଣ କାର୍ଯ୍ୟାଳୟରେ ଖଲାସୀ ଭାବେ କାର୍ଯ୍ୟ କରୁଥିଲେ । ଆଠଗଡ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ଦୁଇଟି ଯାକ ଗାଡ଼ିକୁ ଜବତ କରି ଆଠଗଡ ଥାନା କେସ ନମ୍ବର ୨୦୦/୨୫ ରେ ମାମଲା ରୁଜୁ କରି ଟ୍ରକ ଚାଳକ ବଡ଼ମ୍ବା ଥାନା ଅନ୍ତର୍ଗତ ଦେଉଳି ଗ୍ରାମର ରାଜୀବ ବେହେରା (୩୭) କୁ ଗିରଫ କରିବା ସହିତ ଶବକୁ ବ୍ୟବଚ୍ଛେଦ କରିବାକୁ ଆଠଗଡ ଉପଖଣ୍ଡ ଡାକ୍ତରଖାନାକୁ ପଠାଇ ଦେଇଛନ୍ତି । ଅପରାହ୍ନ ରେ ଟ୍ରକ ଚାଳକକୁ କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ସବ ଇନ୍ସପେକଟର କ୍ଷିତିଶ ନାଏକ ସୂଚନା ଦେଇଛନ୍ତି ।

## ରେଭେନ୍ସା ବାଳିକା ବିଦ୍ୟାଳୟର ପୁନଃ ଉନ୍ନତିକରଣର ଶିଳାନ୍ୟାସ

# ଝିଅମାନେ ପୁଅମାନଙ୍କଠାରୁ କୌଣସି ଗୁଣରେ କମ୍ ନୁହନ୍ତି : ରାଷ୍ଟ୍ରପତି

କଟକ, (ସବ୍ୟୁ) : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟ ପୁନଃ ଉନ୍ନତିକରଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ଅବସରରେ ଛାତ୍ରୀମାନଙ୍କୁ ଉଦବୋଧନ ଦେଇ ଆମ ଝିଅମାନେ ପୁଅମାନଙ୍କଠାରୁ କୌଣସି ଗୁଣରେ କମ୍ ନୁହନ୍ତି ବୋଲି କହିଛନ୍ତି । ପାଠ ପଢି ଭଲ ମଣିଷ ହେବା ସହ ନିଜ ପିତାମାତା, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଗୁରୁଜନମାନଙ୍କ ଆଶୀର୍ବାଦ ଗ୍ରହଣ କରି ନିଜ ବ୍ୟକ୍ତିତ୍ୱକୁ ପରିସ୍ଫୁଟ କରିବାକୁ ରାଷ୍ଟ୍ରପତି ଆହ୍ୱାନ ଦେଇଥିଲେ । ନିଜ ବ୍ୟବହାର ଦ୍ୱାରା ନିଜର ଏକ ଏଭଳି ପରିଚୟ ସୃଷ୍ଟି କର ଯେ ଯେଉଁଠାକୁ ଯିବ ସେଠାରେ ସମସ୍ତେ ତୁମର ପରିଚୟ ପଚାରିବେ । ନିଜ ବିଦ୍ୟାଳୟକୁ ଗୌରବାନ୍ୱିତ କରିବା ସହ ଓଡ଼ିଆ ବୋଲି ନିଜକୁ ପ୍ରମାଣିତ କର । ନାରୀ ଶିକ୍ଷାର ପ୍ରଚାର ପ୍ରସାର କ୍ଷେତ୍ରରେ ପ୍ରମୁଖ ସ୍ଥାନ ଗ୍ରହଣ କରିଥିବା ଏହି ବିଦ୍ୟାଳୟ ଅନେକ ଜ୍ଞାନୀ, ଗୁଣୀ, ବିଦୁଷୀ ମହିଳା ତିଆରି କରିଛି । ଏହି ବିଦ୍ୟାଳୟରେ ପାଠ ପଢିଥିବା ଅନେକ ଛାତ୍ରୀ ସମାଜରେ ଉଚ୍ଚ ପ୍ରତିଷ୍ଠିତା । କେନ୍ଦ୍ର ସରକାର ଏହି ପ୍ରକଳ୍ପ ନିମନ୍ତେ




୮୬ କୋଟି ୨୬ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । ରାଜ୍ୟ ସରକାର ଏହି ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରି ପ୍ରାୟ ଦେଢ ବର୍ଷ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖିଛନ୍ତି । ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସାଂସଦ ଭର୍ତ୍ତୃହରି ମହତାବ, କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂହ, ବାରବାଟୀ କଟକ ବିଧାୟିକା ଇଂ. ସୋଫିଆ ଫିର୍ଦ୍ଦୋସ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶେଷରେ ରାଜ୍ୟପାଳ ସଭାମଂଚରୁ ତଳକୁ ଯାଇ ଛାତ୍ରୀମାନଙ୍କୁ ଚକୋଲେଟ ବାଣ୍ଟିବା ସହ ସେମାନଙ୍କ ସହ କଥାବାର୍ତ୍ତା ହୋଇଥିଲେ ।

# ସ୍ଥାୟୀ ନିଯୁକ୍ତି ଦାବିରେ ଓମଫେଡ ମୁଖ୍ୟ ଫାଟକ ଆଗରେ ଧାରଣା

ବାରଙ୍ଗ , (ସବ୍ୟୁ): ମଙ୍ଗଳବାର ସକାଳୁ ଅରିଲୋସ୍ଥିତ ଓମଫେଡ ପ୍ଲାଣ୍ଟରେ ଅସ୍ଥାୟୀ କର୍ମଚାରୀମାନେ ବିଭିନ୍ନ ଦାବି ନେଇ ଧାରଣାରେ ବସିଥିଲେ ।ପରବର୍ତ୍ତୀ ସମୟରେ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ପରେ କର୍ମଚାରୀ ମାନଙ୍କ ଦାବିଗୁଡ଼ିକ ପୂରଣ ଦିଗରେ ପ୍ରତିଶ୍ରୁତି ଦିଆଯିବାରୁ ଧାରଣା ଉଠିଥିଲା । ପ୍ରକାଶ ଯେ,ଓମଫେଡ ପ୍ଲାଣ୍ଟରେ ଦୀର୍ଘଦିନ ହେବ କାର୍ଯ୍ୟ କରୁଥିବା ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି, ସମାନ କାମକୁ ସମାନ ଦରମା, ପଦବୀ ପଦୋନ୍ନତି, ଦରମାବୃଦ୍ଧି ଆଦି ବିଭିନ୍ନ ଦାବିକୁ ନେଇ ଆଜି ଓମଫେଡ ପ୍ଲାଣ୍ଟ ସମ୍ମୁଖରେ ଶତାଧିକ କର୍ମଚାରୀ ସକାଳୁସକାଳୁ ଧାରଣାରେ ବସିଥିଲେ ।ଉତ୍କଳ ଓମଫେଡ ଓ୍ୱର୍କରୟୁନିଅନ ପକ୍ଷରୁ ଏହି ଧାରଣା ଦିଆଯାଇଥିଲା । କର୍ମଚାରୀମାନଙ୍କ ନାର୍ଯ୍ୟଦାବି ପୂରଣ କରିବାକୁ କର୍ତ୍ତୃପକ୍ଷଙ୍କ ପାଖରେ ଦୀର୍ଘଦିନରୁୟୁନିଅନ ପକ୍ଷରୁ ଦାବି କରାଯାଇ ଥିଲା । କିନ୍ତୁ ଓମଫେଡ କର୍ତ୍ତୃପକ୍ଷ କେବଳ ପ୍ରତିଶ୍ରୁତି ଦେଇ ଭୁଲି ଯାଉଥିଲେ ।ଏହାର ପ୍ରତିବାଦରେ ମଙ୍ଗଳବାର ସକାଳୁ କାର୍ଯ୍ୟବନ୍ଦ କରି ଓମଫେଡର ମୁଖ୍ୟଫାଟକ ସମ୍ମୁଖରେ କର୍ମଚାରୀମାନେ ଧାରଣା ଦେଇଥିଲେ । ଯେପର୍ଯ୍ୟନ୍ତ ତାଙ୍କର ସମସ୍ତ ଦାବି ପୁରଣ କରାନଜାଇଛି ସେପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ଉତ୍କଳ ଓମଫେଡ ଓ୍ୱର୍କରୟୁନିଅନ ପକ୍ଷରୁ ଚେତାବନୀ ଦିଆଯାଇଥିଲା । ଅପରାହ୍ନରେ ଓମଫେଡ କମ୍ପାନୀର ଉଚ୍ଚ କତୃପକ୍ଷଙ୍କ ହସ୍ତକ୍ଷେପ ପରେ ଉଭୟଙ୍କ ମଧ୍ୟରେ ଦୀର୍ଘ ୪ ଘଣ୍ଟାର ଆଲୋଚନା କରାଯାଇଥିଲା ।ଏହାପରେୟୁନିଅନ ପକ୍ଷରୁ ରଖାଯାଇଥିବା ନାର୍ଯ୍ୟ ଦାବିଗୁଡ଼ିକୁ ସମ୍ମାନ ଜଣାଇବା ସହ ପର୍ଯ୍ୟାୟକ୍ରମେ ପୂରଣ ଦିଗରେ ଓମଫେଡ କତୃପକ୍ଷ ପ୍ରତିଶ୍ରୁତି ଦେଇଥିବାରୁ ସନ୍ଧ୍ୟା ୫ଟାରୁ ଧାରଣାକୁ ପ୍ରତ୍ୟାହୃତ ହୋଇଥିଲ ।

# ଉନବିଂଶ ଶତାବ୍ଦୀ ଥିଲା କେବଳ ଜନଜାତିଙ୍କ ସ୍ୱାଧୀନତା ସଂଗ୍ରାମ




ଭୁବନେଶ୍ୱର (ସବ୍ୟୁ): ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଇତିହାସ ଓ ନୃତତ୍ତ୍ୱ ବିଭାଗର ମିଳିତ ସହଯୋଗରେ ଏବଂ ଆଇ.ସି.ଏସ୍.ଏସ୍. ଆର୍ ଆର୍ଥିକ ସହାୟତାରେ ଆୟୋଜିତ ଦୁଇଦିନିଆ ଜାତୀୟ ଆଲୋଚନାଚକ୍ରର ଉଦଘାଟନୀ ଉତ୍ସବରେ ବିଶିଷ୍ଟ ଐତିହାସିକ ଓ ଶିକ୍ଷାବିତ ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ ଯୋଗ ଦେଇଥିଲେ । ଏହି ଅବସରରେ ସେ କହିଥିଲେ ଯେ, ଉନବିଂଶ ଶତାବ୍ଦୀ ତଥା ବିଂଶ ଶତାବ୍ଦୀର ପ୍ରାରମ୍ଭ ପର୍ଯ୍ୟନ୍ତ ଓଡ଼ିଶାରେ ଜନଜାତିମାନେ ହିଁ ସ୍ୱାଧୀନତାର ଅନ୍ତସ୍ୱରକୁ ଉଜ୍ଜୀବିତ କରି ରଖିଥିଲେ। ଦୀର୍ଘ ଶହେ ବର୍ଷରୁ ଅଧିକ ସମୟ ଧରି ଓଡ଼ିଶାର ଜନଜାତିମାନେ ଆନ୍ଦୋଳନ ଓ ବିଦ୍ରୋହ ମାଧ୍ୟମରେ ଇଂରେଜ ସରକାରକୁ ଥରହର କରିଦେଇ ଥିଲେ। ବିଶିଷ୍ଟ ନୃତତ୍ତ୍ୱବିଦ୍ ପ୍ରଫେସର ଦୀପକ କୁମାର ବେହେରା ଜନଜାତିଙ୍କ ଅଭିବୃଦ୍ଧି ରେ ଦେଶର ସମୃଦ୍ଧି ନିର୍ଭର କରେ ବୋଲି କହିଥିଲେ। କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସଙ୍କ ସଭାପତିତ୍ୱରେ ତଥା ଡଃ ପରମତପ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଜାତୀୟ ଆଲୋଚନାଚକ୍ରର ବିଭିନ୍ନ ଅଧିବେଶନରେ ପ୍ରଫେସର ଅଶୋକ କୁମାର ପଟ୍ଟନାୟକ, ଡଃ ଅତୁଲ କୁମାର ପ୍ରଧାନ, ଡଃ ସନ୍ତୋଷ କୁମାର ମଲ୍ଲିକ, ଡଃ ମୀନକେତନ ବାଗ , ଡଃ ବିଭୁ କଲ୍ୟାଣ ମହାନ୍ତି, ଡଃ ମୀରା ସାଇଁ ଆଦି ନିଜସ୍ୱ ମତ ଉପସ୍ଥାପନ କରି ଥିଲେ।

## ବିଏମ୍‌ସି ମାଡ ମାମଲା

# ୫ ଅଭିଯୁକ୍ତଙ୍କୁ ହେଲା ଜାମିନ

ଭୁବନେଶ୍ୱର, (ସବ୍ୟୁ) : ବିଏମ୍‌ସି ଅତିରିକ୍ତ କମିଶନର ରନାକର ସାହୁଙ୍କ ମାଡ ମାମଲାରେ ପ୍ରଥମେ ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କୁ ଜାମିନ ହୋଇଥିଲା । ମଙ୍ଗଳବାର ଅନ୍ୟ ୫ ଅଭିଯୁକ୍ତଙ୍କୁ ଜାମିନ ଦେଇଛନ୍ତି ଖୋର୍ଦ୍ଧା ଜିଲ୍ଲା ଦୌରାଜଜ୍ କୋର୍ଟ । ସେମାନେ ହେଲେ ୨୯ ନମ୍ବର ଓ୍ୱାର୍ଡ କର୍ପୋରେଟର ଅରୁପ ନାରାୟଣ ରାଉତ, ରଶ୍ମିରଞ୍ଜନ ମହାପାତ୍ର, ଦେବାଶିଷ ପ୍ରଧାନ, ସଚ୍ଚିକାନ୍ତ ସ୍ୱାଇଁ ଓ ସଞ୍ଜୀବ ମିଶ୍ର । ଜଗନ୍ନାଥ ପ୍ରଧାନଙ୍କ ସମେତ ଶ୍ରୀ ସାହୁଙ୍କ ମାଡ ମାମଲାରେ ୬ଜଣଙ୍କୁ ଗିରଫ କରାଯାଇଥିଲା ।

## ଜୋରଦାର ହେବ ମାଓ ଅପରେସନ

# ଜାରି କରାଯିବ ଟୋଲ୍ ଫ୍ରି ନମ୍ବର

ଭୁବନେଶ୍ୱର, (ସବ୍ୟୁ) : ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶ ମାଓମୁକ୍ତ ହେବ । ତାହାକୁ ଲକ୍ଷ୍ୟରେ ରଖି ରାଜ୍ୟରେ ମାଓ ଅପରେସନ ଜୋର୍‌ଦାର ହେବ ବୋଲି ଆଇଜି ଅପରେସନ ଭାବେ ଯୋଗ ଦେଇଥିବା ଏଡିଜି ସଞ୍ଜୀବ ପଣ୍ଡା କହିଛନ୍ତି । ମାଓବାଦୀଙ୍କ ସମ୍ପର୍କରେ ସୂଚନା ଦେବା ପାଇଁ ଟୋଲଫ୍ରି ନମ୍ବର ଜାରି କରାଯିବ । ଯେଉଁମାନେ ମାଓବାଦୀଙ୍କ ସମ୍ପର୍କରେ ସୂଚନା ଦେବେ ସେମାନଙ୍କ ନାମ ପରିଚୟ ପ୍ରଭୃତି ଗୋପନ ରଖାଯିବ ବୋଲି ଏଡିଜି ଶ୍ରୀ ପଣ୍ଡା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ବୌଦ୍ଧ, ବଲାଙ୍ଗୀର, ଫୁଲବାଣୀ, ନୂଆପଡା, ଅବିଭକ୍ତ କୋରାପୁଟ, ବରଗଡ, ସୁନ୍ଦରଗଡ ଓ ଦେବଗଡ ପ୍ରଭୃତି ଜିଲ୍ଲାରେ ମାଓ ଉପଦ୍ରବ ରହିଥିବାରୁ ସେହି ଜିଲ୍ଲାମାନଙ୍କରେ ଅପରେସନକୁ ଜୋର୍‌ଦାର କରାଯିବା ସହ ରାଜ୍ୟ ସୀମା ଉପରେ ସଶସ୍ତ୍ର ବାହିନୀ କଡାକଡି କାର୍ଯ୍ୟ କରିବେ । ମାଓ ଉପଦ୍ରବ ପଡୋଶୀ ଜିଲ୍ଲାରୁ ମାଓବାଦୀମାନେ ଓଡ଼ିଶାକୁ ସତର୍କତା ସହ ପ୍ରବେଶ କରି ଆସୁଥିବାରୁ ସେଥିପ୍ରତି ଗୁରୁତ୍ୱ ଦିଆଯିବ । ମାଓ ଉପଦ୍ରବ ଜିଲ୍ଲାର ଲୋକମାନେ ଟୋଲଫ୍ରି ନମ୍ବରରେ ସୂଚନା ଦେଲେ ସେମାନଙ୍କ ସମ୍ପର୍କରେ ପ୍ରଘଟ କରାଯିବ ନାହିଁ । ଯେଉଁମାନେ ମାଓବାଦୀଙ୍କୁ ସହଯୋଗ କରୁଛନ୍ତି ସେମାନେ ସତର୍କ ରହିବାକୁ ଏଡିଜି କହିଛନ୍ତି । ୨୦୨୬ ସୁଦ୍ଧା ଦେଶ ମାଓମୁକ୍ତ ଲକ୍ଷ୍ୟରେ ଅପରେସନ୍‌କୁ ଦ୍ରୁତ ତ୍ୱରାନ୍ୱିତ କରାଯିବ । ସଞ୍ଜୀବ ପଣ୍ଡାଙ୍କ କହିବାନୁଯାୟୀ ଆତ୍ମସମର୍ପଣ ପଲିସୀରେ ମାଓବାଦୀମାନେ ଆତ୍ମସମର୍ପଣ କଲେ ଉପକାର ପାଇବେ । ସେମାନେ ଓ ତାଙ୍କ ପରିବାର ଉପରେ ସମସ୍ୟା ସୃଷ୍ଟି ହେବନାହିଁ ।

## ଶରଧାବାଲି ଦଳା ଚକଟା ଘଟଣାରେ

# ୪୦ ଅଧିକାରୀଙ୍କ ସାକ୍ଷ୍ୟ ଗ୍ରହଣ କଲେ ଉନ୍ନୟନ କମିଶନର

ପୁରୀ: (ସବ୍ୟୁ): ଦଳା ଚକଟା ଘଟଣାର ତଦନ୍ତ କମିଶନ ରାଜ୍ୟ ଉନ୍ନୟନ କମିଶନର-ତଥା-ଅତିରିକ୍ତ ମୁଖ୍ୟ ସଚିବ ଅନୁ ଗର୍ଗ ଆଜି ପୁରୀ ଗସ୍ତରେ ଆସି ସ୍ୱତନ୍ତ୍ର ସର୍କିଟ ହାଉସ ଠାରେ ଘଟଣା ଦିନ ଡ୍ୟୁଟିରେ ଥିବା ଅଧିକାରୀଙ୍କ ଠାରୁ ସାକ୍ଷ୍ୟ ଗ୍ରହଣ କରିଛନ୍ତି। ଉନ୍ନୟନ କମିଶନ ଆଜି ମୋଟ ୪୦ ଜଣ ଅଧିକାରୀଙ୍କ ଠାରୁ ସାକ୍ଷ୍ୟ ଗ୍ରହଣ କରିଛନ୍ତି। ପ୍ରକାଶ ଯେ ଗତ ଜୁନ ୨୯ ତାରିଖ ରାତ୍ର ୪ ଟା ବେଳେ ଗୁଣ୍ଡିଚା ମନ୍ଦିର ସମ୍ମୁଖ ରଥ ତଳେ ଦଳା ଚକଟା ଘଟି ତିନି ଜଣ ଭକ୍ତଙ୍କ ମୃତ୍ୟୁ ଘଟିଥିଲା। ରାଜ୍ୟ ସରକାର ଏହି ଦଳାଚକଟା ଘଟଣାର ତଦନ୍ତ ପାଇଁ ଉନ୍ନୟନ କମିଶନର-ତଥା-ଅତିରିକ୍ତ ମୁଖ୍ୟ ସଚିବ ଅନୁ ଗର୍ଗଙ୍କୁ ନର୍ଦ୍ଦେଶ ଦେଇଛନ୍ତି ।ପୂର୍ବରୁ କମିଶନ ଦୁଇ ଦିନ ଧରି ବିଭିନ୍ନ ବ୍ୟକ୍ତି ବିଶେଷ ଓ ସଂଗଠନ ଠାରୁ ସାକ୍ଷ୍ୟ ଗ୍ରହଣ କରିଛନ୍ତି। ଆଜି ପୁନର୍ବାର ପୁରୀ ଆସି ଡ୍ୟୁଟିରେ ଥିବା କର୍ମଚାରୀଙ୍କ ଠାରୁ ସାକ୍ଷ୍ୟ ଗ୍ରହଣ କରିଛନ୍ତି।

# ବେଦାନ୍ତ କଳାହାଣ୍ଡିର ସୌରା ଏବଂ ଢୋକ୍ରା କଳାକୁ ପୁନର୍ଜୀବିତ କରିଛି

ଭୁବନେଶ୍ୱର: (ସବ୍ୟୁ): ଓଡ଼ିଶାର କଳାହାଣ୍ଡି ଜିଲ୍ଲାର ଆଦିବାସୀ ପ୍ରାଣକେନ୍ଦ୍ରରେ, ଯେଉଁଠାରେ ପରମ୍ପରା ଦୈନନ୍ଦିନ ଜୀବନ ଏବଂ ପୂର୍ବପୁରୁଷଙ୍କ ଐତିହ୍ୟ ସହିତ ଜଡିତ, ଦୁଇଟି ପ୍ରାଚୀନ କଳା ସୌରା ଚିତ୍ରକଳା ଏବଂ ଢୋକ୍ରା କାରୁକାର୍ଯ୍ୟ ବିଲୁପ୍ତ ହେବାକୁ ଦ୍ୱାରରେ ପଡ଼ିଛି କିନ୍ତୁ ଆଜି, ବେଦାନ୍ତ ଆଲୁମିନିୟମର ଅଗ୍ରଣୀ ସମ୍ପ୍ରଦାୟ ପଦକ୍ଷେପ ପ୍ରୋଜେକ୍ଟ ଆଦିକଳା ସମର୍ଥନରେ ଆଦିବାସୀ ସଂସ୍କୃତିର ଏହି ସ୍ପନ୍ଦନଶୀଳ ଅଭିବ୍ୟକ୍ତି ଏକ ନବଜାଗରଣ ଅନୁଭବ କରୁଛି। ସଂରକ୍ଷଣ ପ୍ରୟାସ ଭାବରେ ଆରମ୍ଭ ହୋଇଥିବା ଏହା ସ୍ଥାନୀୟ କାରିଗରମାନଙ୍କୁ ସଶକ୍ତ କରିବା, ଗ୍ରାମୀଣ ଅର୍ଥନୀତିକୁ ପୁନର୍ଜୀବିତ କରିବା ଏବଂ କଳାହାଣ୍ଡିକୁ ଭାରତର ସମୃଦ୍ଧ ଆଦିବାସୀ ଐତିହ୍ୟର ଏକ ଗର୍ବିତ ସଂରକ୍ଷକ ଭାବରେ ପୁନଃସ୍ଥାପିତ କରିବା ଏକ ତୃଣମୂଳ ଆନ୍ଦୋଳନରେ ପରିଣତ ହୋଇଛି।ପିଢ଼ି ପରେ ପିଢ଼ି ଧରି, ସୌରା ଏବଂ ଢୋକ୍ରା କଳାକୃତି ଓଡ଼ିଶାର ଆଦିବାସୀ ପରିଚୟର ଅନ୍ତର୍ନିହିତ ଅଂଶ ହୋଇଆସିଛି। ଲାଞ୍ଜିଗଡ଼ ବ୍ଲକର କାଙ୍କେରି ଗ୍ରାମରେ ଅଭ୍ୟାସ କରାଯାଉଥିବା ୪୦୦୦ ବର୍ଷ ପୁରୁଣା ଧାତୁ ଶିଳ୍ପ, ଧୋକ୍ରା, ପୁରାଣ, ଉଦ୍ଭିଦ, ପ୍ରାଣୀ ଏବଂ ଆଦିବାସୀ ଜୀବନର ରୂପକ ଚିତ୍ରକୁ ପୁରୁଣା 'ହଜିଯାଇଥିବା ମହମ କୌଶଳ' ସହିତ ଖୋଦିତ କରାଯାଇଛି। ଏହି ସମୟରେ, ଟସର ରେଶମ ଏବଂ କାନଭାସରେ ଜଟିଳ ଜ୍ୟାମିତିକ



ଢାଂଚା ଚିତ୍ରିତ ସୌରା ଚିତ୍ରଗୁଡ଼ିକ ଆଦିବାସୀ ବିଶ୍ୱାସ ପ୍ରଣାଳୀ, କୃଷି ଏବଂ ପୂର୍ବପୁରୁଷଙ୍କ ରୀତିନୀତିର ଆଧ୍ୟାତ୍ମିକ ଇତିହାସ, ଯାହାକୁ ସ୍ଥାନୀୟ ଆଦିବାସୀ କାରିଗରମାନେ ପ୍ରେମର ସହିତ ଆଗକୁ ବଢ଼ାନ୍ତି। କିନ୍ତୁ ଶିଳ୍ପାୟନ, ସହରାଂଚଳ ସ୍ଥାନାନ୍ତର ଏବଂ ପାରମ୍ପରିକ ହସ୍ତଶିଳ୍ପର ଚାହିଦା ହ୍ରାସ ପାଉଥିବାରୁ, ଏହି କଳାକୃତିଗୁଡ଼ିକ ଚୁପଚାପ୍ ଲୋପ ପାଉଥିଲା। କାରିଗରମାନେ ଅପର୍ଯ୍ୟାପ୍ତ ଆୟ, ପ୍ରକାଶନର ଅଭାବ ଏବଂ ବଜାର ସଂଯୋଗର ଅନୁପସ୍ଥିତି ସହିତ ସଂଘର୍ଷ କରୁଥିଲେ ଯେପର୍ଯ୍ୟନ୍ତ ବେଦାନ୍ତ ଏକ ସାହସିକ ଦୃଷ୍ଟିକୋଣ ସହିତ ପଦକ୍ଷେପ ନେଇନଥିଲା।

ବେଦାନ୍ତର ସିଏସଆର ଅଧୀନରେ ଆରମ୍ଭ ହୋଇଥିବା, ପ୍ରୋଜେକ୍ଟ ଆଦିକଳା କେବଳ ଓଡ଼ିଶାର ଆଦିବାସୀ କଳାକୃତିକୁ ସଂରକ୍ଷଣ କରିବା ପାଇଁ ନୁହେଁ ବରଂ ଏକ ସ୍ଥାୟୀ ଭବିଷ୍ୟତ ପାଇଁ ସେମାନଙ୍କୁ ସ୍ଥାନିତ କରିବା ପାଇଁ ପରିକଳ୍ପନା କରାଯାଇଥିଲା। ପ୍ରୋଜେକ୍ଟ ଆଦିକଳା ପୁରୁଣା କାରିଗରୀଙ୍କୁ ଆଧୁନିକ ଡିଜାଇନ୍ ସମ୍ବେଦନଶୀଳତା ସହିତ ମିଶ୍ରଣ କରିବାରେ ସାହାଯ୍ୟ କରେ, ବଜାର ପ୍ରବେଶ ଏବଂ ଦକ୍ଷତା ତାଲିମ ପ୍ରଦାନ କରେ, ଏବଂ କାରିଗରମାନଙ୍କୁ ସ୍ୱାବଲମ୍ବୀ ଏବଂ ବିଶ୍ୱସ୍ତରୀୟ ପ୍ରାସଙ୍ଗିକ ହେବା ପାଇଁ ସଶକ୍ତ କରେ। ଢୋକ୍ରା କାରିଗରମାନଙ୍କ ପାଇଁ, ବେଦାନ୍ତ ଆଲୁମିନିୟମ କଳାର ଗ୍ରାମୀଣ ଆକର୍ଷଣ ପ୍ରତି ସତ୍ୟ ରହିବା ସହିତ ଧାତୁ କାଷ୍ଟିଂରେ ନୂତନତ୍ୱ ପ୍ରଚଳନ କରିଥିଲା। ସୌରା ଚିତ୍ରକରମାନଙ୍କ ପାଇଁ, କମ୍ପାନୀ ଡିଜିଟାଲ୍ ଉପକରଣଗୁଡ଼ିକର ପ୍ରବେଶକୁ ସକ୍ଷମ କରିଥିଲା ଏବଂ କାନଭାସ୍ ଏବଂ ରେଶମରୁ ପରିବେଶ ଅନୁକୂଳ ପାଟ ବ୍ୟାଗ୍, ପୋଷାକ ଏବଂ ଏପରିକି ସୁଗନ୍ଧିତ ମହମବତୀ ପର୍ଯ୍ୟନ୍ତ ସେମାନଙ୍କର ମାଧ୍ୟମକୁ ବିବିଧ କରିଥିଲା। କଳାହାଣ୍ଡି କ୍ରାଫ୍ଟ ଲେବଲ୍ ଅଧୀନରେ ଟ୍ରେଣ୍ଡି ଡିଜାଇନ୍, ପ୍ରଦର୍ଶନୀ ଏବଂ ବ୍ରାଣ୍ଡିଂ ଉପରେ କର୍ମଶାଳା ସମ୍ପ୍ରଦାୟକୁ ଆଧୁନିକ ଦର୍ଶକଙ୍କ ପାଇଁ ସେମାନଙ୍କର କାମକୁ ପୁନଃକଳ୍ପନା କରିବାରେ ସାହାଯ୍ୟ କରିଥିଲା। ପ୍ରୋଜେକ୍ଟ ଆଦିକଳାରୁ ଉଭା ହୋଇଥିବା ସବୁଠାରୁ ଆକର୍ଷଣୀୟ ସଫଳତାର କାହାଣୀ ମଧ୍ୟରୁ ଗୋଟିଏ ହେଉଛି କଳାହାଣ୍ଡିର ଲାଞ୍ଜିଗଡ଼ର ବନ୍ଧପାରିର କାଙ୍କେରିର ୪୭ ବର୍ଷୀୟ ଧୋକ୍ରା କାରିଗର ଉଆଁଶୁ କାନସାରୀଙ୍କ କାହାଣୀ। ଧାତୁ କାରିଗରଙ୍କ ବଂଶରୁ ଆସିଥିବା ଉଆଂଶୁ ତାଙ୍କ ଜେଜେବାପାଙ୍କଠାରୁ ଏହି କାରିଗରୀ ଶିଖିଥିଲେ, ଯେଉଁମାନେ ଦକ୍ଷତା ସତ୍ତ୍ୱେ, ବଜାର ସୁବିଧା ଏବଂ ପାରମ୍ପରିକ କଳା ପ୍ରତି ଆଗ୍ରହ ହ୍ରାସ ପାଇବା ଯୋଗୁଁ ଜୀବିକା ନିର୍ବାହ କରିପାରି ନଥିଲେ। ତଥାପି, ପ୍ରୋଜେକ୍ଟ ଆଦିକଳା ମାଧ୍ୟମରେ ବେଦାନ୍ତର ହସ୍ତକ୍ଷେପ ପରେ, ଉଆଂଶୁଙ୍କ ଜୀବନ ଏକ ପରିବର୍ତ୍ତନମୂଳକ ମୋଡ଼ ନେଇଥିଲା। ସେ ଅନ୍ୟ ସ୍ଥାନୀୟ କାରିଗରମାନଙ୍କ ସହିତ ଗଠିତ ଏକ ଉତ୍ପାଦକ ଗୋଷ୍ଠୀର ଅଂଶ ହୋଇଗଲେ, ଯାହା ସାମୂହିକ ଉତ୍ପାଦନ, ଗୁଣବତା ଉନ୍ନତି ଏବଂ ବଜାରକୁ ଉତମ ପ୍ରବେଶକୁ ସକ୍ଷମ କରିଥିଲା। ଫଳସ୍ୱରୂପ, ତାଙ୍କର ମାସିକ ଆୟ ବହୁଗୁଣିତ ହୋଇଥିଲା, ଯାହା ତାଙ୍କୁ ତାଙ୍କ ପରିବାର ପାଇଁ ଏକ ଉନ୍ନତ ଜୀବନ ଯୋଗାଇବାରେ ସାହାଯ୍ୟ କରିଥିଲା। ଆଜି, ତାଙ୍କ ପିଲାମାନେ ଆନୁଷ୍ଠାନିକ ଶିକ୍ଷା ପାଉଛନ୍ତି - ଯାହା ସେ ଥରେ ଅପହଂଚ ବୋଲି ଭାବୁଥିଲେ। ଉଆଂଶୁଙ୍କ ଯାତ୍ରା ଏକ ପ୍ରମାଣ ଭାବରେ ଠିଆ ହୋଇଛି ଯେ ସାଂସ୍କୃତିକ ସଂରକ୍ଷଣ, ଯେତେବେଳେ ସମ୍ପ୍ରଦାୟ ସଶକ୍ତିକରଣ ସହିତ ଯୋଡାଯାଏ, ଜୀବନକୁ କିପରି ପରିବର୍ତ୍ତନ କରିପାରେ।

## ବିଶ୍ୱ ସର୍ପ ଦିବସ, ବର୍ଷାଋତୁରେ ବଢୁଛି ସାପ କାମୁଡା ମାମଲା

# ଅନ୍ଧବିଶ୍ୱାସ ଯୋଗୁ ଚାଲିଯାଉଛି ଅମୂଲ୍ୟ ଜୀବନ, ୩ବର୍ଷ ରେ ୩୯ ଜଣଙ୍କ ମୃତ୍ୟୁ

ଖୋର୍ଦ୍ଧା,(ଲଳିତ ମୋହନ ମହାପାତ୍ର): ବର୍ଷା ଦିନ ଆସିଲେ ବିଭିନ୍ନ ଗାତ ଓ ସନ୍ଧିରେ ରହୁଥିବା ସରୀସୃପମାନେ ଘର ମୁହାଁ ହୋଇଥାନ୍ତି। ବିଶେଷ କରି ଗ୍ରାମାଂଚଳରେ ପ୍ରାୟ ଚାଳ ଛପର ଓ ଟିଣ ଘର ରହିଥିବାରୁ ସାପମାନେ ଘର ଭିତରକୁ ପ୍ରବେଶ କରିଥାନ୍ତି। ଲୋକମାନେ ବିଷଧର ସାପମାନଙ୍କ ଠାରୁ ରକ୍ଷା ପାଇବା ପାଇଁ ଅନେକ ସମୟରେ ସାପକୁ ମାରି ଦେଉଥିବାବେଳେ ସାପ କାମୁଡ଼ାରେ ବହୁ ନୀରିହ ଜୀବନ ମଧ୍ୟ ଅକାଳରେ ଝଡ଼ି ପଡୁଥିବା ଶୁଣିବାକୁ ମିଳୁଛି।

ସାପ କାମୁଡ଼ିବା ମାତ୍ରେ ଯଦି ସଠିକ୍ ସମୟରେ ଚିକିତ୍ସା ଯୋଗାଇ ଦିଆଯାଏ ତେବେ ଆବଶ୍ୟକ ଚିକିତ୍ସା ସହ ସାପ ବିଷକୁ ପ୍ରତିହତ କରିପାରୁଥିବା ଇନଞ୍ଜେକସନ ରୋଗୀ ପାଇଲେ ସୁସ୍ଥ ହୋଇ ଯାଆନ୍ତେ। କିନ୍ତୁ ଗ୍ରାମାଂଚଳରେ ଅଧିକାଂଶ ସାପ କାମୁଡା ଘଟଣା ଘଟୁଥିବା ବେଳେ ଗ୍ରାମାଂଚଳର ଲୋକମାନେ ଡାକ୍ତରଖାନା ଅପେକ୍ଷା ଦେହରୁ ବିଷ ବାହାର କରିବା ପାଇଁ ନିକଟସ୍ଥ ଗୁଣିଆ କିମ୍ବା କ୍ୱାକ୍ (ଘରୋଇ ବୈଦ୍ୟ) ମାନଙ୍କୁ ପ୍ରାଧାନ୍ୟ ଦେଇଥାନ୍ତି। ଯାହା ଫଳରେ ଅନେକ ସମୟରେ ସାପ କାମୁଡିଥିବା ବ୍ୟକ୍ତି ଅନ୍ଧ ବିଶ୍ୱାସର ଜାଲରେ ଫସି ଡାକ୍ତରଖାନା ଅସିବା ବେଳକୁ ତାର ମୃତ୍ୟୁ ହୋଇଯାଉଥିବା ଅଭିଯୋଗ ହେଉଛି। ବିଶେଷ କରି ଜୁନ୍ ମାସ ଦ୍ୱିତୀୟ ସପ୍ତାହରୁ ମୌସୁମୀର ଆଗମନ ହୋଇଥାଏ। ବର୍ଷସାରା ସାପ କାମୁଡ଼ିବା ରୋଗୀ ଡାକ୍ତରଖାନା ଆସୁଥିବା ବେଳେ ଏହି ସମୟରେ ଆକ୍ରାନ୍ତଙ୍କ ସଂଖ୍ୟାରେ ବହୁତ ବଢିଯାଏ। ସେପ୍‌ଟେମ୍ବର ମାସ ପର୍ଯ୍ୟନ୍ତ ସାପ କାମୁଡା ମାମଲା ଆସୁଥିବାରୁ ଡାକ୍ତରଖାନା ପକ୍ଷରୁ ଏହି ସମୟରେ ଅଧିକ ସତର୍କତା ଅବଲମ୍ବନ କରାଯାଇଥାଏ। କିନ୍ତୁ ଗ୍ରାମାଂଚଳ ତଥା ଆଦିବାସୀ ଓ ଉପାନ୍ତ ଅଂଚଳର ଲୋକମାନେ ଡାକ୍ତରଖାନା ଅପେକ୍ଷା ଅଧିକାଂଶ ସ୍ଥାନରେ ସ୍ଥାନୀୟ ଗୁଣିଆ ବା ଘରୋଇ ବୈଦ୍ୟମାନଙ୍କୁ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳୁଛି। ବର୍ଷାଋତୁ ଆସିବା ପୂର୍ବରୁ ଆବଶ୍ୟକତା ଅନୁଯାୟୀ ସାପର ବିଷ କାଟିବା ପାଇଁ ଡାକ୍ତରଖାନାରେ ଇଞ୍ଜେକ୍ସନ୍ ମହଜୁଦ ରଖାଯାଇଥାଏ। ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ଖୋର୍ଦ୍ଧା ଜିଲ୍ଲା ସମେତ ପଡୋଶୀ କଟକ, ନୟାଗଡ ଓ ପୁରୀ ଜିଲ୍ଲାର କେତେକ ଅଂଚଳରୁ ସିଧାସଳଖ ମଧ୍ୟ ସାପ କାମୁଡା ବ୍ୟକ୍ତି ଭର୍ତ୍ତି ହୁଅନ୍ତି। ଖୋର୍ଦ୍ଧା ସହର ଓ ଉପକଣ୍ଠରେ ଆଇସିୟୁ ଥିବା ଡାକ୍ତରଖାନା ଅଭାବ ଥିବାରୁ ଡିଏଚ୍‌ଏଚ୍ କୁ ଆସୁଥିବା ସାପ କାମୁଡା ରୋଗୀଙ୍କୁ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର ସ୍ଥାନାନ୍ତର କରୁଛନ୍ତି। ଉକ୍ତ ସମୟରେ ରାସ୍ତାରେ କିଛି ରୋଗୀଙ୍କ ମୃତ୍ୟୁ ହେଉଛି ।ମେଡିକାଲ ରେ ଆଇସିୟୁ ବ୍ୟବସ୍ଥା କରାଯାଇ ଗୋଲଡେନ ଆୱାର ଭିତରେ ଚିକିତ୍ସା କରାଗଲେ ସାପ କାମୁଡା ରୋଗୀ ଉପକୃତ ହୋଇପାରନ୍ତେ।

ଅନ୍ୟପକ୍ଷରରେ ଗତ ୨୦୨୪ ଏପ୍ରିଲ ମାସରୁ ଚଳିତ ବର୍ଷ ଜୁନ୍ ମାସ ପର୍ଯ୍ୟନ୍ତ ୧୫୮ଜଣଙ୍କୁ ସାପ କାମୁଡ଼ି ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି ହୋଇଥିବା ଜଣାପଡିଛି। ୨୦୨୪ ଏପ୍ରିଲ ମାସରେ ୧୫ଜଣ, ମେ ମାସରେ ୪ଜଣ, ଜୁନ ରେ ୫ଜଣ, ଜୁଲାଇ ରେ ୪ଜଣ, ଅଗଷ୍ଟ ରେ ୬ଜଣ, ସେପ୍ଟେମ୍ବର ରେ ୧୩ଜଣ, ଅକ୍ଟୋବର ରେ ୧୦ଜଣ, ନଭେମ୍ବର ରେ ୧୧ଜଣ, ଡିସେମ୍ବର ରେ ୮ଜଣ, ଏବଂ ଚଳିତ ବର୍ଷ ଜାନୁୟାରୀ ମାସରେ ୨୮ଜଣ, ଫେବୃୟାରୀ ରେ ୧୧ଜଣ, ମାର୍ଚ୍ଚ ରେ ୮, ଏପ୍ରିଲ ରେ ୭ଜଣ, ମେ ମାସ ରେ ୯ଜଣ ହୋଇଥିବାବେଳେ ଜୁନ୍ ମାସରେ ୧୯ଜଣ ସାପ କାମୁଡ଼ା ରୋଗୀ ମେଡିକାଲରେ ଚିକିତ୍ସିତ ହୋଇଛନ୍ତି। ତେବେ ସଚେତନତା ଅଭାବରୁ ବହୁ ସ୍ଥାନରେ ସାପ କାମୁଡା ବ୍ୟକ୍ତିଙ୍କ ମୃତ୍ୟୁ ହେଉଛି। ଜିଲ୍ଲା ଜରୁରୀକାଳୀନ ବିଭାଗ ତଥ୍ୟ ଅନୁଯାୟୀ ଗତ ୨୦୨୩ବର୍ଷ ରେ ୨୨ଜଣଙ୍କର ମୃତ୍ୟୁ ହୋଇଥିଲା। ଏହିକ୍ରମରେ ୨୦୨୪ରେ ୧୫ଜଣଙ୍କ ସାପ କାମୁଡାରେ ମୃତ୍ୟୁ ହୋଇଛି। ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ୨ଜଣଙ୍କର ମୃତ୍ୟୁ ହୋଇଥିବା ଜଣାଯାଇଛି।

# ଯୁବ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପ୍ରତିକାତ୍ମକ ଶବଦାହ

ଭୁବନେଶ୍ୱର,(ସବ୍ୟୁ): ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ରଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କର ଫ୍ଲେକ୍ସ ନିର୍ମିତ ଶବଦାହ ପ୍ରତିକାତ୍ମକ ଭାବରେ ବିଜେପି କାର୍ଯ୍ୟାଳୟ ନିକଟରେ ସମାପିତ ହୋଇଥିଲା । ପ୍ରଦେଶ ଯୁବ କଂଗ୍ରେସ କର୍ମକର୍ତ୍ତାମାନେ ଏକ ରାଲିରେ ଦୁଇଟି କୋକେଇ କାନ୍ଧେଇଥିଲେ । ସେହି କୋକେଇରେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷାମନ୍ତ୍ରୀଙ୍କର ଦୁଇଟି ଫ୍ଲେକ୍ସ ନିର୍ମିତ ଶବ ରଖାଯାଇଥିଲା । ଶବଦାହର ସମସ୍ତ ବିଧି ଏହି କାର୍ଯ୍ୟକ୍ରମରେ ଅନୁସରଣ କରାଯାଇଥିଲା ।




ଶ୍ରୀ ପାତ୍ର କହିଥିଲେ ଯେ ଆମେ ମୋହନ ସରକାରର ପ୍ରତିକାତ୍ମକ ଶବଦାହ କରିଛୁ । ଏହି ସରକାରରେ ନାରୀ ଅସୁରକ୍ଷିତ । ବାଲେଶ୍ୱର ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିକୁ ମୁଖ୍ୟମନ୍ତ୍ରୀ କି ଶିକ୍ଷାମନ୍ତ୍ରୀ ବା ସମଗ୍ର ମୋହନ ସରକାରର ବ୍ୟବସ୍ଥା ନ୍ୟାୟ ଦେଇପାରିଲା ନାହିଁ । ଛାତ୍ରୀ ଜଣକ ୬ମାସ ଧରି ତାଙ୍କ ବିଭାଗର ମୁଖ୍ୟଙ୍କ ଦ୍ୱାରା ଅତ୍ୟାଚାରିତ ହେଲା । ମହାବିଦ୍ୟାଳୟର ଅଧ୍ୟକ୍ଷ ଅଭିଯୋଗ ପାଇଲା ପରେ ମଧ୍ୟ ନୀରବ ରହିଲେ । ଛାତ୍ରୀ ନ୍ୟାୟ ପାଇବାପାଇଁ ବାଲେଶ୍ୱର ସାଂସଦଙ୍କ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ଜିଲ୍ଲାପାଳ, ଥାନା ସମସ୍ତଙ୍କୁ ନିଜର ଅଭିଯୋଗ ପ୍ରେରଣ କରିଛି । ବାଲେଶ୍ୱର ସାଂସଦ ସ୍ୱୀକାର କରିଛନ୍ତି ଯେ ତାଙ୍କ ନିର୍ଦ୍ଦେଶ କେହି ମାନୁନାହାନ୍ତି । ଏହାର ଅର୍ଥ ଝିଅର ଆକୁଳ ନିବେଦନକୁ ଏ ସରକାର ବେଖାତିର କଲା । ତେଣୁ ଝିଅଟି ଚରମ ନିଷ୍ପି ନେଇ ଆତ୍ମହତ୍ୟା କରିଛି । ସୁତରାଂ ପ୍ରଦେଶ ଯୁବ କଂଗ୍ରେସ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କର ଇସ୍ତଫା ଦାବି କରିବା ସହ ଏଥିରେ ସଂପୃକ୍ତ ସମସ୍ତ ବ୍ୟକ୍ତିଙ୍କୁ ଦଣ୍ଡବିଧାନ ଓ ଘଟଣାର ନ୍ୟାୟିକ ତଦନ୍ତ ଦାବି କରିଛି । ଝିଅର ପରିବାରକୁ ସରକାର ଉପଯୁକ୍ତ କ୍ଷତିପୂରଣ ଦିଅନ୍ତୁ ।

ଭୁବନେଶ୍ୱର କଂଗ୍ରେସ ସାଂସଦ ସୟଦୟାସିର ନଓ୍ୱାଜ କହିଥିଲେ ଯେ ଏହି ଘଟଣାରେ ବିଜେପି, ମୋହନ ସରକାର ଏବଂ ଏବିଭିପିର ଅସଲ ମୁଖା ଖୋଲିଯାଇଛି । ଉଭୟ ଅଧ୍ୟକ୍ଷ ଓ ଅଧ୍ୟାପକଙ୍କୁ କଲେଜ ବାହାରେ ଥିବା ହେଲ୍‌ଡେକ୍ସ ଠାରେ ଏବିଭିପି ପକ୍ଷରୁ ସମ୍ମାନୀତ କରାଯାଇଥିଲା । ଛାତ୍ରୀଟି ଏବିଭିପି ସଂଗଠନର ଜଣେ ସଭ୍ୟା । ମାତ୍ର ଦୁଃଖର ବିଷୟ ଏହିକିଯେ ଛାତ୍ରୀର ଗୁହାରୀ ନଶୁଣିଥିବା ସରକାର ବିରୋଧରେ ଏବିଭିପି ଏପର୍ଯ୍ୟନ୍ତ ଆନ୍ଦୋଳନ କରୁନାହିଁ କି ଶବ୍ଦଟିଏ କହୁନାହିଁ । ଛାତ୍ରୀର ହାତକୁ ଆତ୍ମଦାହ କରିବାପାଇଁ କିଏ ସେ ପେଟ୍ରୋଲ ଓ ଦିଆସିଲି ବଢ଼ାଇଦେଲା ଏବଂ ଆତ୍ମଦାହ କରିବାପାଇଁ ଉସୁକାଇଲା ତାହାର ଉପଯୁକ୍ତ ତଦନ୍ତ କରାଯାଉ । କଂଗ୍ରେସ ବାରମ୍ବାର ନାରୀ ସୁରକ୍ଷା କଥା କହୁଛି । ମାତ୍ର ମୋହନ ସରକାର ଏହାକୁ ଉପେକ୍ଷା କରୁଛି । ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମହତ୍ୟା କରିନି ବରଂ ବିଜେପି, ମୋହନ ସରାକର ଏବଂ ଏବିଭିପି ତାଙ୍କୁ ହତ୍ୟା କରିଛି ବୋଲି ସୟଦୟାସିର ନଓ୍ୱାଜ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଦେଶ କଂଗ୍ରେସ ସାଧାରଣ ସମ୍ପାଦକ ମହମ୍ମଦ ଇମଦାଦ, ମନୋଜ ବିଶ୍ୱାଳ, କିରଣ ସାହୁ, ନିହାର ବେହେରା, ଗୋପନ ମାର୍ଥା, ଲିପିକା ପାତ୍ର, ଲିଂ। ନାୟକ, ମହମ୍ମଦ ପରଭେଜ, ରଣଜିତ ସେନାପତି, ସୌମ୍ୟ ବରାଳା, ସୁଶାନ୍ତ ତ୍ରିପାଠୀ, ସୁଭାଷ ପ୍ରଧାନ ପ୍ରମୁଖ ସାମିଲ ଥିଲେ ।

# କଂଗ୍ରେସ ଏସ୍‌ସି ବିଭାଗ ରାଜ୍ୟ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ବଣ୍ଟନ

ଭୁବନେଶ୍ୱର,(ସବ୍ୟୁ) : ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ପରାମର୍ଶକ୍ରମେ ରାଜ୍ୟ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ଆଇନଜୀବୀ ମାନସ କୁମାର ମଲ୍ଲିକ ରାଜ୍ୟ କର୍ମକର୍ତ୍ତା ମାନଙ୍କ ମଧ୍ୟରେ ବିଭିନ୍ନ ଦାୟିତ୍ୱ ବଣ୍ଟନ କରିଛନ୍ତି ।

ଯାଜପୁର, (ସବ୍ୟୁ) : ଜାତୀୟ ଆଇନସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନସେବା ପ୍ରାଧିକରଣ, ଯାଜପୁର ଏବଂ ତାଲୁକ୍ ଆଇନ ସେବା ସମିତି ଯାଜପୁର ରୋଡ ଓ ଚଣ୍ଡିଖୋଲରେ ଏକ ୯୦ ଦିନିଆ ସ୍ୱତନ୍ତ୍ର ମଧ୍ୟସ୍ଥତା ଅଭିଯାନ ଶୁଭାରମ୍ଭ କରାଯାଇଛି । ଏହି ଅଭିଯାନ ମାଧ୍ୟମରେ ଅଦାଲତରେ ବିଚାରାଧୀନ ବୈବାହିକ ବିବାଦ, ଘରୋଇ ହିଂସା, ଚେକ୍ ବାଉନ୍ସ, ବାଣିଜ୍ୟିକ ବିବାଦ, ସର୍ଭିସ୍ ମ୍ୟାଟର, କ୍ରିମିନାଲ କମ୍ପାଉଡେବଲ, ଖାଉଟି ବିବାଦ, ଡେବଟ୍ ରିକଭରି, ପାର୍ଟିସନ୍ ଏଭିକ୍ସନ୍, ଜମି ଅଧିଗ୍ରହଣ, ଅନ୍ୟାନ୍ୟ ଉପଯୋଗୀ ଦେଓ୍ୱାନୀ ମାମଲାର ଆପୋଷ ସହମତି ଭିତ୍ତିରେ ସମାଧାନ କରାଯିବ । ଏହି ଅଭିଯାନ ଆସନ୍ତା ଅକ୍ଟୋବର ମାସ ୬ ତାରିଖ ପର୍ଯ୍ୟନ୍ତ ଜାରି ରହିବଛ ଏହି ଅଭିଯାନରେ ଅଂଶଗ୍ରହଣ କରି ଉପରୋକ୍ତ ମାମଲା ଗୁଡ଼ିକର ୍ରିତ ସମାଧାନ କରାଇନେବା ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣ, ଯାଜପୁର ତରଫରୁ ଅନୁରୋଧ କରାଯାଇଛି ।

## ଭାରସମ୍ୟ ହରାଇ ଆଇଚର ଦୁର୍ଘଟଣା: ଚାଳକ ଆହତ

ପାଣିକୋଇଲି, (ସବ୍ୟୁ) : ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସଂଗଡା ବ୍ରିଜ ନିକଟରେ ଆଜି ସକାଳୁ ଏକ ଆଇଚର ଟ୍ରକ ଭାରସମ୍ୟ ହରାଇ ଡିଭାଇଡର ଉପରେ ପିଟିହୋଇ ଦୁର୍ଘଟଣାର ଶିକାର ହେବା ସହ ଚାଳକ ଆହତ ହୋଇଛନ୍ତି । ପ୍ରକାଶଯେ କଟକ ଟାଂଗିରୁ ସିମେଂଟ ବୋଝେଇ କରି ଏକ ଆଇଛର ଟ୍ରକ ( ଓଡି୨୩ଜି ୭୬୯୯) କେନ୍ଦୁଝର ଜିଲ୍ଲା ଛେନାପତି ଅଭିମୁଖେ ଆସୁଥିବା ବେଳେ ଜାତୀୟ ରାଜପଥର ସିଂଗଡା ବ୍ରିଜ ନିକଟରେ ତାର ଆଖି ଲାଗିଯିବାରୁ ଭାରସାମ୍ୟ ହରାଇ ରାସ୍ତା କଡ ଡିଭାଇଡର ଉପରେ ଚଢି ଯାଇଥିଲା । ଫଳରେ ଚାଳକ ଛତିଆ ସୋଲାର ଗ୍ରାମର ମହେଶ ପାଲ ଆହତ ହେବା ସହ ଗାଡିଟି କ୍ଷତିଗ୍ରସ୍ଥ ହୋଇଥିଲା । ରାଜପଥ ପେଟ୍ରୋଲିଂଗ ଗାଡି ପହଂଚି ଚାଳକକୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା କରାଇଥିଲେ ।

### ବିପଦ ପାଲଟିଛି ମହାନଦୀ ସ୍ନାନ

# ନିମ୍ନମାନର ନିର୍ମାଣ କାର୍ଯ୍ୟ ଅଭିଯୋଗ

କଣ୍ଟିଲୋ,(ସବ୍ୟୁ): ନଦୀ ବନ୍ଧ ଗୁଡିକର ସୁଦୃଢ଼ୀକରଣ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚକରୁଛନ୍ତି। ମାତ୍ର ସମ୍ପୃକ୍ତ ବିଭାଗ ଓ ର୍ନିମାଣ ସଂସ୍ଥା ମାନଙ୍କ ର ଦୁର୍ନୀତି ଖୋର ମନୋଭାବ ପାଇଁ ର୍ନିମାଣ ଦୀର୍ଘ ସ୍ଥାୟୀ ହେଉନାହିଁ।ମହାନଦୀ କୂଳ କ୍ଷୟ ରୋକିବାକୁ ଜଳସମ୍ପଦ ବିଭାଗ ପକ୍ଷରୁ ପ୍ରାୟ ୧୮ କୋଟି ବ୍ୟୟରେ କଣ୍ଟିଲୋ ନୀଳମାଧ କଲେଜ ସମ୍ମୁଖ ବୁରୁଜ ଠାରୁ ନୀଳମାଧବ ମନ୍ଦିର ପଶ୍ଚିମ ଦ୍ୱାର ଓ ନଦୀ କୂଳ ଅଞ୍ଚଳ ପଥର ପ୍ୟାକିଂ କାର୍ଯ୍ୟ ଗତ ବର୍ଷ କରାଯାଇଥିଲା।ବର୍ଷେ ନପୂରୁଣୁ ଏବେ ନଦୀ କୂଳ ମାନଙ୍କ ରେ ପଥର ସବୁ ଇତସ୍ତତ ଭାବେ ପଡିଥିବାରୁ ସ୍ଥାନୀୟ ଗ୍ରାମବାସୀଙ୍କ ସମେତ ପର୍ଯ୍ୟଟକମାନେ ମହାନଦୀକୁ ସ୍ନାନ କରିବାକୁ ବିପଦ ମନେ କରୁଛନ୍ତି ।ନୀଳମାଧବ ପୀଠକୁ ଆସୁଥିବା ଶ୍ରଦ୍ଧାଳୁ ଶୌଚାଳୟ ବ୍ୟବସ୍ଥା ନଥିବାରୁ



ସେମାନେ ମହାନଦୀକୁ ସ୍ନାନ ଶୌଚ ନିମିତ୍ତ ବ୍ୟବହାର କରିଥାନ୍ତି। ସେଠାରେ ଗାଧୋଇବା ସମୟରେ ନଦୀ ସ୍ରୋତ ତଥା ଗଭୀରତା ସମ୍ପର୍କରେ ଅନୁମାନ ଲଗାଇ ନପାରି ବିପଦରେ ପଡୁଛନ୍ତି। ସାଧାରଣତଃ ଆସୁଥିବା ବୋଲବମ ଭକ୍ତ ଓ ପର୍ଯ୍ୟଟକ ନୀଳମାଧବ ପୀଠର ପଶ୍ଚିମ ଦ୍ୱାର ଠାରୁ ମହିମା ଆଶ୍ରମ ପର୍ଯ୍ୟନ୍ତ ପ୍ରାୟ ୨କିମି ମହାନଦୀ କୂଳ ଅଞ୍ଚଳ କୁ ଯାତାୟତ କରିଥାନ୍ତି। ଶ୍ରାବଣ ମାସରେ ନୀଳମାଧବ ପୀଠ ରେ ହଜାର ହଜାର ସଂଖ୍ୟାରେ ବୋଲବମ ଭକ୍ତ ଆସୁଛନ୍ତି। ଏଥିସହ ଶ୍ରାଦ୍ଧ, ପିଣ୍ଡଦାନ ଆଦି ପାରମ୍ପରିକ କାର୍ଯ୍ୟ ଓ ମହାନଦୀରେ ବୋଟିଂ ର ମଜା ନେବା ପାଇଁ ମଧ୍ୟ ମହାନଦୀ ଘାଟରେ ହଜାର ହଜାର ପର୍ଯ୍ୟଟକ ଭିଡ଼ ଲଗାଇଥାନ୍ତି। ଜଳ ଭାର ପାଇଁ ନଦୀ କୂଳ ଘାଟ କୁ ଯିବା ସମୟ ରେ ଖଣ୍ଡିଆ ଖାବରା ହେଉଥିବା ଅଭିଯୋଗ କରୁଛନ୍ତି। ଘାଟ ମାନଙ୍କରେ ପ୍ରଶାସନ ପକ୍ଷରୁ ସତର୍କତା ସମ୍ପର୍କିତ ସୂଚନା ନାହିଁ। ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଦାବି ହେଉଛି।

### ପୋଲ ଦବି ଯିବାରୁ ନୟାହାଟ – ନାଗପୁର ରାସ୍ତାରେ ଗମନାଗମନ ବନ୍ଦ

# ନିଷ୍କାସନ ହେଉନି ବର୍ଷାଜଳ : ୧୦ ପରିବାର ଜଳବନ୍ଦୀ

ଗୋପ,(ସବ୍ୟୁ): ଦୁଇଦିନ ହେବ ଗୋପ ବ୍ଲକ ଅନ୍ତର୍ଗତ ନାହିଟି ଗ୍ରାମ ନିକଟରେ ନାଗପୁର – ନୟାହାଟ ପୂର୍ତ୍ତବିଭାଗ ରାସ୍ତା ପୋଲ ଦବିଯିବା ଯୋଗୁଁ ଗମନାଗମନ ବାଧାପ୍ରାପ୍ତ ହୋଇଛି। ଏପରି କି ଏହି ରାସ୍ତା ରେ ଥିବା ପୋଲଟି ଦବିଯିବା ଫଳରେ ବର୍ଷାପାଣି ନିଷ୍କାସନରେ ହୋଇ ପାରୁନାହିଁ। ବର୍ଷାଜଳ ନିଷ୍କାସନ ନ ହେବା ଯୋଗୁଁ ନିକଟସ୍ଥ ନାହିଟି ଗ୍ରାମର ୧୦ ଗୋଟି ପରିବାର ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ବାରମ୍ବାର ଅଭିଯୋଗ କରାଗଲେ ମଧ୍ୟ ରାସ୍ତା ଦାୟିତ୍ୱରେ ଥିବା ପୂର୍ତ୍ତବିଭାଗ ଯନ୍ତ୍ରୀ ନୀରବଦ୍ରଷ୍ଟା ପାଲଟିବା ଯୋଗୁଁ ସାଧାରଣ ରେ ଅସନ୍ତୋଷ ଦେଖାଦେଇଛି। ପ୍ରକାଶ ଯେ ଦୀର୍ଘ ଦିନ ଧରି ନାଗପୁର – ନୟାହାଟ ରାସ୍ତା ଟିର ଅବସ୍ଥା





ଶୋଚନୀୟ ହୋଇ ପଡିଥିଲା। ଫେବୃଆରୀ ୨୭ ତାରିଖ ଦିନ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ରାସ୍ତା ର ନାଗପୁର ଠାରେ ୬ କୋଟି ଟଙ୍କା ବ୍ୟୟରେ ରାସ୍ତା ର ଶିଳାନ୍ୟାସ କରିଥିଲେ। ପରେ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ବିଭାଗୀୟ ଯନ୍ତ୍ରୀ ଉକ୍ତ ରାସ୍ତା କାର୍ଯ୍ୟ ଠିକ ଭାବରେ ନ ଦେଖିଥିବା ଭଳି ଅଭିଯୋଗ ହୋଇଛି। ୨୧ କିଲୋମିଟର ରାସ୍ତା କାମ ଏବେ ଚାଲିଥିବା ବେଳେ ଦୁଇଦିନ ତଳେ ଏହି ରାସ୍ତା ର ନାହିଟି ଗ୍ରାମ ନିକଟରେ ଥିବା ପୁରୁଣା ପୋଲଟି ଦବି ଯାଇଥିଲା। ପୋଲ ଦବିଯିବା ଫଳରେ ନିକଟରେ ରହିଥିବା ଜୋରରେ ବର୍ଷାଜଳ ନିଷ୍କାସନ ହୋଇ ପାରି ନ ଥିଲା। ଏଥିଯୋଗୁଁ ନିଷ୍କାସନ ନ ହୋଇ ପାରୁଥିବା ବର୍ଷାଜଳ ଗାଁ ରେ ପଶିବା ଯୋଗୁଁ ୧୦ ଗୋଟି ପରିବାର ଏବେ ବି ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ରାସ୍ତା ଦବିଯିବା ଯୋଗୁଁ ନୟାହାଟ କୁ ଲକ୍ଷ୍ମୀବସ, ସ୍କୁଲ ବସ ଓ ୧୦୮ ଆମ୍ବୁଲାନ୍ସ ସହିତ ଅନ୍ୟାନ୍ୟ ଗାଡିଘୋଡା ଯା ଆସ କରି ପାରୁ ନାହିଁ। ଏପରି ଅବସ୍ଥାକୁ ନେଇ ବାରମ୍ବାର ଅଭିଯୋଗ ଉପରେ ପୂର୍ତ୍ତବିଭାଗ ଦୃଷ୍ଟି ଦେଉ ନ ଥିବା ବେଳେ ଗ୍ରାମବାସୀ ମାନଙ୍କ ମଧ୍ୟରେ ଅସନ୍ତୋଷ ପାଇଛି ବୋଲି ପ୍ରମୋଦ ପ୍ରଧାନ, ଦାମୋଦର ପ୍ରଧାନ, ଘନଶ୍ୟାମ ପ୍ରଧାନ, ପ୍ରଦିପ୍ତ ପ୍ରଧାନ,ଅଖୟ ପ୍ରଧାନ, ଅହଲ୍ୟା ପ୍ରଧାନ,ଦିଜବର ପ୍ରଧାନ ପ୍ରମୁଖ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ସଂପର୍କରେ ଗୋପ ପୂର୍ତ୍ତବିଭାଗ ଯନ୍ତ୍ରୀ ରବିନ୍ଦ୍ର କୁମାର ଦଣ୍ଡପତି ଙ୍କୁ ପଚାରିବା ରେ ଏହି ଅଭିଯୋଗ ମୋ ନିକଟରେ ରହିଛି। ଖୁବଶୀଘ୍ର କାର୍ଯ୍ୟ କରାଯିବ ବୋଲି ସୂଚନା ଦେଇଛନ୍ତି।

## ସୌମ୍ୟାଶ୍ରୀ ମୃତ୍ୟୁରେ କ୍ୟାଣ୍ଡେଲ ଶୋଭାଯାତ୍ରା

ରଣପୁର (ସବ୍ୟୁ): ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀ ସୌମ୍ୟଶ୍ରୀ ବିଶିଙ୍କ ମୃତ୍ୟୁରେ ତାଙ୍କର ଅମର ଆତ୍ମାର ସଦଗତି କାମନା କରିମଙ୍ଗଳବାର ସନ୍ଧ୍ୟାରେ ଦୁଇଟି ପୃଥକ ପୃଥକ କ୍ୟାଣ୍ଡେଲ ଶୋଭାଯାତ୍ରା ହୋଇଛି । ପ୍ରଥମେ କଂଗ୍ରେସ ଓ ସିପିଆଇଏମ ଦଳ ତରଫରୁ ରଘୁଦିବାକର ମଣ୍ଡପ ଠାରୁ ବାହାରି ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ରଣପୁର ଦାଣ୍ଡ ପରିକ୍ରମା କରି ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚି ସେଠାରେ ଅମର ଆତ୍ମାର ସଦଗତି କାମନା କରିବା ସହ ରାଜ୍ୟ ସରକାରଙ୍କ ବିଫଳତା ଦର୍ଶାଇ ଏକ ପଥପ୍ରାନ୍ତ ସଭା କରିଥିଲେ ।ଏହି କାର୍ଯ୍ୟକ୍ରମରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ବିଭୂପ୍ରସାଦ ମିଶ୍ର, ଶତ୍ରୁଘ୍ନ ପାଇକରା,ମାନସ ମହାପାତ୍ର ଓ ସିପି ଆଇ ଏମର ହରିଶଚନ୍ଦ୍ର ମିଶ୍ର, ସୁରେଶ ସ୍ୱାଇଁ, ନିତ୍ୟାନନ୍ଦ ପରିଡା, ଦୁଃଶାସନ ଜେନା, ବୁଲୁ ମହାନ୍ତି ଙ୍କ ସହ ଉଭୟ ଦଳର ବହୁ କର୍ମୀ ସାମିଲ ହୋଇଥିଲେ । ସେହିଭଳି ରଣପୁର ର୍ନିବାଚନମଣ୍ଡଳୀ ବିଜୁ ଛାତ୍ର ଓ ଯୁବ ଜନତା ଦଳର କର୍ମୀମାନେ ରଘୁଦିବାକ ମଣ୍ଡପଠାରୁ ରାଜ୍ୟ ସରକାର ଜଣେ ଅସହାୟ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନରେ ବିଫଳତାକୁ ନେଇ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ନାରାବାଜି ଦେଇ ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚି ଥିଲା । ଏହି କାର୍ଯ୍ୟକ୍ରମ ରେ ଯୁବସଂଗଠକ ପ୍ରଫୁଲ୍ଲ ନାୟକ, ଲିଙ୍ଗରାଜ ନାୟକ, ସ୍ୱର୍ଣ୍ଣ ପ୍ରକାଶ ରାଉତରାୟ,ରାଜୀବଲୋଚନ ପ୍ରଧାନ, ଆଲୋକ ଜେନା, ଅଶୋକ ସ୍ୱାଇଁ, ବେଣୁଧର ବେହେରା, ଶ୍ରୀକାନ୍ତ ମିଶ୍ର, ସୁଧାକର ପ୍ରଧାନ, ଜୟନ୍ତୀ ମହାରଣା ଓ ଶାନ୍ତିଲତା ସାହୁଙ୍କ ସହ ବହୁ ଯୁବ ଓ ଛାତ୍ର କର୍ମୀମାନେ ସାମିଲ ହୋଇଥିଲେ।

## ସୌମ୍ୟାଶ୍ରୀଙ୍କ ମୃତ୍ୟୁରେ ଛାତ୍ର ବିଜେଡିର ମହମବତୀ ଶୋଭାଯାତ୍ରା

ଆଠଗଡ,(ସବ୍ୟୁ): ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟର ମୃତ ଛାତ୍ରୀ ଛାତ୍ରୀ ସୌମ୍ୟାଶ୍ରୀଙ୍କର ଆତ୍ମାର ସଦଗତି କାମନା କର ମଙ୍ଗଳବାର ସନ୍ଧ୍ୟାରେ ଆଠଗଡ ବ୍ଲକ ଛାତ୍ର ବିଜେଡି ସଭାପତି ସତ୍ୟପ୍ରିୟ ମହାନ୍ତି ଓ ଏନଏସି ସଭାପତି ଖଲିଦ ମହମ୍ମଦ,ଆଠଗଡ ବ୍ଲକ ଯୁବ ବିଜେଡ଼ି ସଭାପତି ନୋଦ କୁମାର ମାଝୀଙ୍କ ନେତୃତ୍ୱରେ ଏକ ମହମ ବତୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆଠଗଡ ସହର ସ୍ଥିତ ବାଉତୀ ମନ୍ଦିର ରୁ ବାହାରି ଚାନ୍ଦବାଲି ଛକ ହନୁମାନ ମନ୍ଦିର ଠାରେ ପହଞ୍ଚିଥିଲେ। ଉକ୍ତ କାର୍ଯ୍ୟକ୍ରମ ରେ ଅନ୍ୟ ମାନଙ୍କ ମଧ୍ୟରେ ବିଜେଡି ଜିଲ୍ଲା ସଂପାଦକ ଲଳିତେନ୍ଦୁ ସେନାପତି, ପ୍ରଦୀପ୍ତ ଦାସ, ପ୍ରକାଶ ରାଉତ,ଆଠଗଡ ଏନଏସି ଜେଡି ସଭାପତି ଶିଶିର ପ୍ରସାଦ ମାନସିଂହ,ଯୁବ ସମବାୟବିତ ପ୍ରସନ୍ନ କୁମାର ସାଇଁ , ସରପଞ୍ଚ ଅଜିତ କୁମାର ଦାସ ସରୋଜ ଦାସ ପ୍ରଭଞ୍ଜନ ସେଠୀ ,ବିଭୂତି ଖଟୁଆ ,ରାକେଶ ନାୟକ ,ସୌମ୍ୟରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ପ୍ରଦାନ

ନୟାହାଟ,(ସବ୍ୟୁ): ପୁରୀ ଜିଲ୍ଲା ଗୋପ ଥାନା ଅଧିନ ନୟାହାଟ ଫାଣ୍ଡି ପରିସରରେ ମଧୁସୂଦନ ବରିଷ୍ଠ ନାଗରିକ ମଞ୍ଚର ୨୦ ଜଣ ସଦସ୍ୟଙ୍କୁ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ପରିଚୟ ପତ୍ର ପ୍ରଦାନ କରଛନ୍ତି । ଶିକ୍ଷାବିତ୍ ମଧୁସୂଦନ ରାୟଙ୍କ ଅଧ୍ୟକ୍ଷତାରେ ସଭା ପରିଚାଳନା କରାଯାଇଥିଲା । ମଞ୍ଚର ଉପସଭାପତି ସୁରେନ୍ଦ୍ର ମୋହନ ବିଟି, ତ୍ରିଲୋଚନ ପରିଡ଼ା,ଯୁଗ୍ମ ସଂପାଦକ କୃଷ୍ଣ ଚନ୍ଦ୍ର ବାରିକ,ସଭ୍ୟ ଏମ୍.ଡି.ତୟବ,ଫକିର ସ୍ୱାଇଁ,ଆଲାମ ବେଗ୍,ଭ୍ରମର ରାଉତ,ବିଷ୍ଣୁ ମହାଁ,ସନାତନ ଖୁଣ୍ଟିଆ,କୃଷ୍ଣ ଚନ୍ଦ୍ର ସ୍ୱାଇଁ,ମହମ୍ମଦ ସମସୁଲ୍,କରୁଣାକର ପାତ୍ର,ଲୋଚନ ମହାପାତ୍ର,ଲମ୍ବୋଦର ବିଶ୍ୱାଳ ପ୍ରମୁଖ ସଭାରେ ଉପସ୍ଥିତ ଥିଲେ ।

## ପୁରୁଣା ବସଷ୍ଟାଣ୍ଡ : ଶୌଚାଳୟରେ ତାଲା, ନାହିଁ ଯାତ୍ରୀ ବିଶ୍ରାମ ଗାର

ନିମାପଡା,(ସବ୍ୟୁ): ନିମାପଡା ପୁରୁଣା ବସଷ୍ଟାଣ୍ଡ ନିକଟରେ ଥିବା ଶୌଚାଳୟ ଏକ ବର୍ଷରୁ ଉର୍ଦ୍ଧ୍ୱ ହେବ ବନ୍ଦ ହୋଇ ପଡିରହିବା ଏବଂ ଯାତ୍ରୀ ବିଶ୍ରାମଗାର ନଥିବାରୁ ଅସନ୍ତୋଷ ବଢିବାରେ ଲାଗିଛି । ପ୍ରାୟ ୧ ବର୍ଷରୁ ଉର୍ଦ୍ଧ୍ୱ ଦିନ ଧରି ଉକ୍ତ ଶୌଚାଳୟ ବନ୍ଦ ହୋଇ ପଡିଥିବାରୁ ଯାତ୍ରୀ,ପର୍ଯ୍ୟଟକ ଓ ସ୍ଥାନୀୟ ବ୍ୟବସାୟୀ ଶୌଚ ହେବା ପାଇଁ ହନ୍ତସନ୍ତ ହେଉଛନ୍ତି । ପ୍ରକାଶ ଯେ, ଗତ ୨୦୦୮ ମସିହାରେ ପରିଷଦ ପକ୍ଷରୁ ଏଠାରେ ଉକ୍ତ ସୁଲଭ ଶୌଚାଳୟ ଓ ସ୍ନାନଗାର ଉଦ୍ଘାଟିତ ହୋଇଥିଲା । ବିଭିନ୍ନ ଯାନାବାହନରେ ପର୍ଯ୍ୟଟନ ସ୍ଥଳୀକୁ ଭ୍ରମଣରେ ଯାଉଥିବା ମହିଳା,ପୁରୁଷ ପର୍ଯ୍ୟଯଟକ ଏବଂ ଯାତ୍ରୀ ମାନେ ଆବଶ୍ୟକ ପଡିଲେ ଗାଡିରୁ ଓହ୍ଲାଇ ଶୌଚ ପାଇଁ ଉକ୍ତ ଶୌଚାଳୟକୁ ଯାଇଥାନ୍ତି । ସେହିପରି ସ୍ଥାନୀୟ ବ୍ୟବସାୟୀମାନେ ଗାଧୋଇବା,ଶୌଚ ପାଇଁ ଏହି ଶୌଚାଳୟ ଉପରେ ନିର୍ଭର କରିଥାନ୍ତି । ଶୌଚାଳୟରେ ଲାଗିଥିବା ଲୁହା କବାଟ କଳଙ୍କି ଲାଗି ନଷ୍ଟ ହେବା ସହିତ ପାଣି ପାଇପ,ଟ୍ୟାପ ଆଦି ଭାଙ୍ଗି ଖରାପ ହୋଇ ପଡିଥିଲା । ପରିଷଦ ପକ୍ଷରୁ ଉକ୍ତ ଶୌଚାଳୟର ରକ୍ଷଣାବେକ୍ଷଣ ଠିକ ଭାବେ କରାନଯିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଥିଲା । ଏହା ଲୋକଙ୍କ ବ୍ୟବହାର ପାଇଁ ଅନୁପଯୋଗୀ ହେବାରୁ ୧ ବର୍ଷରୁ ଉର୍ଦ୍ଧ୍ୱ ଦିନ ହେବ ପରିଷଦ ପକ୍ଷରୁ ଉକ୍ତ ଶୌଚାଳୟରେ ତାଲା ପକାଇ ବନ୍ଦ କରି ରଖାଯାଇଛି । ସେହିପରି ରାସ୍ତା ସଂପ୍ରସାରଣ ସମୟରେ ପୁରୁଣା ବସଷ୍ଟାଣ୍ଡ ନିକଟରେ ଥିବା ଯାତ୍ରୀ ବିଶ୍ରାମ ଗାରଟିକୁ ପ୍ରଶାସନ ପକ୍ଷରୁ ଭାଙ୍ଗି ଦିଆଯାଇଥିଲା । ନିମାପଡାରେ ଏକ ନୂତନ ବସଷ୍ଟାଣ୍ଡ ନିର୍ମାଣ ହୋଇଥିଲେ ମଧ ତାହା ଲୋକଙ୍କ କାମରେ ଆସୁନି । ନିର୍ମିତ ନୂତନ ବସଷ୍ଟାଣ୍ଡରେ ଯାତ୍ରୀବାହୀ ବସ ନ ରହି ପୁରୁଣା ବସଷ୍ଟାଣ୍ଡରେ ରହୁଥିବାରୁ ଯାତ୍ରୀ ଆସି ପୁରୁଣା ବସଷ୍ଟାଣ୍ଡରେ ବସକୁ ଅପେକ୍ଷା କରିଥାନ୍ତି । କିନ୍ତୁ ଯାତ୍ରୀ ବିଶ୍ରାମ ଗାର ନଥିବାରୁ ଲୋକେ ପିଲାଛୁଆଙ୍କୁ ଧରି ଖରା ବର୍ଷାରେ ଛିଡା ହୋଇ ବସକୁ ଅପେକ୍ଷା କରିବାକୁ ପଡିଥାଏ । ସ୍ଥାନୀୟ ବାସିନ୍ଦା ଲକ୍ଷ୍ମୀଧର ପାତ୍ର ,ସୁବାଷ ଚନ୍ଦ୍ର ପାତ୍ର,ବିଜୟ ପାତ୍ର,ପ୍ରଦୀପ୍ତ ମହାପାତ୍ର,ଦିଲ୍ଲୀପ କୁମାର ପାତ୍ର କୁହନ୍ତି ଦୀର୍ଘଦିନ ହେବ ଉକ୍ତ ଶୌଚାଳୟଟି ବନ୍ଦ ହୋଇ ପଡିରହିବା ଏବଂ ଯାତ୍ରୀ ବିଶ୍ରାମ ଗାର ନଥିବା ଯୋଗୁଁ ବ୍ୟବସାୟୀ,ପର୍ଯ୍ୟଟକ ଓ ବସ ଆଦି ଯାନବାହାନରେ ଯାତାୟତ କରୁଥିବା ଯାତ୍ରୀ ମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ତରତରିଆ ଭାବେ ଗାଡିରୁ ଓହ୍ଲାଇ ଶୌଚାଳୟ ନିକଟକୁ ଆସି ସେଥିରେ ତାଲା ପଡିଥିବା ଦେଖି ସେମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି ବୋଲି ଏମାନେ ଅଭିଯୋଗ କରିଛନ୍ତି । ଏଠାରେ ତୁରନ୍ତ ନୂଆ ଶୌଚାଳୟ ଓ ଯାତ୍ରୀ ବିଶ୍ରାମଗାର ନିର୍ମାଣ ପାଇଁ ଦାବୀ କରିଛନ୍ତି । ଏସଂପର୍କରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସଙ୍କୁ ପଚାରିବାରେ ପୁରୁଣା ବସଷ୍ଟାଣ୍ଡ ନିକଟରେ ଥିବା ଉକ୍ତ ଶୌଚାଳୟଟି ଭାଙ୍ଗିରୁଜି ବ୍ୟବହାର ପାଇଁ ଅନୁପଯୋଗୀ ହୋଇପଡିବାରୁ ତାହାକୁ ବନ୍ଦ ରଖାଯାଇଛି,ଉକ୍ତ ଶୌଚାଳୟଟିକୁ ଭଙ୍ଗାଯାଇ ନୂତନ ଶୌଚାଳୟ ଏବଂ ଦୋଳବେଦୀ ଛକ ନିକଟରେ ଏକ ନୂତନ ଶୌଚାଳୟ ନିର୍ମାଣ ପାଇଁ ଟେଣ୍ଡର କାର୍ଯ୍ୟ ସରିଛି ବୋଲି ସେ ପ୍ରକାଶ କରିଛନ୍ତି ।

## ୪୨ ମୌଜା ଏରଞ୍ଚ ଦଳିତ ସାହିରେ ପାନୀୟ ଜଳ ସମସ୍ୟା



ଫୁଲନଖରା,(ସବ୍ୟୁ): କଟକ ସଦର ବ୍ଲକ ୪୨ ମୌଜା ବେଷ୍ଟକାର ପଞ୍ଚାୟତ ଅର୍ନ୍ତଗତ ଏରଞ୍ଚ ଗ୍ରାମ ଦଳିତ ସାହି ନଳକୂପ ୨ ମାସ ହେଲାଣି ଅଚଳ ହୋଇ ପଡି ରହିଛି । ଫଳ ରେ ବହୁ ଲୋକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପ୍ରାୟ ୨୦ ପରିବାର ପାଣି ପାଇବାରୁ ବଞ୍ଚିତ । ସଦର ବ୍ଲକ ପ୍ରଶାସନ ତୁରନ୍ତ ଏଥପ୍ରତି ଦୃଷ୍ଟି ଦେଇ ମରାମତି କରିବା ନଚେତ ନୂତନ ନଳକୁପ ବସାଇବା ପାଇଁ ବେଙ୍ଗୁଲି ଭୋଇ,ନକ୍ଷୀ ଭୋଇ, ରେଖା ଭୋଇ,ମିନାକ୍ଷୀ ଭୋଇ,ଅନି ଭୋଇ,ଶର୍ମିଷ୍ଠା ଭୋଇ,ହରେକୃଷ୍ଣ ଭୋଇ,ସଙ୍ଗୀତା ଭୋଇ,ଶିକ୍ଷାବିତ ତଥା ସମାଜସେବୀ ପ୍ରଫେସର୍ ଇଂ. ମନୋଜ ନାୟକ,ବିଜୟ ନାୟକ, ବସନ୍ତ ପଣ୍ଡା,ତାପସ ପତି,ମିଟୁ ବେହେରା,ସଞ୍ଜୟ ବେହେରା,ସୁଶିଲ ପରିଡ଼ା,ପ୍ରକାଶ ମାଝୀ ପ୍ରମୁଖ ଦୃଢ଼ ଦାବୀ କରିଛନ୍ତି ।

## ରେଳ ଓଭର ବ୍ରିଜ ନିର୍ମାଣ ନିମନ୍ତେ ମାପଚୁପ ଆରମ୍ଭ : ବ୍ୟବସାୟୀଙ୍କ ରାସ୍ତାରୋକ

ସାକ୍ଷୀଗୋପାଳ ,(ସବ୍ୟୁ) : ସାକ୍ଷୀଗୋପାଳ ଅଳଗୁମ ରାସ୍ତାରେ ସାକ୍ଷୀଗୋପାଳ ବଜାର ମୁଖ୍ୟ ରାସ୍ତାରେ ରହିଥିବା ରେଳ ଫାଟକ ଉପରେ ରେଳ ଓଭର ବ୍ରିଜ ର୍ନିମାଣ ନିମନ୍ତେ ମଙ୍ଗଳବାରି ପୂର୍ବାହ୍ନ ୧୦ ଘଟିକାରୁ ଭୂମି ଚିହ୍ନଟ ପକ୍ରିୟା ଆରମ୍ଭ ହୋଇଥିଲା । ପ୍ରକଳ୍ପ ନିମନ୍ତେ ଅଧିଗ୍ରହଣ କରାଯିବାକୁ ଥିବା ଜୟପୁର ପଞ୍ଚାୟତ ଓ ପେଣ୍ଠପଡା ପଞ୍ଚାୟତରେ ଜମି ହେଉଛି ବ୍ୟକ୍ତିଗତ ଜମି ୨.୫୩୫ ଏକର । ସରକାରୀ ଜମି ୨,୬୬ ଏକର ହୋଇଥିବା ବେଳେ ଦେବୋତ୍ତର ଜମି ହେଉଛି ୧. ୮୪୦ ଏକର । ଆରମ୍ଭ ହୋଇଥିବା ଭୂମି ଚିହ୍ନଟ ପକ୍ରିୟାକୁ ସାକ୍ଷୀଗୋପାଳ ବଜାରରେ ବ୍ୟବସାୟ କରୁଥିବା ବ୍ୟବସାୟୀ ଓ ବ୍ୟବସାୟିକ ପ୍ରତିନିଧି ବଜାର କମିଟିର ବରିଷ୍ଠ ସଦସ୍ୟ ବିଷ୍ଣୁପ୍ରସାଦମିଶ୍ର , ସଞ୍ଜୀବ ଦାଶ , ଅମିୟ ସ୍ୱାଇଁ , ପୂର୍ବତନ ସରପଞ୍ଚ ଶଙ୍କର୍ଷଣ ପ୍ରଧାନଙ୍କ ସମେତ ଅନ୍ୟମାନେ ଏହି ଚିହ୍ନଟ ପକ୍ରିୟା ବନ୍ଦ କରିବା ପାଇଁ ଉପସ୍ଥିତ ଅଧିକାରୀ ମାନଙ୍କୁ ଅନୁରୋଧ କରିବା ସହିତ ବ୍ୟବସାୟୀମାନେ ସାକ୍ଷୀଗୋପାଳ ବଜାର ରାସ୍ତା ଅବରୋଧ କରିଥିଲେ । ତେଣୁ ଚିହ୍ନଟ ପ୍ରକ୍ରିୟା ବନ୍ଦ କରାଯାଇଥିଲା । ପରେ ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ଓ ଅତିରିକ୍ତ ତହସିଲଦାର ଓମ ପ୍ରକାଶ ପରିଡାଙ୍କ ହସ୍ତକ୍ଷେପ ପରେ ବ୍ୟବସାୟୀମାନେ ରାସ୍ତାରୁ ଅବରୋଧ ଉଠାଇବା ସହ ଆଉ ଗୋଟିଏ ଦିନ ଅର୍ଥାତ ବୁଧବାର ପର୍ଯ୍ୟନ୍ତ ଚିହ୍ନଟ ପକ୍ରିୟା ବନ୍ଦ ରଖିବାକୁ ଅନୁରୋଧ କରିଥିଲେ । ସତ୍ୟବାଦୀ ଅତିରିକ୍ତ ତହସିଲଦାର ଓମ ପ୍ରକାଶ ପରିଡା ଓ ସହକାରୀ ଜିଲ୍ଲାପାଳ ଆଶୁତୋଷ ଦେ ଙ୍କ ଦାରା ଗଠିତ ଦୁଇଟି କମିଟି ଦ୍ୱାରା ଏହି ଚିହ୍ନଟ ପକ୍ରିୟା ଆରମ୍ଭ କରାଯାଇଛି ।ଏକ କମିଟିର ରେ ପେଣ୍ଠପଡା ପଞ୍ଚାୟତ ଭୂମି ଅଧିଗ୍ରହଣ ନିମନ୍ତେ ସତ୍ୟବାଦୀ ଅତିରିକ୍ତ ତହସିଲଦାର ଓମ ପ୍ରକାଶ ପରିଡା ମୁଖ୍ୟ ରହିଥିବା ବେଳେ ତାଙ୍କ ଟିମରେ ( ଆର ଆଣ୍ଡ ବି ) ଡିଭିଜନ ପୁରୀର ଯନ୍ତ୍ରୀ ଜି , ଜିତେନ୍ଦ୍ର ବେହେରା , ଆରଆଇ ପ୍ରଶାନ୍ତ ଜେନା ,ଅମିନ ଶିଖର ଜେନା ଓ ଶକ୍ତି ପ୍ରସାଦ ଶତପଥୀ ଓ ସହାୟକ ହେମନ୍ତ କୁମାର ପ୍ରଧାନ ପ୍ରମୁଖ ରହିଛନ୍ତି । ଅନ୍ୟ କମିଟି ପେଣ୍ଠପଡା ଓରଫ ଗୋପାଳପୁର ପାଟଣା ନିମନ୍ତେ ସହକାରୀ ଜିଲ୍ଲା ପାଳ ଆଶୁତୋଷ ଦେ , ପୁରୀ ( ଆର ଆଣ୍ଡ ବି ) ଯନ୍ତ୍ରୀ ସ୍ମୃତି ରଞ୍ଜନ ଦଳାଇ , ଆର ଆଇ ଅଙ୍ଗଦ କୁମାର ଭୋଇ , ଓ ରଶ୍ମି ରଞ୍ଜନ ସିଂ , ଅମିନ ମୃତ୍ୟୁଞ୍ଜୟ ସିଂ , ଅକ୍ଷୟ କୁମାର ସାହୁ ରହିଛନ୍ତି । ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ଉପସ୍ଥିତ ରହି ଏହି କାର୍ଯ୍ୟ ସମ୍ପାଦନା କରୁଛନ୍ତି ।ଆସନ୍ତା କାଲି ଏହି ପ୍ରକଳ୍ପ ନିମନ୍ତେ ହେବାକୁ ଥିବା ମାପଚୁପ ନିମନ୍ତେ ବ୍ୟାପକ ପୋଲିସ ମୁତୟନ କରାଯିବ ବୋଲି ଜଣା ପଡ଼ିଛି। ମଙ୍ଗଳବାର ସନ୍ଧ୍ୟାରେ ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ରଙ୍କ ସହିତ ସାକ୍ଷୀଗୋପାଳ ବଜାର ବ୍ୟବସାୟୀ ସଙ୍ଘ କର୍ମକର୍ତ୍ତାଙ୍କ ଆଲୋଚନା ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ହୋଇଛି।

## ତହସିଲ ଆଗରେ ଗ୍ରାମବାସୀଙ୍କ ଧାରଣା



ଅସ୍ତରଙ୍ଗ,(ସବ୍ୟୁ): ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅଧୀନ ନଗର ଗ୍ରାମ ପଞ୍ଚାୟତ କାଳିଆକଣ ଗ୍ରାମର ୨ଶହରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଏକତ୍ରିତ ହୋଇ ମଙ୍ଗଳବାର ଦିନ ଅସ୍ତରଙ୍ଗ ତହସିଲ ଆଗରେ ଧାରଣାରେ ବସିଥିବା ଦିଖିବାକୁ ମିଳିଥିଲା । କାଳିଆ କଣ ଗ୍ରାମକୁ ଗୋଟେ ଭଲ ରାସ୍ତା ନାହିଁ । ହେଲେ ସରକାରଙ୍କ ପାଖରେ ଅଭିଯୋଗ କଲା ପରେ ଗ୍ରାମ ଉନ୍ନୟନ ବିବାଗ ତରଫରୁ ରାସ୍ତା ପାଇଁ ଅର୍ଥ ବରାଦ ହେବା ପରେ, ନେଇଥିବା ଠିକାଦାର ରାସ୍ତା ଆରମ୍ଭ କାର୍ଯ୍ୟ ଆରମ୍ଭ କଲେ । ହେଲେ କିଛି ମୁଷ୍ଟିମୟ ଲୋକ ରାସ୍ତା ଯାଉଥିବା ଜମିରେ ବାଧକ ସୃଷ୍ଟି କରିବାରୁ ରାସ୍ତା କାର୍ଯ୍ୟ ହୋଇ ପାରିଥିଲା । ଯାହା ଫଳରେ କି ବହୁ ବାଦ ବିବାଦ ଲାଗି ରହିବାରୁ କଥାଟି ଥାନା,ତାହାସିଲ ଓ କୋର୍ଟ ପର୍ଯ୍ୟନ୍ତ ମଧି ଯାଇଥିଲା। ରାସ୍ତା ସପକ୍ଷରେ ଥିବା ଲୋକଙ୍କ ଉପରେ ମାମଲା ବି ହୋଇଥିଲା, ଯାହାକି ସେମାନେ ଜାମିନରେ ଆସି ରାସ୍ତା କାର୍ଯ୍ୟ କିପରି ହେବ ଅଡ଼ି ବସିଥିଲେ। ଶେଷରେ କିଛି ଉପାୟ ନ ପାଇବାରୁ ତହସିଲ ଆଗରେ ଧାରଣା ଦେଇ ଥିଲେ । ନିମାପଡା ଡ଼ି ଏସ ପି, ଅସ୍ତରଙ୍ଗ ତାହାସିଲ ଦାର, ଆଇ ଆଇ ସି, ଅସ୍ତରଙ୍ଗ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ରାସ୍ତା ର୍ନିମାଣ ର ସମାଧାନର ପ୍ରତିଶୃତି ଦେବା ପରେ ତାହସିଲ ଆଗରୁ ଧାରଣା ପ୍ରତ୍ୟାହୃତ ହୋଇ ଥିଲା ।

## ଓଡ଼ିଆ ବିଶ୍ୱବିଦ୍ୟାଳୟ ପରିସରରେ ଚାରା ରୋପଣ

ସାକ୍ଷୀଗୋପାଳ,(ସବ୍ୟୁ) : ସ୍ଥାନୀୟ ଓଡ଼ିଆ ବିଶ୍ୱବିଦ୍ୟାଳୟ ପରିସର ମଧ୍ୟରେ ଚାରା ରୋପଣ ଦିବସ ଅନୁଷ୍ଠିତ ହୋଇଯାଇଛି। ଗତବର୍ଷ ପ୍ରତିଷ୍ଠା ଦିବସରେ 'ପଞ୍ଚସଖା ପ୍ରକୃତି ସମ୍ମାନ ' ରେ ସମ୍ମାନିତ ପ୍ରଦୀପ କୁମାର ଦଳେଇ ଏହି ଉପଲକ୍ଷେ ବିଭିନ୍ନ ଚାରା ପ୍ରଦାନ କରିବା ସହିତ ଚାରା ରୋପଣ କରିଥିଲେ। ନିମ୍ବ, କଦମ୍ବ, କୃଷ୍ଣଚୂଡ଼ା, ଅଁଳା, ବେଲ, ଅଶୋକା, ପଣସ, ଓଉ, କାଠଚମ୍ପା ଓ ସ୍ୱର୍ଣ୍ଣ ଚମ୍ପା ଆଦି ଚାରା ଲଗାଯାଇଥିଲା।ଚାରା ରୋପଣ କରିଥିଲେ କୁଳପତି, କୁଳସଚିବ, ଅଧ୍ୟାପକ, କର୍ମଚାରୀବୃନ୍ଦ ତଥା ଛାତ୍ରଛାତ୍ରୀଗଣ । ଏହାପରେ ଗଛ କିପରି ମନୁଷ୍ୟ ଜୀବନକୁ ସୁସ୍ଥ, ସୁନ୍ଦର ଓ ସବୁଜ ରଖିବାରେ ସହାୟକ ତା' ଉପରେ ଆଲୋଚନା ହୋଇଥିଲା। ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ଡ. ପ୍ରଦ୍ୟୁମ୍ନ କୁମାର ମିଶ୍ର, କୁଳସଚିବ ରଶ୍ମି ରେଖା ଦାସ , ଅଧ୍ୟାପକ ରାଧା ଗୋବିନ୍ଦ କୁଇଲା , ଓଡ଼ିଶା କନଷ୍ଟେବଲ ଆସୋସିଏସନ ପ୍ରାକ୍ତନ ସଭାପତି ପ୍ରକାଶ କୁମାର ଆଚାର୍ଯ୍ୟ , ପୁରୀ ଜିଲ୍ଲାର କୃଷି ବିଭାଗର ପ୍ରାକ୍ତନ ଅଫିସର୍ ନୃସିଂହ ଚରଣ ପ୍ରଧାନ ପ୍ରମୁଖ । ଆଲୋଚନାରେ ଗଛ ଲଗାଇବାର ଉପକାରିତା ତଥା ଲାଗିଥିବା ଗଛକୁ ବଞ୍ଚେଇ ରଖିବାର ପ୍ରୟୋଜନ ଅଧିକ ବୋଲି ପ୍ରକାଶ ପାଇଥିଲା । କୁଳପତି ସବିତା ପ୍ରଧାନ ସଭାପତି ଭାଷଣରେ ଏକକ ଓ ସାମୂହିକ ପ୍ରୟାସରେ ବୃକ୍ଷରୋପଣର ଗୁରୁତ୍ୱ ସହ ଏହା ଏକ ନିଃସାର୍ଥପର ପ୍ରକୃତି ସେବା ବୋଲି ମତ ବ୍ୟକ୍ତ କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଡ. ଶର୍ମିଷ୍ଠା ମହାପାତ୍ର ।

## ୧୪ଶହ ଲିଟର ମଦ ସମେତ ଜିଞ୍ଜର ଜବତ, ଜଣେ ଗିରଫ

ବାଲୁଗାଁ ,(ସବ୍ୟୁ): ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ନେତୃତ୍ୱରେ ଏକ ଟିମ ମଙ୍ଗଳବାର ବରବରା ଜଙ୍ଗଲର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବିପୁଳ ପରିମାଣରେ ତଥା ୧୪୨୦ ଲିଟର ଦେଶୀ ମହୁଲି ମଦ ଜବତ କରିବା ସହ ପ୍ରସ୍ତୁତି ପାଇଁ ଗଛିତ ୫ହଜାର ଲିଟର ପୋଚ ନଷ୍ଟ କରିଛନ୍ତି । ଏଥି ସହ ଓଡିଶାରେ ବିକ୍ରୟ ପାଇଁ ନିଷିଦ୍ଧ ୧୮୦ ଗୋଟି ଜିଂଜର ବୋତଲ ଜବତ ହୋଇଛି । ଏହା ଝାରଖଣ୍ଡ ରାଜ୍ୟରେ ପ୍ରସ୍ତୁତ ହୋଇଥିବା ବେଳେ ୮୬ ରୁ ୯୦ ପ୍ରତିଶତ ଅଲକୋହଲ ଥିବା ନେଇ ବୋତଲରେ ଲେବଲ ଲାଗିଛି। ଯାହାକି ସମ୍ପୂର୍ଣ୍ଣ ରୂପେ ବିଷାକ୍ତ ଏବଂ ବ୍ୟବହାର ଅନୁପଯୋଗୀ ।ଏହା ବିକ୍ରୟ ପାଇଁ ଅନୁମତି ନାହିଁ । ସାଧାରଣତଃ ଭାରତରେ ପ୍ରସ୍ତୁତ ସମସ୍ତ ମଦରେ ୪୨.୦୮ ପ୍ରତିଶତ ଆଲକୋହଲ ରହିଥାଏ । ବରବରା ଅଞ୍ଚଳର ଶ୍ରୀଧର ଶବର ନିକଟରୁ ୬୨୦ ଲିଟର ମହୁଲି ମଦ ସମେତଏହି ୮୧ଲିଟର ଜିଂଜର ଜବତ କରାଯାଇଛି । ସେହିପରି କାହ୍ନୁଲି



ସାହିରେ ଚଢ଼ାଉ କରି ୮୦୦ ଲିଟର ମଦ ଜବତ କରାଯାଇଛି । ଏଥି ସହ ୫ହଜାର ଲିଟର ପୋଚ ନଷ୍ଟ କରାଯାଇଥିବା ବେଳେ ସମ୍ପୃକ୍ତ ପ୍ରସ୍ତୁତକାରୀ ଫେରାର ହୋଇଯାଇଥିବା ଜଣାଯାଇଛି । ଅବକାରୀ ବିଭାଗୀୟ କେସ ନଂ ୮୬/୨୫ ରେ ମାମଲା ରୁଜୁ କରି ଅଭିଯୁକ୍ତ ବ୍ୟବସାୟୀ ଶ୍ରୀଧରକୁ ଅଟକ ରଖି ପଚରା ଉଚରା ଜାରି ରହିଛି । ଏହି ଜିଂଜର ଚାଲାଣରେ ସମ୍ପୃକ୍ତ ଅନ୍ୟ ମାନଙ୍କୁ ଧରିବା ପାଇଁ ଉଦ୍ୟମ ଜାରିରହିଥିବା ବାଲୁଗାଁ ଅଧିକାରୀ ମୁଦୁଲି କହିଛନ୍ତି । ଖୋର୍ଦ୍ଧା ଅବକାରୀ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ଏହି ଚଢ଼ାଉ କରାଯାଇଥିଲା । ଉକ୍ତ ଚଢ଼ାଉରେ ଏ ଏସ ଆଇ ରାମଚନ୍ଦ୍ର ଜେନା, ମୀନକେତନ ମହାଳିକ, ମନୋଜ ଜୟସିଂହ, ରଞ୍ଜିତ ପଟେଲ, ସୁନିତା ମହାରଣା, ସସ୍ମିତା ସେଠୀ ସମେତ ବାଣପୁର ଓ ଖୋର୍ଦ୍ଧା ପୋଲିସ ସାମିଲ ହୋଇଥିଲେ ।

# ପ୍ରତ୍ୟେକ ମଣିଷଙ୍କ ନିକଟରେ ପୁରି ରହିଛି ଅସୀମିତ ପ୍ରତିଭା

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟର ଅନ୍ୟତମ ସାହିତ୍ୟାନୁଷ୍ଠାନ ସାରସ୍ୱତ ସମାଜ, ଓଡିଶା, ଭୁବନେଶ୍ୱରର ଜୁଲାଇ ମାସର ଆଲୋଚନା ଚକ୍ର ଓ କବିତା ପାଠୋତ୍ସବ ରବିବାର ସନ୍ଧ୍ୟାରେ ସ୍ଥାନୀୟ ୟୁନିଟ –୩ସ୍ଥିତ ଗୋଦାବରୀଶ ସାହିତ୍ୟ ସଂସଦ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ପଣ୍ଡିତ ଶ୍ୱେତ କୁମାର ଘଡାଇ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗୋଦାବରୀଶ ସାହିତ୍ୟ ସଂସଦର ପୂର୍ବତନ ସଭାପତି ତଥା ସୁସାହିତ୍ୟିକ ବିନୋଦ ବିହାରୀ ପଲାଇଙ୍କ ପରଲୋକ ଗତ ଆତ୍ମାର ସଦ ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ମୁଖ୍ୟ ଅତିଥି ଇଂ ଲଡୁକିଶୋର ପଢିଆରୀ ତାଙ୍କ ବକ୍ତବ୍ୟରେ ମାତୃଭାଷା ତଥା ଓଡିଆ ସାହିତ୍ୟର ପ୍ରଚାର ପ୍ରସାର ପାଇଁ ଓଡିଆ ସାହିତ୍ୟକୁ ଅନୁବାଦ ଜରିଆରେ ବିଶ୍ୱଦରବାରରେ ଉପସ୍ଥାପନା ଏବଂ ଗ୍ରାମାଞ୍ଚଳର ସାହିତ୍ୟ କୁ ପ୍ରାଧାନ୍ୟ ଦେବା ନିହାତି ଆବଶ୍ୟକ ବୋଲି କହିଥିଲେ। ଅନୁଷ୍ଠାନର ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ ପ୍ରତ୍ୟକ ମଣିଷଙ୍କ ନିକଟରେ ଅସୀମିତ ପ୍ରତିଭା ପୁରି ରହିଛି ।ସଠିକ ପ୍ରେରଣା ଓ ଦିଗ ଦର୍ଶନ ମିଳିଲେ ତାହା ବିକଶିତ



ହୋଇପାରିବ ବୋଲି କହିଥିଲେ। ଏହାପରେ କବୟତ୍ରୀ ଗୀତାଞ୍ଜଳି ମହାନ୍ତି ଓ ସୌଦାମିନୀ ସାମନ୍ତରାୟଙ୍କ ସଂଯୋଜନାରେ କହିବା ପାଠ କରାଯାଇଥିଲା। ସର୍ବଶ୍ରୀ ସତ୍ୟ ନାରାୟଣ ସିଂ, ସନ୍ତୋଷ କୁମାର ଦାସ, ଶରତ ସାହୁ, ଗୋଦାବରୀଶ କର, ପ୍ରିୟରଞ୍ଜନ ସାହୁ, ପବିତ୍ର ମୋହନ ବାରିକ, ଡ ରଶ୍ମୀ କର,ତରୁଣ କୁମାର ମିଶ୍ର, ଆର୍ତ୍ତବନ୍ଧୁ ଦାସ, ଦେବରାଜ ବିଶୋଇ, ନିତ୍ୟାନନ୍ଦ ସାମନ୍ତରାୟ, ରଜନୀ କାନ୍ତ ପତି ଇତିଶ୍ରୀ ପତି, ଭାରତୀ ଭୂଷଣ ପଟ୍ଟନାୟକ, ପତିତପାବନ ପତି, ଅନନ୍ତ ଚରଣ ସାହୁ, ସନ୍ଧ୍ୟା ରାଣୀ ପୃଷ୍ଟି, ସ୍ନେହଲତା ପାଢୀ, ଅନୁସୟା ବାରିକ, ଚିତ୍ତରଞ୍ଜନ ନନ୍ଦ, ରୋହିତ କୁମାର ଚମ୍ପତି, ହରିହର ବଳବନ୍ତରାୟ, ସୁଷମା ଦାଶ, ରୋଜାଲିନ ଜେନା, ସୁମନ୍ତ ପଟ୍ଟନାୟକ, ଗୀତାଞ୍ଜଳି ଦଳେଇ ଓ ରଞ୍ଜିତା ତ୍ରିପାଠୀ ସେମାନଙ୍କ ସ୍ୱରଚିତ ଶ୍ରୁତିମଧୁର କବିତା ପାଠ କରିଥିଲେ। ଉପ-ସଭା

(ଶ୍ରୀମଭଗବଦ୍ ଗୀତା ୧୭/୧୮)
–ଶ୍ରଦ୍ଧାତ୍ରୟ ବିଭାଗ ଯୋଗ–
(ଶ୍ରୀଭଗବାନୁବାଚ )

**ସତ୍କାରମାନପୂଜାର୍ଥଂ ତପୋ ଦମ୍ଭେନ ଚୈବ ଯତ୍ ।**
**କ୍ରିୟତେ ତଦିହ ପ୍ରୋକ୍ତଂ ରାଜସଂ ଚଳମଧ୍ରୁବମ୍ ।।୧୮।।**

(ରାଜସମାହ)– ସତ୍କାରମାନପୂଜାର୍ଥଂ ( ସତ୍କାରଃ ସାଧୁକାରଃ ସାଧୁରୟମିତି ତାପସୋଦ୍ଧୟମିତ୍ୟାଦିବାକ୍‌ପୂଜା, ମାନଃ ଅଭ୍ୟୁତ୍ଥାନାଭିବାଦନାଦି ଦୈହିକୀ ପୂଜା, ପୂଜା ପାପପ୍ରକ୍ଷାଳନାଦିଃ ଧନଦାନାଦିଶ୍ଚ ଏତଦର୍ଥଂ, ଦମ୍ଭେନ ଚ ଯତ୍ ତପଃ କ୍ରିୟତେ (ଆଚର୍ଯ୍ୟତେ), ଇହ (ଅସ୍ମିନ ଲୋକେ) ଚଳଂ (ଅନିତ୍ୟଂ) ଅଧ୍ରୁବଂ (କ୍ଷଣିକଂ), ତତ୍ (ତପଃ) ରାଜସଂ ପ୍ରୋକ୍ତମ୍ ।। ୧୮ ।।

# ଫୁଲଟିଏ ସଂପୂର୍ଣ୍ଣ ଫୁଟିବା ଆଗରୁ ଝଡି ପଡ଼ିଲା...

ଫୁଲଟିଏ ଥିଲା ସେ । ଦେଖିବାକୁ ସୁନ୍ଦର, କାମରେ ବି ସୁନ୍ଦର । ଜୀବନ ଯୁଦ୍ଧରେ ଲଢ଼େଇ କରୁ କରୁ ସେ ଅକାଳରେ ଭୂପତିତା ହୋଇ ଟଳି ପଡିଲା । ମଲା ପରେ ତା'ର ମୂଳକୁ ଝୁରୁଛନ୍ତି ଲୋକେ । ଅନେକ ଫୁଲ ଫୁଟିବା ପରେ ହୁଏତ ଝଡ଼ିପଡ଼େ । ମାତ୍ର ଫୁଲଟି ଫୁଟିବା ଆଗରୁ ଝଡ଼ି ପଡ଼ିଲା ଅକାଳରେ । ଏପରି କାହିଁକି ହେଲା ? କେହି ଶୁଣିଲେନି ତା'ର ବିକଳ ଡାକ ଆଉ କକର୍ଥନା । କେହି ପଢ଼ିଲେନି ତା'ର ଚିଠି । ଏତେ ଦିନ ପରେ ଓଡ଼ିଶାରେ ସରକାର ବଦଳି ଗଲା । ସବୁ କିଛି ବଦଳିଯିବ ବୋଲି ନିର୍ଭର ପ୍ରତିଶ୍ରୁତି ଦିଆଗଲା, 'ସବ୍‌କା ସାଥ୍, ସବ୍‌କା ବିକାଶ' ନୀତି ଏଠି କାମ କଲା ନାହିଁ । ଦାୟୀ ପ୍ରକୃତରେ କିଏ ?

ରାଷ୍ଟ୍ରପତି, କେନ୍ଦ୍ରମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ସାଂସଦ ଓ ବିଧାୟକ ସମସ୍ତେ ଆସି ଭୂପତିତା ହୋଇଥିବା ଫୁଲଟିକୁ ଦେଖି ସମବେଦନା ଜ୍ଞାପନ କରିଗଲେ । ଆର୍ଥିକ କ୍ଷତିପୂରଣ ମଧ ଘୋଷଣା କରାଗଲା । କିନ୍ତୁ ଫୁଲଟିର ପରିବାର ଲୋକଙ୍କ ମନ ଭିତରେ ଜମାଟ ବାନ୍ଧିଥିବା ଦୁଃଖକୁ ଆଉ କିଏ ସହଜରେ ବୁଝି ପାରିବେ କି ?

ସମସ୍ତଙ୍କୁ ସେ ନେହୁରା ହୋଇ ତା'ର ଦୁଃଖ ଜଣାଇଥିଲା । ହେଲେ ଗଣତାନ୍ତ୍ରିକ ସରକାର ତା'ର ଅଭିଯୋଗ କଥା ଶୁଣିବା ସମୟରେ ହୁଏତ ସେ ଆଖି ବୁଜି ଦେଇଥିଲା ।

ଏମିତି ହୁଏ । ବର୍ଷ କେତେଟା ତଳେ ନବୀନ ପଟ୍ଟନାୟକଙ୍କ ସରକାରରେ କ୍ୟାବିନେଟ ମନ୍ତ୍ରୀ ଥିବା ନବ ଦାସ, ପୁଲିସ୍‌ର ଉଦ୍ଦେଶ୍ୟମୂଳକ ଗୁଳି ମାଡ଼ରେ ଘଟଣାସ୍ଥଳରେ ଟଳି ପଡ଼ିଲେ । ତାଙ୍କୁ ଝାରସୁଗୁଡ଼ା ଡାକ୍ତରଖାନାରେ କୁଆଡେ ମିଛରେ ମିଛରେ ଚିକିତ୍ସା କରାଯାଇ ଏୟାରଲିଫ୍ଟିଂ କରି ଭୁବନେଶ୍ୱରର ଆପୋଲ ହସ୍‌ପିଟାଲକୁ ଅଣାଗଲା । ତାଙ୍କ ମର ଶରୀର ଉପରେ କୁଆଡ଼େ ଅସ୍ତ୍ରୋପଚାର କରାଗଲା । ଏହା ପରେ ବହୁ ବିଳମ୍ବରେ ଘୋଷଣା କରାଗଲା ଯେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଛି । ଜଣେ କ୍ୟାବିନେଟ ମନ୍ତ୍ରୀଙ୍କର ଯଦି ଏପରି ଦୁର୍ଦ୍ଦଶା, ତା' ହେଲେ ରାଜ୍ୟର ସାଧାରଣ ଲୋକଙ୍କ ଦୁର୍ଦ୍ଦଶା ଚରମ ସୀମାରେ ପହଞ୍ଚିଲେ ତାକୁ ଶୁଣିବ କିଏ ? ଦେଖିବ ବା କିଏ ?

## ସମ୍ପାଦକୀୟ

ଶ୍ରୀଜଗନ୍ନାଥଙ୍କ ରାଜ୍ୟ, ଶାନ୍ତିପ୍ରିୟ ଅଞ୍ଚଳ ଓଡ଼ିଶାରେ ଏପରି ଘଟୁଛି କାହିଁକି ? । ଗର୍ବର ସହିତ ଓଡ଼ିଶା ଓ ଆମର ଅସ୍ମିତାକୁ ଧରି ଆମେ ଆଉ କେତେ ଦିନ କାନ୍ଦି କାନ୍ଦି ବାଟ ଚାଲିବା ? ଚାହୁଁ ଚାହୁଁ ୨୦୩୬ ଆଉ ବର୍ଷ କେତେଟା ପରେ ଚାଲି ଆସିବ । ଏପରି ଘଟଣା ଘଟି ଚାଲିଲେ ସବୁବେଳେ ଆମେ ଗର୍ବର ସହିତ ମୁଣ୍ଡ ଟେକି ଆମ ରାଜ୍ୟର ଜନ୍ମ ଶତବାର୍ଷିକ ଉତ୍ସବ ପାଳନ କରିପାରିବା କି ? ନିଜେ ଆମେ, ଆମ ନିଜ ଛାତିରେ ହାତ ରଖି ଚାଲନ୍ତୁ ନିଜକୁ ନିଜେ ଏ କଥା ପଚାରିବା ।

କେତେ ଭଲ ନ ପାଆନ୍ତି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଆମ ଓଡ଼ିଶାକୁ, ଆମମାନଙ୍କୁ । ଆମେ କ'ଣ ତାଙ୍କର ଭଲ ପାଇବାକୁ ବେଖାତିର କରି ଭୁଲ କରି ବସିବା ? ଭାରତ ପରି ପଦ୍ମ ଫୁଲ ମଧ୍ୟରେ ଉତ୍କଳ ବା ଓଡ଼ିଶା କେଶର ସଦୃଶ ବୋଲି ବର୍ଣ୍ଣନା କରାଯାଇଛି । ଆମେ କ'ଣ ଆମର 'ଉତ୍କଳ ଜନନୀ'ର ବନ୍ଦନା ଠିକ୍ ଭାବେ ଗାନ କରି ଉତ୍କଳ ଜନନୀଙ୍କୁ ଉପଯୁକ୍ତ ମର୍ଯ୍ୟାଦା ଦେଇ ପାରିବା ନାହିଁ ? କେଜାଣି କାହିଁକି 'ବନ୍ଦେ ଉତ୍କଳ ଜନନୀ' ତ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ଆଉ ବୋଲାଯାଉ ନାହିଁ । ରାଜ୍ୟ ପାଇଁ, ଦେଶ ପାଇଁ ଆମର ମମତ୍ୱବୋଧ କୁଆଡେ ହଜିଗଲା ସତରେ ? ଆମେ କ'ଣ ଖାଲି ନିଜେ ବଞ୍ଚିବା କଥା ସହିତ ନିଜ ପଦ ମର୍ଯ୍ୟାଦାର ସୁରକ୍ଷା କଥା ସବୁବେଳେ ଚିନ୍ତା କରି ଚାଲିଥିବା ? ଦିନେ ନା ଦିନେ ଆମେ ବି ଉପରକୁ ଯିବା । ଆମକୁ କିଏ ମନେ ରଖିବ କି ନାହିଁ ଆମେ କ'ଣ ଜାଣିପାରିବା ? ମନେ ପଡୁଛି ବିଶିଷ୍ଟ କବି ଗୋଦାବରୀଶ ମିଶ୍ରଙ୍କ ମର ଶରୀରର ଶୋଭାଯାତ୍ରା ଦେଖି ତାଙ୍କ ଅଞ୍ଚଳର ଆଉ ଜଣେ କବି ଗୋଦାବରୀଶ ମହାପାତ୍ର ସମ୍ଭବତଃ ଏକ କବିତା ଲେଖିଥିଲେ, ଯାହାର କିୟଦଂଶ ହେଉଛି, 'ତମେ ତ ଜାଣିଲ ନାହିଁ କିଏ ତମ ପଛେ ପଛେ ଗଲା'...

'ସୌମ୍ୟାଶ୍ରୀ', କେତେ ସୁନ୍ଦର ନାଆଁଟିକୁ ତା'ର ପିତାମାତା ଦେଇ ନଥିଲେ ? ଅକାଳରେ ସେ ଫୁଲଟି ଫୁଟିବା ଆଗରୁ ହୁଏ ତ ଝଡ଼ିପଡ଼ିଲା, ଧନ୍ୟ ତାଙ୍କର ପିତାମାତା । ତାଙ୍କର ପିତା ଶ୍ରୀ ବଳରାମ ବିଶି ଭୋଗରାଇ ଅଞ୍ଚଳରେ ଏକ ମହିଳା କଲେଜର ପିଅନ ଜଣିଏ । ତାଙ୍କର ମହତ ପଣିଆକୁ ଆମେ ଥରେ ବୁଝିଲେ କି ? ମୁଖ୍ୟମନ୍ତ୍ରୀ ୨୦ ଲକ୍ଷ ଟଙ୍କାର ଯେଉଁ କ୍ଷତିପୂରଣ ଘୋଷଣା କଲେ, ତା'ର ଜବାବ ସେ ଦେଲେ, ' ଏ ଅର୍ଥ କ'ଣ ହେବ ଆମର ?' ତାଙ୍କର ତନୟା ଯେଉଁ ଅନ୍ୟାୟ ବିରୋଧରେ ଲଢୁଥିଲା, ସେହି ଅନ୍ୟାୟ ବିରୋଧରେ ଏ ଅର୍ଥକୁ ସେ ଖର୍ଚ୍ଚ କରିବେ । ଧନ୍ୟ ଧନ୍ୟ ସୌମ୍ୟାଶ୍ରୀଙ୍କ ପିତା, ଧନ୍ୟ ଧନ୍ୟ । ସୌମ୍ୟାଶ୍ରୀଙ୍କ ଆତ୍ମାର ସଦ୍‌ଗତି ହେଉ ।

## ବ୍ରହ୍ମଲୀନ

**ତୁମେ ଯେତେବେଳେ ଅନୁଭବ କରିବ ଯେ ମୋ ଛଡ଼ା ଆଉ କିଏ ତୁମର ଏ ସଂସାରରେ ନାହିଁ, ସେତେବେଳେ ଜାଣିବ ତୁମର ବ୍ରହ୍ମଲୀନ ହେବାର ସମୟ ଉପନୀତ ହୋଇଗଲା ।**

*ସଂଗ୍ରାହକ–ଡ. ପ୍ରଦୀପ କୁମାର ଚୌଧୁରୀ*

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ବାହ୍ୟ ଓ ଅନ୍ତଃ ପ୍ରଦୂଷଣରୁ ମୁକ୍ତି



ମନୋରଞ୍ଜନ ମହାନ୍ତି

୧୯୨୫ ବର୍ଷରେ ମହାତ୍ମା ଗାନ୍ଧି କହିଥିଲେ, ଭାରତବର୍ଷ ଗ୍ରାମାଞ୍ଚଳରେ ଅଛି । ସେତେବେଳେ ପ୍ରତି ୧୦ଜଣ ଭାରତୀୟଙ୍କ ମଧ୍ୟରୁ ୯ଜଣ ଗାଁରେ ବାସ କରୁଥିଲେ । କ୍ରମଶଃ ପରିସ୍ଥିତି, ପରିବେଶ ଓ ଜନସାଧାରଣଙ୍କ ଅବସ୍ଥାରେ ପରିବର୍ତ୍ତନ ହେଲା । ୨୦୨୧ ସୁଦ୍ଧା ଦେଶର ଏକ ତୃତୀୟାଂଶରୁ ଅଧିକ ଲୋକ ସହର ଓ ନଗର ଅଞ୍ଚଳରେ ବାସ କରୁଛନ୍ତି । ୨୦୩୬ ସୁଦ୍ଧା ସହରାଞ୍ଚଳର ଜନସଂଖ୍ୟା ଦେଶର ଜନସଂଖ୍ୟାର ଶତକଡ଼ା ୩୯ ଭାଗ ହେବ ବୋଲି ଅଟକଳ କରାଯାଇଛି । ଜାତିସଂଘର ଆକଳନ ଅନୁଯାୟୀ ୨୦୪୭ରେ ଭାରତ ତା'ର ସ୍ୱାଧୀନତା ପ୍ରାପ୍ତିର ଶତବର୍ଷ ପୂର୍ତ୍ତି ପାଳନ କରିବା ବେଳକୁ ଦେଶର ଜନସଂଖ୍ୟାର ଅର୍ଦ୍ଧାଧିକ ସହରାଞ୍ଚଳରେ ବାସ କରୁଥିବେ । ଜନଗଣନା କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି, ୨୦୨୧ ବର୍ଷ ସୁଦ୍ଧା ଦେଶର ୧୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ବହୁଳାଂଶ ସହରାଞ୍ଚଳରେ ପରିଣତ ହୋଇଛି ଓ ୨୦୩୬ ବର୍ଷ ସୁଦ୍ଧା ୧୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ବହୁଳାଂଶ ସହରାଞ୍ଚଳରେ ପରିଣତ ହୋଇସାରିଥିବ । ୨୦୧୮ ହିସାବ ଅନୁଯାୟୀ ଦିଲ୍ଲୀର ଲୋକସଂଖ୍ୟା ୨୮.୫ ନିୟୁତ, ମୁମ୍ବାଇର ୨୦ନିୟୁତ, କୋଲ୍‌କାତାର ୧୪.୭ ନିୟୁତ, ବେଙ୍ଗାଲୁରୁର ୧୧.୪ନିୟୁତ, ଚେନ୍ନାଇର ୧୦.୫ ନିୟୁତ ଥିଲା । ଏବେ ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇଛି ।

ସାର୍ ଡାଭିଡ୍ ଆଟେନ୍‌ବର୍ଗ୍ ଥରେ ବିଶ୍ୱ ପରିବେଶ ସମ୍ବନ୍ଧୀୟ ସେମିନାର୍‌ରେ ଏକ ନୈରାଶ୍ୟଜନକ ମନ୍ତବ୍ୟ ପ୍ରଦାନ କରି କହିଥିଲେ, ଆମେ ଏବେ ଅନେକ ପ୍ରକାର ପ୍ରାଣୀଙ୍କ ବିଲୁପ୍ତି ଓ ପ୍ରାୟତଃ ସଭ୍ୟତାର ଅନ୍ତିମ ପର୍ଯ୍ୟାୟ ଭଳି ସଂକଟର ସମ୍ମୁଖୀନ ହୋଇଛୁ । ଭାରତବର୍ଷର ସାମ୍ପ୍ରତିକ ପରିସ୍ଥିତିରେ ଉପରୋକ୍ତ ମନ୍ତବ୍ୟର ଗୁରୁତ୍ୱ ରହିଛି । ପୃଥିବୀର ସର୍ବାଧିକ ପ୍ରଦୂଷିତ ୨୦ଟି ନଗର ମଧ୍ୟରୁ ୧୧ଟି ଭାରତରେ ଅଛି । ଭାରତର ମୁଖ୍ୟ ନଦୀଗୁଡ଼ିକ ଦୂଷିତ ଓ କ୍ଷୟିଷ୍ଣୁ । ବନାଞ୍ଚଳ ହ୍ରାସ ପାଇ ସମଗ୍ର ଭୂଖଣ୍ଡର ମାତ୍ର ଶତକଡ଼ା ୨୩ଭାଗରେ ପହଞ୍ଚିଛି । ଅଧିକାଂଶ ଭାରତୀୟ ନଗର ଜାତିସଂଘର ବାସୋପଯୋଗୀ ସୂଚକାଙ୍କର ତଳେ ଅଛି । ୮୯ଟି ମୁଖ୍ୟ ନଗରର ବାୟୁମଣ୍ଡଳ ଭୟଙ୍କର ଭାବରେ ଦୂଷିତ, ତନ୍ମଧ୍ୟରେ ଦିଲ୍ଲୀର ସ୍ଥାନ ସର୍ବୋଚ୍ଚ । ୭୫ଲକ୍ଷ ଗାଡ଼ି ଯାତାୟତ କରୁଥିବା ବେଙ୍ଗାଲୁରୁ ରାସ୍ତାରେ ଟ୍ରାଫିକ୍ ଜାମ୍ । ମୁମ୍ବାଇ ରାସ୍ତାରେ ମୌସୁମୀ ବର୍ଷାର ଜଳ ପ୍ଲାବନ । କୋଲ୍‌କାତାରେ ପୁରୁଣା ଶୈଳୀରେ ବିଦ୍ୟୁତ୍ ଯୋଗାଣ । ଚେନ୍ନାଇରେ ଭଗ୍ନ ରାସ୍ତା, ଅବରୁଦ୍ଧ ଡ୍ରେନ୍, ରାସ୍ତାରେ ବିଦ୍ୟୁତାଲୋକ ଓ ଜଳ ନିଷ୍କାସନ ପାଇଁ ଡ୍ରେନ୍‌ର ଅଭାବ, ଏପରିକି ପାନୀୟ ଜଳର ଅଭାବ ଇତ୍ୟାଦି । ନାଗପୁର, ଲକ୍ଷ୍ନୌ, ଉଦୟପୁର, ଝାନ୍‌ସୀ ଭଳି ଅନ୍ୟାନ୍ୟ ଅନେକ ଛୋଟ ବଡ଼ ନଗର ସହରରେ ଅବସ୍ଥା ତଦ୍ରୂପ । ବିଦ୍ୟୁତ୍ ଯୋଗାଣକାରୀ ଗ୍ରୀଡ୍, ଦକ୍ଷ ପରିବହନ ବ୍ୟବସ୍ଥାର ଅଭାବ । ବାରମ୍ବାର ବିଦ୍ୟୁତ୍ କାଟ, ଜଳ ଯୋଗାଣ ବନ୍ଦ, ଡ୍ରେନ୍ ଅବରୋଧ, ରନ୍ଧନ ଗ୍ୟାସ୍‌ର ଅଭାବ, ସାଧାରଣ ପରିବହନ ବ୍ୟବସ୍ଥା ଅଚଳ । ଅବଶ୍ୟ କେତେକ କ୍ଷେତ୍ରରେ କ୍ଷୁଦ୍ର ସଫଳତା ଦୃଶ୍ୟ ହେଉଛି, ଯେପରି ଅହମ୍ମଦାବାଦରେ ସାଧାରଣ ବସ୍ ଚଳାଚଳ ବ୍ୟବସ୍ଥା, ଉଦୟପୁରରେ ବିଶୁଦ୍ଧ ଜଳ ଯୋଗାଣ, ସୁରଟରେ ବର୍ଜ୍ୟବସ୍ତୁ ପରିଚାଳନା, ଭୁବନେଶ୍ୱରରେ ବୃକ୍ଷରୋପଣଜନିତ ସବୁଜିମା । କିନ୍ତୁ ୨୦୩୦ ସୁଦ୍ଧା ସହରାଞ୍ଚଳର ଜନସଂଖ୍ୟା ୨୦୦ ନିୟୁତ ବୃଦ୍ଧି ପାଇବାର ସମ୍ଭାବନା ଥିବାରୁ ପ୍ରଦୂଷଣର ନିରାକରଣ ନିମିତ୍ତ ନୂଆ ପଦକ୍ଷେପ ଗ୍ରହଣ ସହିତ ଗୃହ ଇତ୍ୟାଦି ନିର୍ମାଣ ପାଇଁ ନୂଆ ଯୋଜନା, ସହରାଞ୍ଚଳ ପାଇଁ ବାସ ଓ ସ୍ୱାସ୍ଥ୍ୟ ଉପଯୋଗୀ ନୂଆ ନୀତି ପ୍ରଣୟନର ଆବଶ୍ୟକତା ରହିଛି ।

ବାହ୍ୟ ପ୍ରଦୂଷଣ ସହିତ ମଣିଷର ଅନ୍ତଃ ପ୍ରଦୂଷଣ ସମାନ୍ତରାଳ ଗତିରେ ଚାଲିଥିଲା ଭଳି ଅନୁଭୂତ ହେଉଛି । ଇତିହାସର ବର୍ଣ୍ଣନା ଅନୁଯାୟୀ ଅଶୋକ କଳିଙ୍ଗ ଆକ୍ରମଣ କରି, ଅଙ୍ଗୁଳିମାଳ ଦସ୍ୟୁ ବୃତ୍ତି ଆଚରଣ କରି ଲୋକହତ୍ୟା କରିବା, ୨୩ତମ ଜୈନ ତୀର୍ଥଙ୍କର ପାର୍ଶ୍ୱନାଥଙ୍କୁ ତାଙ୍କ ଭାଇ କାମାଥ୍ କ୍ରମାଗତ ନିର୍ଯାତନା ଦେବା, ଏପରିକି ତାଙ୍କ ଶରୀରକୁ କ୍ଷତବିକ୍ଷତ କରିବା ସେମାନଙ୍କ ପ୍ରଦୂଷିତ ଅନ୍ତରର ପରିଚାୟକ । ଅବଶ୍ୟ ଅଶୋକ, ଅଙ୍ଗୁଳିମାଳ, କାମାଥ୍ ପ୍ରମୁଖ ସେମାନଙ୍କ କାର୍ଯ୍ୟ ପାଇଁ ପରବର୍ତ୍ତୀ ସମୟରେ ଅନୁତପ୍ତ ହୋଇଛନ୍ତି । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନ୍‌ର ବାୟୁସେନା ପର୍ଲ୍ ହାର୍ବର୍‌କୁ ଧ୍ୱଂସ କରିବା ଓ ତାର ପ୍ରତିକ୍ରିୟା ସ୍ୱରୂପ ଆମେରିକୀୟ ବାୟୁସେନା ଜାପାନ୍‌ର ହିରୋସୀମା, ନାଗାସାକୀରେ ପରମାଣୁ ବୋମା ନିକ୍ଷେପ କରି ଦୁଇ ସୁନ୍ଦର ନଗରକୁ ଧ୍ୱଂସ କରିଦେବା, ୨୦୦୧ ବର୍ଷ ସେପ୍ଟେମ୍ବର ୧୧ତାରିଖରେ ଆତଙ୍କବାଦୀ ଆକ୍ରମଣରେ ନ୍ୟୁୟର୍କ୍ ନଗରର ବିଶ୍ୱବାଣିଜ୍ୟ ସଂଗଠନ ସୌଧ ଧୂଳିସାତ୍ ହୋଇଯିବା ଭଳି ଘଟଣାଗୁଡ଼ିକ କିଛି ମଣିଷଙ୍କ ଅନ୍ତରର ଆବିଳତା, ହିଂସା, ପ୍ରତିହିଂସା, ପ୍ରତିକ୍ରିୟାଶୀଳତା, ପ୍ରତିଶୋଧପରାୟଣତାକୁ ସୂଚାଇ ଦେଉଛି । ଅନ୍ତର ଦୂଷିତ ହେଲେ ମଣିଷ ସ୍ୱାଭାବିକ ଭାବରେ ଦୋଷଯୁକ୍ତ କର୍ମରେ ପ୍ରବୃତ୍ତ ହୋଇଥାଏ ।

ଉଭୟ ଦୃଷ୍ଟିରୁ ବିଚାର କଲେ ବାହ୍ୟ ଓ ଅନ୍ତଃ ପ୍ରଦୂଷଣ ଯୋଗୁଁ ମଣିଷ ସୁସ୍ଥ, ଶାନ୍ତ, ସୁଖୀ ଜୀବନ ଯାପନ କରିପାରୁ ନାହିଁ । କିଛି ଅହଂକାରୀ, ଅସଂଯମୀ ମଣିଷ ନିଜ ଅନ୍ତଃକରଣକୁ ଆବିଳ ଅସୁନ୍ଦର କରିବା ସହିତ ବହିଃପ୍ରକୃତି ଉପରେ ଅତ୍ୟାଚାର କରି ତାକୁ କୁତ୍ସିତ, କଦାକାର କରୁଛନ୍ତି । ସମ୍ବାଦପତ୍ରର ସୂଚନା ଅନୁଯାୟୀ ଅନେକ ଅଞ୍ଚଳରେ ରହିଛି ବଡ଼ ବଡ଼ ପାହାଡ଼, ବିବିଧ ଔଷଧୀୟ ବୃକ୍ଷରେ ଭରା ଘଞ୍ଚ ଜଙ୍ଗଲ, ଆଦିବାସୀମାନଙ୍କ ବାସଭୂମି, ଭୂମି ତଳେ ଅମାପ ଖଣିଜ ସମ୍ପଦ । ଏବେ ସେଠି ଆଇନ୍ ବହିର୍ଭୂତ ପନ୍ଥାରେ କିଛି ପଥରମାଫିଆ ବିଭିନ୍ନ ରାସାୟନିକ ସାମଗ୍ରୀ ସାହାଯ୍ୟରେ ବ୍ଲାଷ୍ଟିଂ କରି ପାହାଡ଼କୁ ନଷ୍ଟ କରୁଛନ୍ତି, ଖଣିଜଦ୍ରବ୍ୟ ବିଶେଷତଃ କଳାପଥର ଲୁଣ୍ଠନ କରୁଛନ୍ତି ବୋଧହୁଏ ସ୍ଥାନୀୟ ଓ ପ୍ରାଦେଶିକ ପ୍ରଶାସନର ଜ୍ଞାତସାରରେ । ଗୃହପାଳିତ ପଶୁମାନେ ଚରାଭୂଇଁରେ ଚରିବାରୁ ବଞ୍ଚିତ, ଆଦିବାସୀମାନେ ଜୀବନଧାରଣର ମୌଳିକ ଅଧିକାରରୁ ବଞ୍ଚିତ । ରାଜନେତା, ପ୍ରଶାସକଙ୍କ ସହିତ ମଧୁର ସମ୍ବନ୍ଧ ରଖି କିଛି ପଥରମାଫିଆ, ଖଣିମାଲିକ ହୋଇଛନ୍ତି ପ୍ରାକୃତିକ ସମ୍ପତ୍ତିର ଧ୍ୱଂସକାରୀ, ପରିବେଶର ପ୍ରଦୂଷଣକାରୀ ।

ପରିବେଶ ପ୍ରଦୂଷଣ ମୂଳରେ ରହିଛି ସେହି ମଣିଷମାନଙ୍କ ଅହଂକାର, ଅସଂଯମ । ପ୍ରଥମ ଜୈନ ତୀର୍ଥଙ୍କର ଋଷଭଦେବ ମଣିଷକୁ ନିରହଂକାର, ସଂଯମୀ ହୋଇ ଶାନ୍ତ ଅନ୍ତର ଓ ସୁସ୍ଥ ପରିବେଶରେ ସୁଖୀ ଜୀବନ ବଞ୍ଚିବାର ମୂଳ ମନ୍ତ୍ର ଦେଇଛନ୍ତି । ଜୈନମାନେ ପ୍ରତିବର୍ଷ ଭାଦ୍ରପଦ ଶୁକ୍ଳର ପଞ୍ଚମ ଦିନରୁ ଆରମ୍ଭ କରି ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଳନ କରୁଥିବା ପର୍ଯ୍ୟୁଷଣ ପର୍ବ ଧର୍ମର ଦଶବିଧ ଉପାଦାନର ସୂଚକ ଯଥା– କ୍ଷମା, ମର୍ଦ୍ଦଭ (ନମ୍ରତା), ଅର୍ଜ୍ଜଭ (ସ୍ୱଷ୍ଟବାଦିତା), ଶୌଚ (ପରିଚ୍ଛନ୍ନତା), ସତ୍ୟ, ସଂଯମ, ତପ, ତ୍ୟାଗ, ଅକିଞ୍ଚନ (ଅନାସକ୍ତି), ବ୍ରହ୍ମଚର୍ଯ୍ୟ । ନମ୍ରତାର ସହିତ ସଂଯମ ପାଳନ କରି ପରିବେଶକୁ ପରିଚ୍ଛନ୍ନ ରଖିଲେ ତାହା ସୁରକ୍ଷିତ ରହିବା ସହିତ ମଣିଷ ବାହ୍ୟ ଓ ଅନ୍ତଃ ପ୍ରଦୂଷଣରୁ ମୁକ୍ତ ହୋଇପାରିବ ବୋଲି ଋଷଭଦେବଙ୍କ ମତ । ନମ୍ରତାର ଇଂରାଜୀ ଶବ୍ଦ ହ୍ୟୁମିଲିଟି ଲାଟିନ୍ ହ୍ୟୁମସ୍ ଶବ୍ଦରୁ ଆସିଛି, ଯାହାର ଅର୍ଥ ଭୂମି ସହିତ ସଂଲଗ୍ନ ବା ଭୂମିରୁ ଉତ୍‌ଥିତ । ନମ୍ରତା ମଣିଷକୁ ବିପୁଳ ଅନ୍ତଃଶକ୍ତି ପ୍ରଦାନ କରେ ଯାହା ତା'ର ଅନ୍ତର ଓ ଚତୁଃପାର୍ଶ୍ୱକୁ ପବିତ୍ର କରିପାରେ । ଶ୍ରୀମଦ୍‌ଭଗବତ୍ ଗୀତାର ବର୍ଣ୍ଣନା ଅନୁଯାୟୀ ପ୍ରଜ୍ଞାର ୨୦ଟି ଗୁଣ ମଧ୍ୟରୁ ଅମାନିତ୍ୱମ୍ ବା ଅହଂହୀନତା, ନମ୍ରତା ହେଉଛି ପ୍ରଥମ । ମହାତ୍ମା ଗାନ୍ଧିଙ୍କ ବିଚାରରେ, ନମ୍ରତା ଏକ ଅତ୍ୟାବଶ୍ୟକ ସଦ୍‌ଗୁଣ, ଯାହା ଜଣେ ମଣିଷର ରହିଲେ ଯାଇ ତା'ଠାରେ ଅନ୍ୟ ସଦ୍‌ଗୁଣଗୁଡ଼ିକ ସ୍ୱାଭାବିକ ଭାବରେ ବିକଶିତ ହେବ । ସପ୍ତଦଶ ଶତାବ୍ଦୀରେ ଫ୍ରାନ୍ସରେ ଜଣେ ମହତ ବ୍ୟକ୍ତି ଥିଲେ ବ୍ରଦର୍ ଲରେନ୍ସ, ଖୁବ୍ ଭଦ୍ର, ନମ୍ର, କୌଣସି ଆନୁଷ୍ଠାନିକ ଶିକ୍ଷା ଗ୍ରହଣ କରିନଥିଲେ, ରନ୍ଧନଶାଳାରେ କାର୍ଯ୍ୟ କରୁଥିଲେ, ତାଙ୍କର ସତ୍ କଥନ, ସତ୍ କର୍ମରୁ ଠିକ୍ ଜଣେ ସନ୍ନ୍ୟାସୀର ପବିତ୍ର ଜ୍ୟୋତି ନିର୍ଗତ ହେଉଥିଲା । ସେ କହୁଥିଲେ, ମୁଁ କୌଣସି ନିର୍ଦ୍ଦିଷ୍ଟ ପ୍ରାର୍ଥନା–ଶୃଙ୍ଖଳା ଅଭ୍ୟାସ କରେ ନାହିଁ । ଧ୍ୟାନ କରିବାର କୌଣସି ନିର୍ଦ୍ଦିଷ୍ଟ ଶୈଳୀ ମୋର ନାହିଁ । ମୁଁ କାହିଁକି ଉପବାସ କରିବି ? ପ୍ରାର୍ଥନା ପାଇଁ ନିର୍ଦ୍ଦିଷ୍ଟ ସମୟ ନିର୍ଦ୍ଧାରଣ କରିବି ? ଯଦି ପ୍ରତ୍ୟେକ ମୁହୂର୍ତ୍ତରେ ମୁଁ ସଚେତନ ଭାବରେ ସମସ୍ତଙ୍କୁ ଶ୍ରଦ୍ଧା କରିବାର ଅଭ୍ୟାସ କରୁଛି, ଈଶ୍ୱରଙ୍କ ଉଦ୍ଦେଶ୍ୟରେ କର୍ମ କରୁଛି, ତେବେ ଏପରି ଆଧ୍ୟାତ୍ମିକ ପଦ୍ଧତିଗୁଡ଼ିକୁ ଅନୁସରଣ କରିବାର ଆବଶ୍ୟକତା ନାହିଁ । ମୁଁ କେବେ କୌଣସି ବୃଥା, ନିରର୍ଥକ ଚିନ୍ତା କରେ ନାହିଁ । ସବୁବେଳେ ଅନୁଭବ କରେ, ଈଶ୍ୱରଙ୍କ ଉପସ୍ଥିତିରେ ମୁଁ ଚଳପ୍ରଚଳ ହେଉଛି । ପ୍ରତିଦିନର ବ୍ୟସ୍ତତମ ମୁହୂର୍ତ୍ତ ଓ ପ୍ରାର୍ଥନା ମଣ୍ଡପର ନିରବ ମୁହୂର୍ତ୍ତ ମଧ୍ୟରେ ମୁଁ କୌଣସି ପ୍ରଭେଦ ଲକ୍ଷ୍ୟ କରେ ନାହିଁ । ମୋର କେବଳ ପ୍ରାର୍ଥନା–ଅଭ୍ୟାସ ହେଉଛି ଏକାଗ୍ରତା । ମୋର ଅନୁଭବ ହୁଏ, ଯେମିତି ମୁଁ ଅଭ୍ୟାସଗତ ଭାବରେ ନିରବରେ ଗୋପନରେ ଈଶ୍ୱରଙ୍କ ସହିତ କଥା ହେଉଛି, ଯାହା ମୋତେ ବିପୁଳ ଆନନ୍ଦରେ ପୂର୍ଣ୍ଣ କରେ ।

ଆମେ ଏବେ ଗାଁ, ସହର, ପାହାଡ଼, ପର୍ବତ, ନଦୀ, ନାଳ ଯେଉଁ ଆଡ଼କୁ ଚାହିଁଲେ ଦେଖିବା, ଦଳେ ଲୋକ ବିଭିନ୍ନ ଧର୍ମଗୁରୁଙ୍କର ଆଶ୍ରିତ, ନିର୍ଦ୍ଧାରିତ ସମୟରେ ସତ୍‌ସଙ୍ଗରେ ଯୋଗ ଦେଉଛନ୍ତି, ବଡ଼ ପାଟିରେ ପ୍ରାର୍ଥନା ବୋଲୁଛନ୍ତି, ଆବଶ୍ୟକ ସ୍ଥଳେ ଉପବାସ କରି ଉପବାସକୁ ଈଶ୍ୱରଙ୍କ ନିକଟ ବାସ ବୋଲି କହୁଛନ୍ତି, ଅଥଚ ଅନେକେ ବିଭିନ୍ନ ଚାକିରିରେ ଥାଇ ଉଚ୍ଚ ବେତନଭୋଗୀ ହୋଇ ଜନସାଧାରଣଙ୍କ ଠାରୁ ଉତ୍କୋଚ ଆଦାୟରେ ବ୍ୟସ୍ତ ଅଛନ୍ତି । ଆଉ ଦଳେ ନିଶାସକ୍ତ, ଅନୈତିକ ଯୌନାଚାରଲିପ୍ତ, ହୋଟେଲ୍, ରେସ୍ତୋରାଁ, ରାଜରାସ୍ତାରେ କଳହରତ । ପାହାଡ଼ ପର୍ବତରେ ଅବିଚାରିତ ଭାବରେ ଗଛକଟା ଚାଲିଛି, ଖଣିଜ ସାମଗ୍ରୀର ବେଆଇନ୍ ଖନନ ଚାଲିଛି, ନଦୀ ନାଳର ଜଳରାଶି ପ୍ରଦୂଷିତ, ବାୟୁମଣ୍ଡଳ ଅସ୍ୱାସ୍ଥ୍ୟକର । କିଛି ଡିଗ୍ରୀ ଡିପ୍ଲୋମାଧାରୀ ସ୍ଥଳ ଜଳଭାଗକୁ ଅଳିଆ ଆବର୍ଜନା ବର୍ଜ୍ୟବସ୍ତୁ ଫିଙ୍ଗିବାରେ ଅଭ୍ୟସ୍ତ । ବାହ୍ୟ ପ୍ରଦୂଷଣର ନିୟନ୍ତ୍ରଣ ପାଇଁ ସମୟୋଚିତ କିଛି କିଛି ସରକାରୀ ବ୍ୟବସ୍ଥା ହୋଇପାରେ, କିନ୍ତୁ ଉଭୟ ବାହ୍ୟ ଓ ଅନ୍ତଃ ପ୍ରଦୂଷଣର ନିରାକରଣ ପାଇଁ ପ୍ରତ୍ୟେକ ବ୍ୟକ୍ତିର ଆତ୍ମସଂଯମ ଆବଶ୍ୟକ ।

**ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ**
**ଧର୍ମଶାଳା, ଯାଜପୁର**
**ମୋ–୯୮୫୩୨୮୨୯୬୨**

# ପବିତ୍ର ଶ୍ରାବଣ ମାସ

**ଡ. ଅମୂଲ୍ୟ କୁମାର ପଣ୍ଡା**

ପବିତ୍ର ଶ୍ରାବଣ ମାସ, ଦେବ ଦେବ ମହାଦେବଙ୍କର ଅତୀବ ପ୍ରିୟ ମାସ । ଶ୍ରବଣା ନକ୍ଷତ୍ରଯୁକ୍ତ ପୂର୍ଣ୍ଣିମା ପଡୁଥିବା ଚନ୍ଦ୍ର ମାସକୁ ଶ୍ରାବଣ ମାସ ତଥା ଶିରାବଣ ଓ ଶ୍ରାବଣ ନାମରେ ମଧ କୁହାଯାଏ । ଏହାର ପୂର୍ବବର୍ତ୍ତୀ ମାସ ଆଷାଢ଼ ଓ ପରବର୍ତ୍ତୀ ମାସ ଭାଦ୍ରବ । ଏହି ମାସ ଓ ଏହାର ପୂର୍ବବର୍ତ୍ତୀ ମାସ ବର୍ଷା ଋତୁ । ଏହି ମାସରେ ଚିତାଲାଗି ଅମାବାସ୍ୟା ବା ଚିତଉ ଅମାବାସ୍ୟା, ନାଗ ପଞ୍ଚମୀ ତଥା ମନସା ପଞ୍ଚମୀ, ଶୁକ୍ଳ ଦଶମୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଝୁଲଣ ଯାତ୍ରା ଓ ରାକ୍ଷୀ ପୂର୍ଣ୍ଣିମା ବା ଗହ୍ମା ପୂର୍ଣ୍ଣିମା ତଥା ବଳଭଦ୍ର ଜନ୍ମ ଦିନ ପଡେ । ତେବେ ଏହି ମାସରେ ମୁଖ୍ୟ ପବିତ୍ର ବୋଲବମ ଯାତ୍ରା ହୋଇଥାଏ, ମାସସାରା ଅର୍ଥାତ୍ ପ୍ରତ୍ୟେକ ସୋମବାର ବୋଲବମ ଯାତ୍ରୀ ଦୂର ଦୂର ଶୈବ ପୀଠକୁ ଜଳ ଭାର ଧରି ଚାଲି ଚାଲି ଯାଇଁ ଶିବ ମନ୍ଦିରରେ ଶିବ ଲିଙ୍ଗରେ ଜଳାଭିଷେକ କରନ୍ତି । ଏହି ସମୟରେ ଡମ୍ବରୁଧାରୀ ଶିବ ହୋଇ ଉଠନ୍ତି ଅତୀବ ମନୋହାରି ଏବଂ କାରୁଣିକ ତଥା 'ବୋଲ୍ ବମ୍' ଭକ୍ତଙ୍କ ଗହଳିରେ ଶୈବ ପୀଠଗୁଡିକ ହୋଇଉଠେ ଶିବମୟ ଏବଂ ଆନନ୍ଦମୟ । କରୁଣାମୟ ଶିବଙ୍କ ଆଶୀର୍ବାଦ ପାଇବା ପାଇଁ ଶିବଭକ୍ତ ତତ୍ପର ହୋଇଉଠେ ।

କିମ୍ବଦନ୍ତୀ ତଥା ପୌରାଣିକ କଥା ବସ୍ତୁ ଅନୁସାରେ ଦେବତା ଓ ଅସୁରମାନଙ୍କଦ୍ୱାରା କରାଯାଇଥିବା ସମୁଦ୍ରମନ୍ଥନ ଯୋଗୁଁ , ଶ୍ରାବଣ ମାସ ଅମାବାସ୍ୟା ଦିନ ସମୁଦ୍ରରୁ ଅମୃତ ଓ ବିଷ ପ୍ରାପ୍ତ ହୋଇଥିଲା । ଦେବତାମାନଙ୍କ ଅନୁରୋଧ କ୍ରମେ ମହାଦେବ ସେହି ହଳାହଳ ବିଷ ପାନ କରିଥିଲେ । ବିଷର ଉତ୍କଟ ଜ୍ୱାଳାରେ ତାଙ୍କ କଣ୍ଠ ନୀଳବର୍ଣ୍ଣ ହୋଇଯାଇଥିଲା । ସେ ପାଲଟି ଯାଇଥିଲେ ନୀଳକଣ୍ଠ । ବିଷପାନ ଯନ୍ତ୍ରଣାକୁ ଲାଘବ କରିବା ପାଇଁ ଦେବତାଗଣ ମହାଦେବଙ୍କ ମସ୍ତକରେ ସୁବାସିତ ଜଳ ଢାଳିଥିଲେ । ଏହାକୁ ମନେପକାଇବା ପାଇଁ ପ୍ରତିବର୍ଷ ଶ୍ରାବଣ ମାସରେ ନୀଳକଣ୍ଠଙ୍କ ଜଳଲାଗି ଉତ୍ସବ ପାଳନ କରାଯାଏ ବୋଲି ବିଶ୍ୱାସ ରହିଛି । ଶ୍ରାବଣ ମାସ ଭଗବାନ ଶିବଙ୍କର ଅତି ପ୍ରିୟ । ଏହି ମାସରେ କାଉଡ଼ିଆ ଯାତ୍ରା ଅନୁଷ୍ଠିତ ହୋଇଥାଏ । ଏହି ଯାତ୍ରା ଶହ ଶହ ବର୍ଷ ଧରି ଚାଲି ଆସୁଛି ବୋଲି ଶୁଣାଯାଏ । ଯାତ୍ରାର ଆରମ୍ଭ କେବେ ଓ କିଏ କରିଥିଲେ ସେ ନେଇ ପୁରାଣରେ ଅନେକ ବର୍ଣ୍ଣନା ରହିଛି । ସର୍ବପ୍ରଥମ କାଉଡିଆ ଭାବେ କେତେକ ଭଗବାନ ଶ୍ରୀରାମଙ୍କୁ କହିଥାନ୍ତି । ଶ୍ରୀରାମ ସୁଲତା ନଦୀରୁ ଜଳ ଉଠାଇ ବାବାଧାମରେ ଥିବା ଶିବଲିଙ୍ଗରେ ଜଳାଭିଷେକ କରିଥିଲେ ବୋଲି ପୁରାଣରେ ବର୍ଣ୍ଣନା ରହିଛି । ଭଗବାନ ଶିବଙ୍କ ପରମଭକ୍ତ ପର୍ଶୁରାମ ସର୍ବପ୍ରଥମେ ଏହି ଯାତ୍ରା ଆରମ୍ଭ କରିଥିଲେ ବୋଲି କେତେକ କହିଥାନ୍ତି । ସେହିପରି ଶ୍ରବଣ କୁମାର ଏହି ପରମ୍ପରା ଆରମ୍ଭ କରିଥିଲେ ବୋଲି ମଧ୍ୟ କିଛି ଲୋକେ ମତ ଦିଅନ୍ତି । ଶ୍ରବଣ କୁମାର ହରିଦ୍ୱାରରେ ନିଜ ଦୃଷ୍ଟିହୀନ ମାତାପିତାଙ୍କ ଗଙ୍ଗାସ୍ନାନ କରିବାର ଇଚ୍ଛା ପୂରଣ କରିବା ପାଇଁ ସେମାନଙ୍କୁ ଭାରରେ ବୋହିଥିଲେ । ହରିଦ୍ୱାରରେ ମାତାପିତାଙ୍କୁ ଗଙ୍ଗାସ୍ନାନ କରାଇଥିଲେ ।

ପ୍ରତିବର୍ଷ ଏହି ସମୟରେ ହେଉଥିବା କାଉଡିଆ ଯାତ୍ରା ଅତୀବ ମନୋରମ ତଥା ଆଧ୍ୟାତ୍ମିକ । ଶ୍ରାବଣ ବର୍ଷାରେ ଭିଜା ଶରୀରରେ କାଉଡିଆ ମାନେ ଗାଇଥାନ୍ତି ଶିବ ବନ୍ଦନା, ବୋଲ୍ ବମ୍ ଧ୍ୱନି ଦେଇ ଗତି କରନ୍ତି ଶିବ ଦର୍ଶନ ଅଭିମୁଖେ । ଶ୍ରାବଣ ମାସରେ ଶିବ ପୂଜା ପ୍ରାଚୀନ, କେଉଁ ଅନାଦି କାଳରୁ ଚାଲି ଆସୁଛି ଏହି ମହାନ ପରମ୍ପରା । ଭକ୍ତମାନେ ଏକ କାଳ ଭୋଜନ କରନ୍ତି, ସନ୍ଧ୍ୟାରେ ପ୍ରସାଦ ଗ୍ରହଣ କରନ୍ତି । ଶ୍ରାବଣ ମାସରେ ଶିବ ପୂଜା କରିବା ଦ୍ୱାରା ମନୋବାଞ୍ଛିତ ଫଳ ପ୍ରାପ୍ତି ଘଟେ ବୋଲି ବିଶ୍ୱାସ ରହିଛି । ଓଡ଼ିଶା ବା ଉତ୍କଳ/କଳିଙ୍ଗ ଅତି ପ୍ରାଚୀନ କାଳରୁ ଶୈବ ପୂଜାର ଏକ ପୀଠସ୍ଥଳୀ ରୂପେ ପରିଗଣିତ । ଓଡ଼ିଶାର ପ୍ରମୁଖ ଶୈବ ପୀଠସ୍ଥଳୀଗୁଡିକ ହେଉଛି – ଲିଙ୍ଗରାଜ ମନ୍ଦିର (ଭୁବନେଶ୍ୱର), ଆଖଣ୍ଡଳମଣି ମନ୍ଦିର (ଆରଡି), ଲୋକନାଥ ମନ୍ଦିର (ପୁରୀ), ଗୁପ୍ତେଶ୍ୱର (କୋରାପୁଟ, ରାମଗିରି) ଇତ୍ୟାଦି । ମହାଦେବଙ୍କ ମସ୍ତକରେ ସୁଶୀତଳ ଶ୍ରାବଣ ଜଳ ଲାଗି ପାଇଁ ବିଭିନ୍ନ ଶୈବପୀଠକୁ ଛୁଟେ ଭକ୍ତଙ୍କ ସୁଅ । ଧର୍ମଶାସ୍ତ୍ର ମତରେ ନମସ୍କାରେ ପ୍ରିୟ ଭାନୁ, ଜଳାଧାରେ ପ୍ରିୟ ଶିବ । ତେଣୁ ଅନ୍ୟାନ୍ୟ ପୂଜାର୍ଚ୍ଚନା କରିବା ବଦଳରେ ଶିବଙ୍କ ମସ୍ତକରେ ଜଳାଭିଷେକରେ ସେ ତୃପ୍ତ ହୁଅନ୍ତି ।

ଶିବଙ୍କ ମସ୍ତକର ଜଳଲାଗି କରାଯିବାର ପ୍ରଥା ବୈଦିକ ଯୁଗରୁ ହିଁ ପ୍ରଚଳିତ । ଶିବପୂଜା ବିଧିରେ ରୁଦ୍ରଦେବଙ୍କ ଅଭିଷେକ ପାଇଁ ସ୍ୱତନ୍ତ୍ର ମନ୍ତ୍ର ରହିଥିବା ପରିଦୃଷ୍ଟ ହୁଏ । ଦେବ ଦେବ ମହାଦେବଙ୍କ ମସ୍ତକରେ ଜଳାଭିଷେକ କରିବା ଲାଗି ନିର୍ଦ୍ଦିଷ୍ଟ ନିୟମ ରହିଛି । ଏଗୁଡିକୁ ପାଳନ କରିବା ଅତ୍ୟନ୍ତ ଆବଶ୍ୟକ । ଶଙ୍କର ଭଗବାନଙ୍କର ଅର୍ଚ୍ଚନା ପାଇଁ ଏହା ପୂର୍ବରୁ ପ୍ରଥମେ ମନ୍ତ୍ର ବା ଜଳସ୍ନାନ କରି ଶୁଦ୍ଧ ବସ୍ତ୍ର ପିନ୍ଧିବାକୁ ହୋଇଥାଏ ଆର୍ଦ୍ର ବସନରେ ଶିବ ପୂଜନ ଶାସ୍ତ୍ର ନିଷିଦ୍ଧ । କାୟା ଓ ବସ୍ତ୍ରକୁ ପବିତ୍ର କରି ନୂତନ ଯଜ୍ଞୋପବୀତ ଧାରଣପୂର୍ବକ ପ୍ରଥମେ ଦ୍ୱାରପାଳଙ୍କୁ ପୂଜା କରିବାକୁ ହୁଏ । ରୁଦ୍ରଙ୍କ ଅଭିଷେକ ଲାଗି ଗାଈ କ୍ଷୀର, ଶୁଦ୍ଧ ସୁବାସିତ ଜଳ ଓ ପଇଡ ପାଣି ଆବଶ୍ୟକ ହୁଏ । ଦୂଷିତ ଜଳରେ ରୁଦ୍ର ଅଭିଷେକ କରିବା ଉଚିତ ନୁହେଁ । ରୁଦ୍ରାଭିଷେକ ପଦ୍ଧତି ଅନୁଯାୟୀ ଶିବଙ୍କ ମସ୍ତକରେ ଷଡ ଅଙ୍ଗୁଳ ଉଚ୍ଚତାରୁ ଜଳ ଲାଗି ବିଧେୟ ।

**ଅରଙ୍ଗାବାଦ, ବରୀ, ଯାଜପୁର**
**ମୋ– ୯୯୩୮୯୦୬୦୭୦**

## ସମ୍ପାଦକଙ୍କୁ ପତ୍ର

# ବିଧାନ ପରିଷଦ ଗଠନ ସଂପର୍କରେ

ମହାଶୟ ,

ଆପଣଙ୍କ ସମ୍ପାଦକୀୟରେ ବିଧାନ ପରିଷଦ ଗଠନ ବିଷୟ ଆପଣ ଉତ୍ଥାପନ କରିଛନ୍ତି । ଏହା ପାଠ କରି ଆନନ୍ଦ ଲଗିଲା । ଓଡ଼ିଶା ବିଧାନସଭାରେ ଏହି ବିଷୟରେ ଉତ୍ଥାପନ କରାଯିବା ପରେ ଓଡ଼ିଶା ବିଧାନସଭାର ଏକ କମିଟି ମହାରାଷ୍ଟ୍ର ଯାଇ ସେମାନଙ୍କ ବିଧାନ ପରିଷଦର ମୁଖ୍ୟଙ୍କ ସହିତ ସରକାରୀ ହିସାବରେ ଆଲୋଚନା କରିଥିଲେ ।

ମୁମ୍ବାଇରେ କାର୍ଯ୍ୟରତ ଥିବା ସମୟରେ ସେହି କମିଟି ସହ ମୁଁ ସାମିଲ ହେବାର ସୌଭାଗ୍ୟ ଲାଭ କରିଥିଲି । ଶ୍ରୀଯୁକ୍ତ ନୃସିଂହ ଚରଣ ସାହୁ, ପୂର୍ବତନ ମନ୍ତ୍ରୀ, ଏହାର ଅଧ୍ୟକ୍ଷ ଥିଲେ ।

କେତେକ ମାନ୍ୟବର ବିଧାୟକ ଯାଇଥିବା ମୋର ମନେହୁଏ । ଓଡ଼ିଶା ସରକାରଙ୍କ ସଂସଦୀୟ ବ୍ୟାପାର ବିଭାଗ ସଚିବ ମଧ୍ୟ ଯାଇଥିଲେ । ଓଡ଼ିଆ ଅସ୍ମିତା ବିଷୟକୁ ପ୍ରସଙ୍ଗ କରି ଓଡ଼ିଶାରେ ସରକାରଙ୍କ ପରିବର୍ତ୍ତନ ହୋଇଛି ।

ଏକ ବର୍ଷ ସମୟ ଗଲାଣି । ଲୋକପ୍ରିୟ ମାନ୍ୟବର ମୁଖ୍ୟମନ୍ତ୍ରୀ, ମାନ୍ୟବର ପ୍ରଧାନମନ୍ତ୍ରୀଙ୍କର ବହୁ ସମର୍ଥନ ୨୦୨୪ ନିର୍ବାଚନ ପର ଠାରୁ ଓଡ଼ିଶା ଜନସାଧାରଣ ଅନୁଭବ କରୁଛନ୍ତି ।

୨୦୨୯ ସାଧାରଣ ନିର୍ବାଚନ ପୂର୍ବରୁ ବିଧାନ ପରିଷଦ ଗଠିତ ହେଲେ, ଓଡ଼ିଶାରେ ଏକ ନୂତନ ଇତିହାସ ସୃଷ୍ଟି କରିବା ପାଇଁ ସହାୟକ ହେବ । ବହୁ ବୁଦ୍ଧିଜୀବୀଙ୍କୁ ରାଜ୍ୟ ସରକାର ବିଧାନ ପରିଷଦକୁ ମନୋନୟନ କରିବା ପାଇଁ ସୁଯୋଗ ପାଇବେ । ଏହା ଆମର ଗଣତାନ୍ତ୍ରିକ ବ୍ୟବସ୍ଥାରେ ଉନ୍ନତି ପାଇଁ ଚେଷ୍ଟା । ୨୦୩୬ ବେଳକୁ ଏହା ସମ୍ପୂର୍ଣ୍ଣ ଏକ ନୂତନ ଦିଗ୍‌ଦର୍ଶନ ଦେବାରେ ବିକଶିତ ଓଡିଶା ବୋଲି ପରିଚୟ ଦେବ । ଓଡ଼ିଶା ସରକାରଙ୍କ ଲୋକପ୍ରିୟତା ବଢିବାରେ ସହାୟକ ହେବ ।

**କୃପାନିଧି ବିଶ୍ୱାଳ, ଭୁବନେଶ୍ୱର**

ସମ୍ପାଦକଙ୍କୁ ପତ୍ର, ପାଠକଙ୍କ ଏକାନ୍ତ ନିଜସ୍ୱ ମତାମତ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।
(ଏହି ସ୍ଥାନରେ ସ୍ଥାନିତ କରିବା ପାଇଁ ପାଠକମାନେ ଆପଣା ମତାମତ ନିମ୍ନ ଇ–ମେଲ୍‌ରେ ସମ୍ପୂର୍ଣ୍ଣ ଠିକଣା ଏବଂ ମୋବାଇଲ ନମ୍ବର ସହ ପଠାଇପାରିବେ)
samayaeditorial2021@gmail.com

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପଞ୍ଚଭୂତରେ...

ଅମର ରହେ ବୋଲି ନାରା ଦେଇଥିଲେ ।ଶ୍ମଶାନରେ ଶବକୁ କଡା ସୁରକ୍ଷା ମଧ୍ୟରେ କର୍ଡନ କରି ଜୁଇକୁ ନିଆଯାଇ ସେଠାରେ ମୃତା ଛାତ୍ରୀର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ।ମୃତା ଛାତ୍ରୀଙ୍କ ଭାଇ ମୁଖାଗ୍ନି ଦେଇଥିଲେ ।ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ, ଜିଲା ଆରୋକ୍ଷୀ ଅଧୀକ୍ଷକ ରାଜପ୍ରସାଦ, ସହକାରୀ ଜିଲା ଆରୋକ୍ଷୀ ଅଧୀକ୍ଷକ ଦେବ ଜ୍ୟୋତି ଦାସ,ଉପଜିଲାପାଳ ସୁଧାକର ନାୟକ, ହେମନ୍ତ ସିଂ, ଡ଼ଃ ମଧୁସ୍ମିତା ସାମନ୍ତରାୟ, ଭୋଗରାଇ ବିଡ଼ିଓ, ତହସିଲଦାର, ଥାନାଧିକାରୀ ସହ ସଦର ବିଧାୟକ ମାନସ ଦତ୍ତ, ରେମୁଣା ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ଗୋବିନ୍ଦ ଦାସ, ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ, ଭୋଗରାଇ ପଞ୍ଚାୟତ ସମିତି ଅଧକ୍ଷ ପ୍ରବୀର କୁମାରଗିରି, ଭାଜପା ନେତା ଆଶିଷ କୁମାର ପାତ୍ର, ଅଂଶୁମାନ ମହାନ୍ତି, କଂଗ୍ରେସ ନେତ୍ରୀ ମୀନାରାଣୀ ସୁର, ନେତା ସନ୍ତୋଷ କୁମାର ଜେନା ସହ ମହିଳା ସାଂସ୍କୃତିକ ସଂଗଠନ ର ନାରୀ ନେତ୍ରୀ, ଡ଼ିଏସଓ ଛାତ୍ରସଂଗଠନର ଛାତ୍ରୀ ଛାତ୍ର ନେତା, ଶିକ୍ଷକ, ଅଧାପକ ଓ ବୁଦ୍ଧିଜୀବୀ ମାନେ ଉପସ୍ଥିତ ଥିଲେ ।ମୃତା ଛାତ୍ରଙ୍କ ପରିବାରକୁ ଏକ କାଳୀନ ୨ ୦ ଲକ୍ଷ ଟଙ୍କା ଅନୁକମ୍ପା ମୂଳକ ସହାୟତା ରାଶି ପ୍ରଦାନ କରାଯିବାସହିତ ଉଚ୍ଚ ସ୍ତରୀୟ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏମପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସୂଚନା ଦେଇଥିଲେ ।

## ନବୀନଙ୍କ...

ଅତି ସାହସିକତାର ସହ ତା' ସହ ଘଟିଥିବା ଯୌନ ନିର୍ଯାତନା ବିଷୟ କଲେଜ ଅଧକ୍ଷଙ୍କୁ ଚିଠି ଲେଖି ଅବଗତ କରାଇଥିଲା । ନ୍ୟାୟ ପାଇବାକୁ ଉଚ୍ଚଶିକ୍ଷାମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ କେନ୍ଦ୍ରମନ୍ତ୍ରୀ ଓ ବାଲେଶ୍ୱର ସାଂସଦଙ୍କୁ ଜଣାଇଥିଲା । କେହି ଉତ୍ତରଦାୟିତ୍ୱ ନେଇ ଯଦି ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରିଥାନ୍ତେ ତେବେ ହୁଏତ ଝିଅଟିର ଜୀବନ ବଞ୍ଚିଯାଇପାରିଥାନ୍ତା । ଏହା ଆନୁଷ୍ଠାନିକ ବିଶ୍ୱାସ ଘାତକ ଠାରୁ କିଛି କମ୍ ନୁହେଁ, ଏହା ଯୋଜନାବଦ୍ଧ ଅନ୍ୟାୟ ବୋଲି ସେ ଉଲ୍ଲେଖ କରିଛନ୍ତି ।

## ବ୍ୟବସ୍ଥାକୁ...

ତାକୁ ନ୍ୟାୟ ପରିବର୍ତ୍ତେ ଅପମାନ ମିଳିଲା । ଏଭଳି ଅତ୍ୟାଚାର କରାଗଲା ଯେ ସେ ଆତ୍ମହତ୍ୟା କରିବାକୁ ବାଧ ହେଲା ବୋଲି ସେ ଉଲ୍ଲେଖ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ଜୟରାମ ରମେଶ ଓ କେସି ବେଣୁଗୋପାଳ ମଧ ଏହି ଘଟଣାରେ ସମବେଦନା ଜଣାଇବା ସହ ସରକାରଙ୍କୁ ଟାର୍ଗେଟ କରିଛନ୍ତି ।

## ଏଚଓଡିଙ୍କ...

ସୌମ୍ୟାଶ୍ରୀ ମାନସିକ ଭାବେ ଆଘାତପ୍ରାପ୍ତ ହୋଇ ଆତ୍ମାହୂତି ଦେଇଥାଇ ପାରନ୍ତି ବୋଲି କମିଟି କହିଛି ।

ଗତ ୩୦ ତାରିଖରେ ସୌମ୍ୟାଶ୍ରୀଙ୍କୁ ଚତୁର୍ଥ ସେମିଷ୍ଟାର ପରୀକ୍ଷା ଦେବାରୁ ବଞ୍ଚିତ କରିଥିଲେ ଅଭିଯୁକ୍ତ ବିଭାଗୀୟ ମୁଖ୍ୟ ସମୀର ସାହୁ । ଏନେଇ ସୌମ୍ୟାଶ୍ରୀ ସମୀରଙ୍କ ବିରୋଧରେ ମାନସିକ ଓ ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲେ। ଏହାର ତଦନ୍ତ ପାଇଁ ଜୁଲାଇ ୧ ତାରିଖରେ ଅଧକ୍ଷ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ କରିଥିଲେ । ୩ ତାରିଖରୁ କମିଟି ତଦନ୍ତ ଆରମ୍ଭ କରି ୯ ତାରିଖ ରାତି ପ୍ରାୟ ୯ଟା ବେଳେ ଅଧକ୍ଷଙ୍କୁ ରିପୋର୍ଟ ଦେଇଥିଲା । ସୌମ୍ୟାଶ୍ରୀ ଆଣିଥିବା ମାନସିକ ନିର୍ଯାତନା ଅଭିଯୋଗ ନେଇ କମିଟି ତାଙ୍କ ଶ୍ରେଣୀର ଅନ୍ୟ ଛାତ୍ରୀଙ୍କୁ ମଧ ଜେରା କରିଥିଲା । ଅନ୍ୟ ଛାତ୍ରୀମାନେ ମଧ ବିଭାଗୀୟ ମୁଖ୍ୟଙ୍କ କଠୋର ଅଭିମୁଖ୍ୟ ଉପରେ ଆପତ୍ତି ଉଠାଇଥିଲେ । କ୍ଲାସକୁ ସାମାନ୍ୟ ବିଳମ୍ବ ହେଲେ ୪୫ ମିନିଟ ଧରି ଶ୍ରେଣୀଗୃହ ବାହାରେ ଛିଡା କରାଇ ଦେଉଥିଲେ ବିଭାଗୀୟ ମୁଖ୍ୟ । ସେହିଭଳି ସୌମ୍ୟାଶ୍ରୀ ଆଣିଥିବା ଯୌନ ନିର୍ଯାତନା ଅଭିଯୋଗର କୌଣସି ପ୍ରତ୍ୟକ୍ଷ ପ୍ରମାଣ ନଥିଲା । କିନ୍ତୁ ଏଚଓଡିଙ୍କ କଠୋର ଆଭିମୁଖ୍ୟକୁ ନେଇ ପ୍ରାୟ ଅଧିକାଂଶ ଛାତ୍ରୀ ଆପତ୍ତି କରିଥିବାରୁ ତାଙ୍କୁ ତୁରନ୍ତ ଏଚଓଡି ପଦରୁ ହଟେଇବାକୁ କମିଟି ସୁପାରିଶ କରିଥିଲା । ଏଥିସହିତ ଅଧାପକ ସମୀର ସାହୁଙ୍କ ମଧ ତାଙ୍କ ବ୍ୟବହାରରେ ପରିବର୍ତ୍ତନ ଆଣି ଛାତ୍ରୀଙ୍କ ମାନସିକତା ଅନୁଯାୟୀ ପାଠ ପଢାଇବାକୁ କମିଟି ପରାମର୍ଶ ଦେଇଥିଲା । କିନ୍ତୁ ଅଧକ୍ଷ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନଥିଲେ । ଯାହାକୁ ନେଇ ସୌମ୍ୟାଶ୍ରୀ ମାନସିକ ଭାବେ ଆଘାତପ୍ରାପ୍ତ ହୋଇଥାଇପାରନ୍ତି ବୋଲି କମିଟି ସଦସ୍ୟ କହିଛନ୍ତି ।

## ନ୍ୟାୟ ଦାବିରେ...

ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ କୁଶପୁତ୍ତଳିକା ଦାହ କରାଯାଇଛି । ଏବିଭିପି ଦୋଷୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି ଓ ଛାତ୍ର କଂଗ୍ରେସ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ତୁରନ୍ତ ପଦବୀରୁ ଇସ୍ତଫା ଦିଅନ୍ତୁ ବୋଲି ଦାବି କରିଛନ୍ତି ।

ସେପଟେ ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁରସ୍ଥିତ ଡାଲମିଆ କଲେଜର ଛାତ୍ରଛାତ୍ରୀ ସାମିଲ ହୋଇ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ଫଟୋରେ ନିଆଁ ଲଗାଇଛନ୍ତି । ଡାଲମିଆ କଲେଜର ମୁଖ୍ୟ ଫାଟକ ଆଗରେ ବିକ୍ଷୋଭ ପ୍ରଦଶନ କରିଥିଲେ । ଛାତ୍ରୀ ସେମ୍ୟାଶ୍ରୀଙ୍କ ମୃତ୍ୟୁ ପାଇଁ ବିଜେପି ସରକାର ଦାୟୀ ବୋଲି ଆଜି ପ୍ରଦେଶ ଯୁବ କଂଗ୍ରେସ ବିକ୍ଷୋଭ ପ୍ରଦର୍ଶନ କରିଛି । ସଂଗଠନର ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ଯୁବ କଂଗ୍ରେସ ପକ୍ଷରୁ କୋକେଇ ଶୋଭାଯାତ୍ରା କରାଯିବା ସହ ଭୁବନେଶ୍ୱରସ୍ଥିତ ବିଜେପି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଛି ।

ପ୍ରଶାସନିକ ଅବହେଳା ପାଇଁ ନିରୀହ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଉଦ୍ୟମ ଏବଂ ଶେଷରେ ମୃତ୍ୟୁ ଘଟଣା ସମଗ୍ର ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି । ପ୍ରତିବାଦରେ ଯୁବ ନେତା ସୁବ୍ରତ ଛାଟୋଇ ଓ ଦିଲ୍ଲୀପ ନାୟକ ନେତୃତ୍ୱରେ ଆଜି ନିମାପଡା ଠାରେ ବିଜୁ ଜନତା ଦଳ ପକ୍ଷରୁ ଏକ ବିକ୍ଷୋଭ ଏବଂ ରାଜ୍ୟ ରାଜପଥ ଅବରୋଧ କରାଯାଇଥିଲା ।

ସେହିଭଳି ମାଲକାନଗିରି ଜଲ୍ଲା କଂଗ୍ରେସ ତରଫରୁ ବାଲେଶ୍ୱରରେ ଛାତ୍ରୀ ମୃତ୍ୟୁ ଘଟଣାକୁ ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ କର୍ମୀ କୋର୍ଟ ଛକ ନିକଟରେ ପହଞ୍ଚିଥିଲେ । ସେଠାରୁ ମାଲକାନଗିରି ମହାବିଦ୍ୟାଳୟ ପର୍ଯ୍ୟନ୍ତ ରାଲି କରି ସରକାର ବିରୋଧୀ ସ୍ଲୋଗାନ ଦେଇଥିଲେ । ବାଲେଶ୍ୱରରେ ଛାତ୍ରୀ ମୃତ୍ୟୁର କାରଣ ମୁଖ୍ୟମନ୍ତ୍ରୀ ଏବଂ ଶିକ୍ଷାମନ୍ତ୍ରୀ ବୋଲି ଅଭିଯୋଗ କରିଥିଲେ ।

## ଆଜି...

ସମସ୍ତ ଯାତାୟତ ପଛପଟ ଗୋ।ଟେ ଦେଇ କରାଯିବ। ସଚିବାଳୟର ନାଲି କୋଠା ଓ ମୁଖ୍ୟ କୋଠା ମଧ୍ୟରେ ସଂଯୋଗୀକରଣ ଦ୍ୱାରା ଖୋଲାଯିବ। କର୍ମଚାରୀ ଓ ପର୍ଯ୍ୟଟକଙ୍କ ପରିଚୟପତ୍ର ଓ ପାସକୁ ମଧ କଡାକଡି ଯାଞ୍ଚ କରାଯିବ।

## ୟୁଜିସିର...

ସହିତ ସଂଘର୍ଷ କରି ଶେଷରେ ତାଙ୍କର ମୃତ୍ୟୁ ହୋଇଥିଲା । ଭୋଗରାଇ ବ୍ଲକରେ ଥିବା ପଳାସିଆ ମଶାଣିରେ ସୌମାଶ୍ରୀଙ୍କ ଅନ୍ତିମ ସଂସ୍କାର କରାଯାଇଛି । ଏହି ଘଟଣା ନେଇ ପୂରା ରାଜ୍ୟରେ ଚାଞ୍ଚଲ୍ୟ ଖେଳି ଯାଇଛି ।

## ଆଜି ବିଜେଡିର...

ଚରମ ପଦକ୍ଷେପ ନେବାକୁ ବାଧହେଲେ । ହାଇକୋର୍ଟର କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ଏହାର ତଦନ୍ତ କରାଯାଉ। ସେହିଭଳି ଯୁବ ଓ ଛାତ୍ର ବିଜେଡି ପକ୍ଷରୁ କୁହାଯାଇଛି ଯେ ଦୋଷୀକୁ ଦଣ୍ଡ ନ ମିଳିବା ପର୍ଯ୍ୟନ୍ତ ଯୁବ ଓ ଛାତ୍ର ବିଜେଡି ଆନ୍ଦୋଳନ ଜାରି ରଖିବ। ଛାତ୍ରୀଙ୍କ ଗୁହାରି କେହି ଶୁଣିଲେ ନାହିଁ। ମୃତ୍ୟୁ ପରେ ପୋଲିସ ମାଧମରେ ମର ଶରୀରକୁ ରାତିଅଧିଆ ପୁରୀ ନେଇ ଦାହ କରିବାର ଯୋଜନା ଥିଲା। ଯୁବ ଛାତ୍ର ବିଜେଡିର ପ୍ରତିବାଦ ଫଳରେ ବାଧହୋଇ ତା' ନିଜ ଗାଁ ପଳାଶିଆକୁ ମର ଶରୀର ଯାଇଥିଲା। ଛାତ୍ରୀଙ୍କ ପରିବାରକୁ ୨କୋଟି ଟଙ୍କାର କ୍ଷତିପୂରଣ ଦିଆଯାଉ। ସୌମ୍ୟଶ୍ରୀ ଏବିଭିପିର ଜଣେ କର୍ମକର୍ତ୍ତା ଭାବେ କାର୍ଯ୍ୟ କରୁଥିଲେ। କିନ୍ତୁ ସେହି ସଂଗଠନର ଚକ୍ରାନ୍ତ ଯୋଗୁ ତାଙ୍କୁ ଆତ୍ମାହୁତି ଦେବାକୁ ପଡିଲା ବୋଲି ସେ କହିଛନ୍ତି ।

## ମହାକାଶରୁ...

ଏକ ମାନବ ମିଶନରେ ଅଂଶ ଗ୍ରହଣ କରିଥିଲେ। ୪ ମହାକାଶଚାରୀଙ୍କୁ ଧରି ଭାରତୀୟ ସମୟ ଅପରାହ୍ନ ୩.୦୧ରେ ଡ୍ରାଗନ ସ୍ପେଶ୍ କ୍ରାପ୍ଟ ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କରିଥିଲା। ଏହାପରେ କାଲିଫର୍ଣ୍ଣିଆର ସାନ୍ ଡିଏଗୋ ଉପକୂଳ ନିକଟରେ ଥିବା ପ୍ରଶାନ୍ତ ମହାସାଗରରେ ଅବତରଣ କରିଛି। ୧୮ ଦିନର ରହଣୀ ସମୟରେ ଜୀବ ବିଜ୍ଞାନ, କୃତ୍ରିମ ବୁଦ୍ଧିମତା, ପଦାର୍ଥ ବିଜ୍ଞାନ ଓ ମାନବ ସ୍ୱାସ୍ଥ୍ୟ ଉପରେ ୬୦ରୁ ଅଧିକ ଉନ୍ନତ ବୈଜ୍ଞାନିକ ପରୀକ୍ଷଣ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁଭାଂଶୁ ଶୁକ୍ଲାଙ୍କ ପ୍ରତ୍ୟାବର୍ତ୍ତନକୁ ସ୍ୱାଗତ ଜଣାଇଛନ୍ତି। ସେ କହିଛନ୍ତି ଯେ ଭାରତର ପ୍ରଥମ ମହାକାଶଚାରୀ ରୂପେ ଆଇଏସଏସକୁ ଯାତ୍ରା କରିଥିବା ଗ୍ରୁପ୍ କ୍ୟାପଟେନ ଶୁକ୍ଲାଙ୍କ ସଫଳତା ଦେଶର ମହାକାଶ ଅନ୍ୱେଷଣ ଯାତ୍ରାର ଏକ ନିର୍ଣ୍ଣାୟକ ମୁହୂର୍ତ୍ତ `। ସାରା ଦେଶବାସୀଙ୍କ ସହ ମୁଁ ତାଙ୍କୁ ସ୍ୱାଗତ ଜଣାଉଛି । ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରକୁ ଯାତ୍ରା କରି ସେ ନିଜର ସମର୍ପଣ, ସାହାସ ଏବଂ ଅଗ୍ରଣୀ ମନୋଭାବ ସହ କୋଟ କୋଟି ଲୋକଙ୍କ ସ୍ୱପ୍ନକୁ ପୂରଣ କରିଛନ୍ତି । ମାନବ ମହାକାଶ ଯାନ ଅଭିଯାନ ଗଗନାୟନ ଦିଗରେ ଏହା ଏକ ମାଇଲଖୁଣ୍ଟ ।

## ୧୭ରେ...

ଦଳିତଙ୍କ ଉପରେ ପାସବିକ ଅତ୍ୟାଚାର, ଶିମିଳିପାଳ ଅଭୟାରଣ୍ୟରେ ଜଙ୍ଗଲ ବିଭାଗର କର୍ମଚାରୀଙ୍କ ଦ୍ୱାରା ଆଦିବାସୀ ମହିଳାଙ୍କୁ ଉପରେ ଯୌନ ନିର୍ଯାତନା ଆଦି ଘଟଣା ସରକାରର ଅପାରଗତାକୁ ପ୍ରମାଣ କରିଛି। ନିରାପତ୍ତା, ସାମାଜିକ ସୁରକ୍ଷା, ସାମ୍ବିଧାନିକ ଅଧିକାର, ମାନବିକ ଅଧିକାର ପାଇଁ ୧୭ ଜୁଲାଇରେ ଓଡ଼ିଶା ବନ୍ଦ ଡାକରା ଦିଆଯିବ । ଆଜିର ମିଳିତ ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଭକ୍ତ ଦାଶଙ୍କ ସମେତ କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ, ସିପିଆଇ ସମ୍ପାଦକ ଆଶିସ କାନୁନଗୋ, ସିପିଏମ୍ ସମ୍ପାଦକ ସୁରେଶ ପାଣିଗ୍ରାହୀ, ସିପିଆଇଏମଏଲର ସମ୍ପାଦକ ଯୁଦ୍ଧିଷ୍ଠିର ମହାପାତ୍ରଙ୍କ ସମେତ ଅନେକ ବିରୋଧୀ ଦଳର ନେତା ଉପସ୍ଥିତ ଥିଲେ ।

## ମୋବାଇଲ ଟାୱାରରେ ନିଆଁ ଲଗାଇଲେ ମାଓବାଦୀ

ମାଲକାନଗିରି, (ସବ୍ୟୁ): ସୀମାନ୍ତ ଛତିଶଗଡ଼ରେ ମାଓହିଂସା ଦିନକୁ ଦିନ ବଢିବାରେ ଲାଗିଛି । ପୁଲିସର ଘନଘନ ଚଢଉ ସିବେ ମାଓବାଦୀମାନେ ନିଜର ଉପସ୍ଥିତି ଜାହିର କରିବା ଏବଂ ସଂଗଠନ ଏବେ ମଜବୁତ ଥିବା ଦର୍ଶାଇ ଏଭଳି ହିଂସା ଘଟାଇ ଚାଲିଛନ୍ତି । ସଦ୍ୟତମ ଘଟଣାକ୍ରମରେ ନାରାୟଣପୁର ଜିଲ୍ଲାର ଛଟୋଡ଼ଙ୍ଗର ଥାନା ଅନ୍ତର୍ଗତ ମାଧେନାର ଗାଁରେ ଥିବା ମୋବାଇଲ ଟାଓ୍ୱାରକୁ ଗତକାଲି ରାତିରେ ସଶସ୍ତ୍ର ମାଓବାଦୀ ନିଆଁ ଲଗାଇ ପୋଡି ଦେଇଛନ୍ତି ।

ସୋମବାର ବିଳମ୍ବିତ ରାତିରେ ପ୍ରାୟ ୫୦ରୁ ୬୦ ମାଓବାଦୀ ଗାଁରେ ପହଞ୍ଚିଥିଲେ । ଗାଁରେ ଉତ୍ପାତ କରିବା ସହ ଗାଁରେ ଥିବା ଏକ ମୋବାଇଲ ଟାଓ୍ୱାରକୁ ନିଆଁ ଲଗାଇ ଦେଇଥିଲେ । ଗ୍ରାମବାସୀଙ୍କ ଦାବି ପରେ ପ୍ରଶାସନ ତରଫରୁ ନୂତନ ଭାବେ ଗତ କିଛି ମାସ ତଳେ ଜିଓ ଟାଓ୍ୱାର ସ୍ଥାପନ କରାଯାଇଥିଲା ।


**ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର**
**Housing & Urban Development Department, Govt. of Odisha**
ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ
**OFFICE OF THE PARADEEP MUNICIPALITY, PARADEEP**
ସ୍ଥାନ- ପାରାଦ୍ୱୀପ, ଜିଲ୍ଲା-ଜଗତସିଂହପୁର, ୭୫୪୧୪୨
At/Po-Paradeep, Dist- Jagstsinghpur (Odisha), Pin-754142
C-
**No. 3363 / dt. 15.07.2025**

**e-Procurement Notice**

| | | |
|---|---|---|
| Tender Call Notice No. | : | 3348 / dt. 14.07.2025 |
| Bid Identification No. | : | EO/PDPM/W_02/2025-26 |
| Tender ID | : | 2025_ORULB_115535 |
| Nature of Works | : | Civil Works with installation of gas fixed closed type human dead body crematorium |
| Number of Works | : | 01 |
| Tender Value | : | Rs. 112.26 Lakh |
| Available Period | : | dt. 16.07.2025 from 17.00 hrs. to dt. 30.07.2025 17:00 hrs. |
| Tender Opening Date | : | dt. 31.07.2025 at 11:00 AM |

Bidders are requested to read the NIT & DTCN at **www.tendersodisha.gov.in.** carefully and participate with their Supplier / Manufacturer/license with valid Registration Certificate before the closing date.

OIPR : 13120/11/0058/2526 — **Sd/- Executive Officer, Paradeep Municipality**



**OFFICE OF THE PANCHAYAT SAMITI, JATNI, DIST-KHORDHA**
I-217
Tel No : 0674-2490858
**Letter No. 4203 Dt. 15.7.25**
e-Mail : ori-jatni@nic.in

**"e" Procurement Notice**

Bid Documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in.

| | | | |
|---|---|---|---|
| 1. | Tender Reference No. | : | 26/PSJ/2025-26 |
| 2. | Name of the Work | : | Civil Construction works as mentioned in DTCN. |
| 3. | No. of works | : | 4 Nos. |
| 4. | Estimated Cost | : | As per DTCN |
| 5. | Earnest Money Deposit (EMD) | : | As per DTCN |
| 6. | Period of Completion | : | As per DTCN |
| 7. | Date & Time of Bidding | : | 16/07/2025 at 11.00 PM |
| 8. | Last date & time for receipt Of bids in the portal | : | 30/07/2025 at 5.00 PM |
| 9. | Bids received online shall be opened on | : | 31/07/2025 at 11.00 AM |
| 10. | Name and address of the Officer inviting Bid | : | O/o- Block Development Officer, Jatni |

Further amendments, corrigendum or other communication regarding this letter will be available only on https://tendersodisha.gov.in and will not be published in print media.

OIPR : 19263/11/0006/2526 — **Sd/- Block Development Officer, Jatni**



C-660
**OFFICE OF THE GENERAL MANAGER, WATCO PROJECT DIVISION**
**Email : gmprojectsbp@gmail.com Tel. No. 0663-2411911**

**e-Procurement Notice**
**Bid Identification No. 2 Project/WATCO/SBP/2025-26 Dated. 10.07.2025**

1. **Name of the work** : BC Road restoration work
2. **Estimated cost** : Rs.16.19 Lakhs
3. **Period of Completion** : Referred to DTCN
4. **No of Works** : One (1)
5. **Tender Paper Cost** : Referred to DTCN
6. **Class of Contractor** : "C or D" Class
7. **Date & Time of availability of bid document in the portal** : 11.00 Hrs. of 17.07.2025 to 17.00 Hrs. of 26.07.2025
8. **Date of opening of Bid** : 12.30 Hrs. on dtd.28.07.2025
9. **Name and address of the O.I.T** : General Manager, WATCO Project Division, Sambalpur, At- 40 MLD STP Campus, Bhatra, Dhanupali, Sambalpur,768005.

Further details can be seen from the e-Procurement portal "https://www.tendersorissa.gov.in"

OIPR : 13247/11/0017/2526 — **Sd/- GENERAL MANAGER, WATCO PROJECT DIVISION, SAMBALPUR**



**PANCHAYAT SAMITI OFFICE, TELKOI**
**At/P.O.- TELKOI, Dist. : Keonjhar, Pin-758019**
**E-Mail Id : ori-telkoi@nic.in**
I-212

**TENDER CALL NOTICE No. 01/2025-26**
**No : 3154 Date : 09.07.2025**

The Block Development Officer, Telkoi invites Sealed Percentage Rate Bids for the works mentioned in Annexure-I of DTCN on behalf of Governor of Odisha through e-Procurement in conformity with the terms and conditions of the DTCN from registered and eligible Contractors of the State PWD (R&B) / Water Resources / Rural Works / M.I./C.P.W.D. of "D, C & B" Class of execution of works under Panchayat samiti, Telkoi.

1. Total No. of works for which Tenders Invited: **14 Nos**
2. Place of Execution : Different locations in Panchayat Samiti, Telkoi area.
3. Estimated Cost of Individual Work: **Rs.15,04,183/- to Rs.24,99,671/-**
4. Class of Contractor: D, C, & B Class
5. Intending bidders have to participate through "Online". The website for online bidding is **http://www.tendersodisha.gov.in**
6. The bid documents will be available in the above website from **16.07.2025** to **5.00 P.M.** on **30.07,025** for online bidding.
7. Last date &. time of bidding online : **30.07.2025 at 5.00 P.M.**
8. The bid, received online will be opened on **02.08.2025 at 11.00 A.M.**

OIPR : 19192/11/0005/2526 — **Sd/- Block development Officer, Telkoi**



**GOVERNMENT OF ODISHA : "e"- PROCUREMENT NOTICE**
**OFFICE OF THE BLOCK DEVELOPMENT OFFICER, ODAGAON**
**P.R & D.W. DEPARTMENT**
I-211
**Tender call Notice**
**E-mail-ori-odagaon@nic.in**
**Tender Call Notice No - e Tcn01/odagaon/2025-26**
**Letter no : 3083 Dated : 10.07.2025**
**Bid Identification No. B.D.O, Odagaon - eTcn01/odagaon/2025-26**

The Block Development Officer, Odagaon on bahalf of Governor of Odisha inviting percentage rate bid in Single cover system in ONLINE MODE from eligible contractors for construction of Building work as detailed in the table below :

| | | | |
|---|---|---|---|
| 1. | Nature of Work | : | Buildings Works. |
| 2. | No of Work | : | 4 Nos. |
| 3. | Tender Cost & EMD | : | To be remitted online through a process as mentioned in DTCN. |
| 4. | Class of Contractor | : | As mentioned in DTCN. |
| 5. | Available of Bid Document in the Website | : | From Dt. 18.07.2025 11.00 AM to Dt. 05.08.2025 Up to 5.00 pm. |
| 6. | Date of opening of Bid | : | Dt. 06.08.2025 at 11.00 AM |

7. The have to participate in ONLINE bidding only. Further details can be seen From the Website : **https://tenderodisha.gov.in.** Any Addendum/Corrigendum/Cancellation of tender can also be seen in the said websie.

OIPR : 19307/11/0006/2526 — **Sd/- Block Development Officer, Odagaon**



**E-mail : eerw_blgr@yahoo.co.in**
**GOVT. OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION BOLANGIR**
O-
**Government of Odisha**
**"e" Procurement Notice**
**BID IDENTIFICTION NO. EEBLGR-online-01/2025-26**
**No. 3441 Dated. 11.7.2025**

**1st Corrigendum**

**Bid Identification No. EEBLGR-online-01/2025-26 vide this office letter No. 3284 dt. 04.07.2025**

Due to unavoidable circumstances, the tender invited for the work "Construction of Boundary Wall for Court building at Agalpur for the year 2024-25" vide TCN of Bid Identification No. EEBLGR-online-01/2025 is hereby cancelled.

OIPR : 25068/11/0022/2526 — **Sd/- Superintending Engineer, R.W. Division, Bolangir**



**GOVERNMENT OF ODISHA : DEPARTMENT OF WATER RESOURCES**
**O/o THE CHIEF ENGINEER AND BASIN MANAGER,**
**MAHANADI BASIN, AT-BURLA, DISTRICT-SAMBALPUR, PIN-768017**
A-386
**E-mail Id - cebmumbburla@gmail.com**
**'e' Procurement Notice No-CE & BM - MB-03/2025-2026 (Online)**
**BID IDENTIFICATION NO-CE & BM-03/2025-2026 (Online)**

| | | | |
|---|---|---|---|
| 1 | Name of the work | : | Renovation of Canal System of Hirakud Dam Project of Goshala Canal Section |
| 2 | No of works | : | One (01) number |
| 3 | Class of Contractor | : | "A Class" and "Special Classs" |
| 4 | Bid Identification No | : | CE&BM-MB-03/2025-2026 (Online) |
| 5 | Estimated Cost | : | Rs. 19.31 Crores |
| 6 | Period of completion | : | 24 (Twenty-Four) Calendar Months. |
| 7 | Date and time of availability of Bid Documents in the portal | : | Dated - 18.07.2025 at 11.30 AM to Dated- 07.08.2025 up to 5.00 PM. |
| 8. | Last date / time for receipt of Bids in the portal | : | Dated-07.08.2025 up to 5.00 PM. |
| 9 | Date of openig of Technical Bid (Cover-I) | : | Dated-08.08.2025 at 11.30 AM, O/o Chief Engineer & Basin Manager, Mahanadi Basin, Burla. |
| 10 | Name and Address of the Officer inviting Bid | : | Chief Engineer & Basin Manager, Mahanadi Basin, Burla, Dist-Sambalpur, Odisha, 768017, Email Id : cebmumbburla@gmail.com |

1. Any addendum / corrigendum / cancellation / erratum of tender can also be seen in the said Website.
2. Further details can be seen from Government Website **http://tendersodisha.gov.in.**

OIPR : 32508/11/0004/2526 — **Sd/- Chief Engineer & Basin Manager, Mahanadi Basin, Burla**



**E-mail : ee_rwbdk@yahoo.com.in**
**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION, BHADRAK**
O-426
**"e" Procurement Notice for Building Works**
**Bid Identification No. Online Tender 03 of 2025-26**

| | | | |
|---|---|---|---|
| 1. | Name of the Work | : | Buildings |
| 2. | Total No of Works | : | 06 Nos. |
| 3. | Estimated Cost | : | Rs. 8.40 lakh to 37.01 Lakhs |
| 4. | Class of Contractor | : | "B", "C" & "D" Class |
| 5. | Period of Completion | : | As per Annexure. |
| 6. | Type of Tender | : | Single Cover |
| 7. | Other Details | : | |

| Procurement Officer | Bid Identification No. | Availability of Tender On-line for bidding | | Date of seeking of Tender | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | | 4 | 5 |
| Superintending Engineer, Rural Works Division-I, Bhadrak | Online-03 of 2025-26 | 17.07.2025 At 11.00 A.M. | 24.07.2025 up to 5.00 P.M. | 23.07.2025 up to 4.00 P.M. | 25.07.2025 At 11.00 A.M. |

Further details can be seen from the e-procurement portal **"https://tendersorissa.gov.in"**
**N.B.** - Transparency Lottery to be held on Dt. 05.08.2025 at 11.30 A.M. (If any changes it will be intimated)

OIPR : 25060/11/0016/2526 — **Sd/- Er. Kanan Pradhan, Superintending Engineer, R.W. Division, Bhadrak**



**AFFIDAVIT**

By virtue of an affidavit sworn before The Executive Magistrate Bhubaneswar, dated. 15.07.2025 I, Sailendri Jena, W/o- Sanjit Jena, at-Ghosar, P.O - Ghosar, P.S-Kishorenagar, Dist- Angul, Pin-759126, Odisha declare that I have changed my daughter's name from Suneli Jena to Sonali Jena. Henceforth, she shall be known as Sonali Jena for all purpose.

**Sailendri Jena**

**AFFIDAVIT**

I, Apurba Das, S/o-Late Ajay Kumar Das, of Vill-Sagabaria, Po-Tiran, Ps-Tirtol,Dist-Jagatsinghpur, Odisha, Pin-754138 declare by this affidavit No-5190 dtd-15.07.2025 that now onwards I shall be known as **Apurba Kumar Das** for all future purposes.

**AFFIDAVIT**

I, Barsa Rani Bal, D/O-Ananda Chandra Bal, Resident of At-Sanakumari, Barattana, Khaira, Dist-Balasore, Pin-756115, Odisha declare by this affidavit No-27, dated-10/07/2025, that now onwards I shall be known as **Barsha Rani Bal** for all future purposes.

**AFFIDAVIT**

**I, Sudhansu Mohapatrta, S/o - Late Adikanda Mohapatra, resident of A/L-16, VSS Nagar, P.O/P.S-Saheed Nagar, Bhubaneswar, Dist-Khordha, Pin-751007 Odisha declare by this affidavit No. 68 dtd-10/07/2025 that now onwards I shall be known as SUDHANSHU MOHAPATRA for all future purposes.**

**AFFIDAVIT**

**I, BIKRAM BEHERA, SON OF PRAFULLA KUMAR BEHERA, RESIDENT OF PLOT NO. 212/3181, NEAR SARATHI GAS, BIDANASI, P.O./P.S.: BIDANASI, CITY/DISTRICT: CUTTACK-753008 DECLARE BY THIS AFFIDAVIT NO. 8086, DATED. 11.07.2025. THAT NOW ONWARDS MY FATHER SHALL BE KNOWN AS PRAFULLA BEHERA FOR ALL FUTURE PURPOSES.**

**AFFIDAVIT**

By virtue of an affidavit sworn before Executive Magistrate, Bhawanipatna, on dated 14 .07 .2025. I, Fakira Chalan, S/o- Late Digbal Chalan, Address at Dewansaheb Pada, near Shree Arabinda Purnanga Shiksha Kendra, Po/Ps- Bhawanipatna, Dist- Kalahandi, Odisha, PIN-766001, Declare that I have changed my name from Fakir Lon to Fakira Chalan. Henceforth, I shall be known as Fakira Chalan for all purposes.

**Sd/- Fakira Chalan**

**LOST**

By virtue of an affidavit in the court of the Magistrate, Cuttack, I Ramesh Chandra Choudhury, S/o – Late Surendra Choudhury, At-Rajendra Nagar, Near Bijaylaxmi Mandap, Po/Ps- Madhupatna, Dist – Cuttack, do hereby solemnly affirms that I am the owner possession of Khata No-736/669, Plot No- 19/3242, Area Ac. 0.045 Dec, Plot No- 19/3243, Area Ac 0.0446 Dec., Plot No-19/3272, Area Ac. 0.025 Dec. Total Area Ac. 0.1146 Dec. of Mouza- Cuttack Town, Unit-29, Chauliaganj, Dist – Cuttack, That the above mention properties having purchased from Pradyumna Kumar Mohapatra, S/o-Late Rabindra Kumar Mohapatra by verifying all the documents i.e. A) Original Regd. Sale deed No- 4111 dt. 17-08-2004, Original ROR vide Khata No-736/354 of Mouza-Cuttack Town Unit 29 Chauliaganj, B) Original Regd. Sale Deed No-3110 dt 10-06-2009, Original ROR vide Khata No-736/353 of Mouza-Cuttack Town Unit 29 Chauliaganj. C) Original Regd. Sale Deed No-4156 dt. 01-07-2013, Original ROR vide Khata No-736/381 of Mouza- Cuttack Town Unit 29 Chauliaganj., I am to state that on 05.05.2025 during shifting from old residential house to my new residential house. The above documents misplaced somewhere and the same could not traced out after thorough search. If some-one got the documents, please be inform me or local police for future course of action.

**Sd/- Ramesh Chandra Choudhry**
**Mobile No- 99377-91588.**



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ଏଏମ୍/ଏନ୍ଏସ୍ ଇଣ୍ଡିଆ ପକ୍ଷରୁ ୪୨ତମ ବାର୍ଷିକ ଧାତୁ ଖଣି ସୁରକ୍ଷା ସପ୍ତାହର ଉଦ୍ଯାପନୀ ଦିବସ

ଭୁବନେଶ୍ୱର (ସବ୍ୟୁ): ଆର୍ସେଲରମିତ୍ତଲ ନିପ୍ପନ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ) ବଡ଼ବିଲରେ ୪୨ତମ ବାର୍ଷିକ ଖଣି (ଧାତୁ) ସୁରକ୍ଷା ସପ୍ତାହର ଉଦଯାପନୀ ଦିବସ ଆୟୋଜନ କରିଛି। ଭୁବନେଶ୍ୱର କ୍ଷେତ୍ରର ଖଣି ସୁରକ୍ଷା ମହାନିର୍ଦ୍ଦେ ଶାଳୟ (ଡିଜିଏମଏ) ର ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖଣି କ୍ଷେତ୍ରରେ ସଚେତନତାର ପ୍ରସାର ଏବଂ ନିରୀକ୍ଷଣ, ସଚେତନତା କାର୍ଯ୍ୟକ୍ରମ ଏବଂ ପ୍ରତିଯୋଗିତା ମାଧ୍ୟମରେ ସୁରକ୍ଷା ମାନଦଣ୍ଡକୁ ପ୍ରୋତ୍ସାହିତ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। "ବିକଶିତ ଖାଦାନ, ବିକଶିତ ଭାରତ" ବିଷୟବସ୍ତୁ ସହିତ ଏହି କାର୍ଯ୍ୟକ୍ରମ ଦୀର୍ଘସ୍ଥାୟୀ ଖନନର ଏକ ଅତ୍ୟାବଶ୍ୟକ ଉପାଦାନ ଭାବରେ ସୁରକ୍ଷା ସଂସ୍କୃତିକୁ ବିକଶିତ କରିବାର ମହତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲା ଏବଂ ନିରନ୍ତର ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା ପାଇଁ ସର୍ବୋତ୍ତମ ପଦକ୍ଷେପଗୁଡ଼ିକୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା।

କାର୍ଯ୍ୟକ୍ରମର ଶେଷ ଦିନ, ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଜୋନ୍ ୧ ର ଖଣି ସୁରକ୍ଷା (ଡିଏମଏସ) ନିର୍ଦ୍ଦେଶକ ଅବନିଶ କୁମାର ମିଶ୍ର ସୁରକ୍ଷା ପତାକା ଉତ୍ତୋଳନ କରିବା ସହ ସୁରକ୍ଷା ବାର୍ତ୍ତା ବହନ କରୁଥିବା ବେଲୁନଗୁଡ଼ିକୁ ଉଡ଼ାଇଥିଲେ। ଏହି ଅବସରରେ ଭୁବନେଶ୍ୱର କ୍ଷେତ୍ର ୨ ର ଡିଏମଏସ ନାସିନା ବାଲାସୁବ୍ରମଣ୍ୟମ, ଡିଜିଏମଏସର




ନିର୍ଦ୍ଦେଶକ ଏବଂ ଉପନିର୍ଦ୍ଦେଶକ, ଏଏମ୍/ଏନ୍ଏସ୍ ଇଣ୍ଡିଆର ଖଣି ଏବଂ ରଣନୈତିକ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଆଲୋକ କୁମାର ମେହେଟା, ଏଏମ୍/ଏନ୍ଏସ୍ ଇଣ୍ଡିଆର ଖଣି ମୁଖ୍ୟ ଶରଣପ୍ପା କାମ୍ବ୍ରାଲି ଏବଂ ଅନ୍ୟାନ୍ୟ ଅଂଶଗ୍ରହଣକାରୀ କମ୍ପାନୀର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନେ ବିଭିନ୍ନ ଖଣି କମ୍ପାନୀ ଦ୍ୱାରା ଲଗାଯାଇଥିବା ପ୍ରଦର୍ଶନୀ ଷ୍ଟଲଗୁଡ଼ିକୁ ଉଦଘାଟନ କରିଥିଲେ ଏବଂ ଏକ ଡିଜିଟାଲ୍ ସ୍ମରଣିକା ମଧ୍ୟ ଉନ୍ମୋଚନ କରାଯାଇଥିଲା।

ଗତ ଗୋଟିଏ ବର୍ଷ ଧରି ବିଭିନ୍ନ ପ୍ରତିଯୋଗିତାରେ ଏଏମ୍/ଏନ୍ଏସ୍ ଇଣ୍ଡିଆ, ଓଏମସି, ସେଲ, ଟାଟା ଷ୍ଟିଲ, ଜେଏସଡବ୍ଲୁ, ଜେଏସପିଏଲ ଏବଂ ବେଦାନ୍ତ ସମେତ ମୋଟ ୧୧୩ଟି ଖଣି ଅଂଶଗ୍ରହଣ କରିଥିଲେ। ଖଣିଗୁଡ଼ିକୁ ସାଧାରଣ କାର୍ଯ୍ୟ, ଯାନ୍ତ୍ରିକ ରକ୍ଷଣାବେକ୍ଷଣ, ବୈଦ୍ୟୁତିକ ରକ୍ଷଣାବେକ୍ଷଣ, ଡ୍ରିଲିଂ, ସୁରକ୍ଷା ଏବଂ ବୈଧାନିକ ଅନୁପାଳନ, ତାଲିମ, ସ୍ୱାସ୍ଥ୍ୟ ଏବଂ ସୁସ୍ଥତା, ଜରୁରୀକାଳୀନ ପ୍ରସ୍ତୁତି, ମକ୍ ଡ୍ରିଲ୍ ଏବଂ ଦୁର୍ଘଟଣା ପରିସଂଖ୍ୟାନ, ନବସୃଜନ ଏବଂ ଡିଜିଟାଲାଇଜେସନ୍, ପ୍ରଚାର ଏବଂ ପ୍ରସାର, ଓ ପ୍ରାଥମିକ ଚିକିତ୍ସା ଭଳି ବର୍ଗରେ ମୂଲ୍ୟାଙ୍କନ କରାଯାଇଥିଲା।

ଏଏମ୍/ଏନ୍ଏସ୍ ଇଣ୍ଡିଆର ଠାକୁରାଣୀ ଖଣି ଯାନ୍ତ୍ରିକ ରକ୍ଷଣାବେକ୍ଷଣ, ତାଲିମ, ସ୍ୱାସ୍ଥ୍ୟ ଏବଂ ସୁସ୍ଥତା, ପ୍ରଚାର ଏବଂ ସମ୍ପ୍ରସାରଣ, ଏବଂ ବୈଦ୍ୟୁତିକ ରକ୍ଷଣାବେକ୍ଷଣରେ ଚାରୋଟି ପୁରସ୍କାରରେ ପୁରସ୍କୃତ ହୋଇଛି । ଏଏମ୍/ଏନ୍ଏସ୍ ଇଣ୍ଡିଆର ସାଗାସାହି ଖଣି ସାଧାରଣ କାର୍ଯ୍ୟ , ନବସୃଜନ ଏବଂ ଡିଜିଟାଲାଇଜେସନ୍, ତାଲିମ, ସ୍ୱାସ୍ଥ୍ୟ ଏବଂ ସୁସ୍ଥତା, ଏବଂ ପ୍ରୋତ୍ସାହନ ଏବଂ ସମ୍ପ୍ରସାରଣରେ ଚାରୋଟି ପୁରସ୍କାର ଜିତିଛି। ଏହା ସହିତ, ସାଗାସାହି ଖଣି ଉଦଯାପନୀ ଦିବସରେ ସୁରକ୍ଷା ପାଇଁ ପ୍ରତିଷ୍ଠିତ ସାମଗ୍ରିକ ପ୍ରଦର୍ଶନ ଏବଂ ଶ୍ରେଷ୍ଠ ଷ୍ଟଲ୍ ପାଇଁ ଦୁଇଟି ପୁରସ୍କାରରେ ପୁରସ୍କୃତ ହୋଇଛି । ଏହି ଅବସରରେ ଅବନିଶ କୁମାର ମିଶ୍ର କହିଛନ୍ତି, "ଖଣି ଶିଳ୍ପ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି। ଏହି ଚ୍ୟାଲେଞ୍ଜଗୁଡ଼ିକର ମୁକାବିଲା କରିବା ପାଇଁ, ଖଣି କାର୍ଯ୍ୟରେ ନିରନ୍ତର ବିକାଶ ଓ ଆଧୁନିକ ପଦ୍ଧତିକୁ ପ୍ରାଥମିକତା ଦେବା ଆବଶ୍ୟକ, ଜାହା ଦୀର୍ଘସ୍ଥାୟୀତ୍ୱକୁ ଏକିକୃତ କରିବ। ଏଥିରେ ଦକ୍ଷତା ବୃଦ୍ଧି ଏବଂ ପରିବେଶଗତ ପ୍ରଭାବ ହ୍ରାସ ଅନ୍ତର୍ଭୁକ୍ତ।"

ଆଲୋକ କୁମାର ମେହେଟା କହିଛନ୍ତି, "ଏଏମ୍/ଏନ୍ଏସ୍ ଇଣ୍ଡିଆରେ, ଆମେ ଏକ ଦୃଢ଼ ସୁରକ୍ଷା ସଂସ୍କୃତି ଗଠନ କରିଛୁ ଯାହା ପାଇଁ ଆମେ ଗର୍ବିତ। ଆମର କାର୍ଯ୍ୟରେ ସାମିଲ ଥିବା ସମସ୍ତଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଆମେ ସର୍ବୋତ୍ତମ ଅଭ୍ୟାସଗୁଡ଼ିକୁ କାର୍ଯ୍ୟକାରୀ କରିଚାଲିଛୁ। ଧନ୍ୟବାଦ ଅର୍ପଣ ଅବସରରେ ଏଏମ୍/ଏନ୍ଏସ୍ ଇଣ୍ଡିଆର ମାନବ ସମ୍ବଳ (ପୂର୍ବ) ମୁଖ୍ୟ ଡକ୍ଟର ଦେବବ୍ରତ ଦାସ କହିଛନ୍ତି, "ଖଣି କ୍ଷେତ୍ରରେ ଏକ ଦୃଢ଼ ସୁରକ୍ଷା ସଂସ୍କୃତି ପ୍ରତିଷ୍ଠା ପାଇଁ ବ୍ୟବସ୍ଥିତ ସୁରକ୍ଷା ପରିଚାଳନା ବ୍ୟବସ୍ଥା ଏବଂ ବ୍ୟାପକ ତାଲିମ କାର୍ଯ୍ୟକାରୀ କରିବା ନିହାତି ଆବଶ୍ୟକ।" ଶ୍ରୀ ଆଲୋକ କୁମାର ମେହେଟା ୨୦୨୫ ମସିହା ବାର୍ଷିକ ଧାତୁ ଖଣି ସୁରକ୍ଷା ସପ୍ତାହ ଆୟୋଜନ ପାଇଁ ଓଏମସିର ଶ୍ରୀ ଅବନୀକାନ୍ତ ପ୍ରଧାନଙ୍କୁ ଖଣି ସୁରକ୍ଷା ପତାକା ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା।



ଭୁବନେଶ୍ୱର ବିମାନ ବନ୍ଦର ଠାରେ ରାଷ୍ଟ୍ରପତିଙ୍କୁ ବିଦାୟ ଜଣାଉଛନ୍ତି ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ ପାତି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

# ୧୬୦ ଆୟୁର୍ବେଦିକ ଚିକିତ୍ସକଙ୍କ ପଦୋନ୍ନତି

ଭୁବନେଶ୍ୱର (ସବ୍ୟୁ): ୧୬୦ ଜଣ ଆୟୁର୍ବେଦିକ ଚିକିତ୍ସକ ମାନଙ୍କର ବରିଷ୍ଠ ଆୟୁର୍ବେଦିକ ଚିକିତ୍ସକ ପଦବୀକୁ ପଦୋନ୍ନତି ହୋଇଛି ବୋଲି ଓଡିଶା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଅଛି । ଏହି ପରିପ୍ରେକ୍ଷୀରେ ସରକାରୀ ଆୟୁର୍ବେଦ ଚିକିତ୍ସକ ସଂଘର ସଭ୍ୟ ଡ଼ଃ . ଚିତ୍ତରଞ୍ଜନ ବେହେରା, ଡ଼ଃ ଅରବିନ୍ଦ କୁମାର ସାହୁ , ଡ଼ଃ ସ୍ମିତି ସୃଜନୀ ମିଶ୍ର, ଡ଼ଃ. ଗାୟତ୍ରୀ ସନ୍ଧିବିଗ୍ରହ , ଡ଼ଃ. ସସ୍ମିତା କୁମାରୀ ଦାସ , ଡ଼ଃ.



ଜିତେନ୍ଦ୍ର କୁମାର ସାମନ୍ତରାୟ, ଡ଼ଃ ମାଧବ ଚନ୍ଦ୍ର ସାମନ୍ତରାୟ ଓ ଡ଼ଃ. ସାରଦା ପ୍ରସନ୍ନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଆୟୁଷ ନିର୍ଦ୍ଦେଶକ ପ୍ରେମଜୀତ ନାୟକ ଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରି ସଂଘ ତରଫରୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ସିଜୁଆ ହନୁମାନ ମନ୍ଦିରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ



ସିଜୁଆ, (ସବ୍ୟୁ): ରବିବାର ଦିନ ଲାୟନ୍ କ୍ଲବ ଓ ମା' ଭୁଆସୁଣୀ ଆଞ୍ଚଳିକ ଉନ୍ନୟନ କମିଟିର ମିଳିତ ସହଯୋଗରେ ସିଜୁଆ ହନୁମାନ ମନ୍ଦିର ନିକଟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । "ଆସନ୍ତୁ ଚାରାଟିଏ ଲଗାଇବା' ବାର୍ତ୍ତା ଦେଇ ସମାଜସେବୀମାନେ ପରିବେଶ ଉପଯୋଗୀ ଗଛ ଲଗାଇଥିଲେ । କ୍ଲବର ସଭାନେତ୍ରୀ ପୂର୍ଣ୍ଣିମା ରାଣୀ ପ୍ରଧାନ, ପୂର୍ବତନ ସଭାପତି ଦୁର୍ଗାମାଧବ ମିଶ୍ର, କିଶୋର ଚନ୍ଦ୍ର କର ପ୍ରମୁଖ ଯୋଗ ଦେଇଥିଲେ । ସଭାପତି ପ୍ରତାପ ଚନ୍ଦ୍ର ସ୍ୱାଇଁ ପ୍ରକାଶ କରିଥିଲେ ଯେ ଯୁଆଡେ ଚାହିଁଲେ କେବଳ କଂକ୍ରିଟ ଜଙ୍ଗଲ ଦେଖିବାକୁ ମିଳୁଛି । ପରିବେଶ ସୁରକ୍ଷା ସହ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରାକୃତିକ ପରିବେଶକୁ ବଞ୍ଚାଇବାକୁ ହେବ । ଆଞ୍ଚଳିକ କମିଟିର ସମ୍ପାଦିକା ଦୀପ୍ତିମୟୀ କର ମତବ୍ୟକ୍ତ କରିଥିଲେ ଯେ ଆମକୁ ଭବିଷ୍ୟତ କଥା ଚିନ୍ତା କରିବାକୁ ପଡ଼ିବ । ଗଛର ଯନି ମା'ର ଯନି । ଆଞ୍ଚଳିକ କମିଟିର ସଭ୍ୟ ପୁଲିନ ବିହାରୀ ଜେନା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । କ୍ଲବର ପୂର୍ବତନ ସଭାପତି ବିଜୟ କେତନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଟାଟା କର୍ମଚାରୀଙ୍କୁ ଓପିଟିସିଏଲର ୨୧ ଦିନିଆ ଶିକ୍ଷା କର୍ମଶାଳା



ଭୁ ବ ନେ ଶ୍ୱ ର , ( ସ ବ୍ୟୁ) :ଓପିଟିସିଏଲର ଚନ୍ଦକା ଠାରେ ଅବସ୍ଥାପିତ ପିଟିସି ପ୍ରଶିକ୍ଷଣ କେନ୍ଦ୍ରରେ ଟାଟାର ଚାରୋଟି ଜୋନର କର୍ମଚାରିଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇ ୨୧ ଦିନିଆ ଏକ ଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜାହା ଦ୍ୱାରା ୬୩ ଜଣ ପୁରୁଣା କମଚାରିଙ୍କୁ ପିଟିସିରେ ସୁପରଭାଇଜର ଶିକ୍ଷାଦିଆଯାଇଥିଲା। ପିଟିସିର ମୁଖ୍ୟ ଇଞ୍ଜିନିୟର ଦିଲ୍ଲୀପ ଜେନା ଏହାର ନେତୃତ୍ୱ ନେଇଥିବା ବେଳେ ଶଶାଙ୍କ କୁମାର ତ୍ରିପାଠୀ ଓ ବହୁ ଶିକ୍ଷାବିତ କର୍ମଚାରିଙ୍କୁ ଶିକ୍ଷା ପ୍ରଦାନ କରିଥିଲେ। ଏଥିପାଇ ଟାଟା ପାଓ୍ୱାର ଏକ ଫିସ ମଧ୍ୟ ଡିପୋଜିଟ କରିଥିଲା। ଉକ୍ତ ଶିକ୍ଷା ଦ୍ୱାରା କର୍ମ ଚାରିକ କାର୍ଯ୍ୟଶୈଳୀରେ ନିଶ୍ଚିତ ପରିବର୍ତ୍ତନ ଆଣିପାରିବ ବୋଲି ଶିକ୍ଷା ନେଉଥିବା ୬୩ ଜଣ କର୍ମଚାରୀ ପ୍ରକାଶ କରିଛନ୍ତି।ଓପିଟିସିଏଲର ଏପରି ଶିକ୍ଷାନୁଷ୍ଠାନକୁ ଭୂୟସି ପ୍ରଶଂସା କରିବା ସହିତ ସମସ୍ତ ଟ୍ରେନର ଓ ଶିକ୍ଷାଦାନ ଦେଉଥିବା ଅଧିକାରିଙ୍କ ଶିକ୍ଷାପଦ୍ଧତି ଛୋଟ ପିଲାଙ୍କୁ ଅ ଆ ଶିକ୍ଷା ଶିଖାଇବାପରି ଓ ସମସ୍ତେ ସ୍ନେହ ବସିଳା ଏପରି ବୁଝାଉଛନ୍ତି ଯେପରି କିଛି ନଜାଣିବା ଲୋକ ଜାଣିପାରିବ। ପରୀକ୍ଷକ ଇଞ୍ଜିନିୟର ଶଂସାକ ତ୍ରିପାଠୀ ଶେଷ ଦିନରେ ପରୀକ୍ଷା କରାଇଛନ୍ତି। ଶେଷରେ ଚାରୋଟିଯାକ ଜୋନର କର୍ମଚାରିମାନେ ନିଜ ନିଜ ଜାଗାକୁ ଫେରିଜିବା ପୂର୍ବ ରୁ ପିଟିସି ଦାୟିତ୍ୱରେ ଥିବା ଇଞ୍ଜିନିୟର ଦିଲ୍ଲୀପ ଜେନାଙ୍କୁ ଏକ ଜଗନ୍ନାଥ କ ଫଟୋ ପ୍ରଦାନ କରିଥିଲେ।

## ରେଳବାଇ ଚାକିରି ଆଳରେ ୫କୋଟିରୁ ଉର୍ଦ୍ଧ୍ୱ ଠକେଇ

# ସ୍ତ୍ରୀ ଗିରଫ, ସ୍ୱାମୀ ଫେରାର୍

ଭୁବନେଶ୍ୱର, (ସବ୍ୟୁ) : ରେଳବାଇରେ ଚାକିରି କରାଇ ଦେବା ଆଳରେ ୪୦ରୁ ଉର୍ଦ୍ଧ୍ୱର୍ ପିଲାଙ୍କ ଠାରୁ ୫କୋଟି ଟଙ୍କା ଠକେଇ କରିଥିବା ଦମ୍ପତିଙ୍କୁ ବ୍ରହ୍ମପୁର ସଦର ଥାନା ଗିରଫ କରିବା ପାଇଁ ଛାନ୍‌ଭିନ୍ କରୁଥିଲା । ସୋମବାର ସନ୍ଧ୍ୟାରେ ଶୁଭଲକ୍ଷ୍ମୀ ରାଉତଙ୍କୁ କଳିଙ୍ଗବିହାର ଅଞ୍ଚଳରୁ ବ୍ରହ୍ମପୁର ପୋଲିସ ଗିରଫ କରିଥିବା ବେଳେ ତାଙ୍କ ସ୍ୱାମୀ ସମରଜିତ ରାଉତ କେଉଁଆଡେ ଫେରାର୍ ହୋଇଯାଇଛନ୍ତି ।

ନିଜକୁ ସମାଜସେବୀ ବୋଲି ଶୁଭଲକ୍ଷ୍ମୀ ପରିଚୟ ଦେଉଥିଲେ । ତାଙ୍କ ନିଜ ଘର ଯାଜପୁର ଜିଲ୍ଲା ବରୀ ରାମଚନ୍ଦ୍ରପୁର ବନ୍ଧପଡାରେ । ପୋଲିସ ତାଙ୍କ ଠାରୁ ଦୁଇଟି ପାସ୍‌ବୁକ୍ ଜବତ କରିଛି । ପୂର୍ବରୁ ଏହି ମାମଲାର ମାଷ୍ଟରମାଇଣ୍ଡ କୁକୁଡାଖଣ୍ଡି ଗ୍ରାମ ଶାନ୍ତିନଗରର ଏ.ବିଘ୍ନେଶ୍ୱର ରାଓ ଦୋରା ଗିରଫ ହୋଇଥିଲା । ୫କୋଟି ଟଙ୍କା ଠକେଇ ମାମଲାରେ ଦୁଇଜଣ ଅଭିଯୁକ୍ତ ଗିରଫ ହୋଇସାରିଲେଣି । ପାଟପୁର ଥାନା ଅନ୍ତର୍ଗତ କଂସାମାରି ଗ୍ରାମର ଏସ୍.କୃଷ୍ଣଚନ୍ଦ୍ର ଦୋରା (୩୨) ଓ ତାଙ୍କର କିଛି ବନ୍ଧୁ ଚାକିରି ସନ୍ଧାନରେ ଥିଲେ । ବିଘ୍ନେଶ୍ୱର ତାଙ୍କୁ ରେଳବାଇରେ ଚାକିରି କରାଇ ଦେବାର ପ୍ରତିଶ୍ରୁତି ଦେଇ ୧୨ଲକ୍ଷ ୫୦ ହଜାର ଟଙ୍କା ଲେଖାଏଁ ଦେବାକୁ ପଡିବ ବୋଲି ତାଙ୍କୁ କହିଥିଲା । କିଛିଦିନ ପରେ ବିଘ୍ନେଶ୍ୱର ଅଭିଯୋଗକାରୀ କୃଷ୍ଣ ଓ ତାଙ୍କ ବନ୍ଧୁମାନଙ୍କୁ ଭୁବନେଶ୍ୱର ଆଣି ସମରଜିତ ରାଉତ ଓ ତାଙ୍କ ସ୍ତ୍ରୀ ଶୁଭଲକ୍ଷ୍ମୀ ରାଉତଙ୍କ ସହ ପରିଚୟ କରାଇଥିଲେ । ବସନ୍ତ ନିଜକୁ ରେଳବାଇରେ ଟିଟିଇ ଭାବେ କାର୍ଯ୍ୟରତ ବୋଲି କହିବା ସହ ବିଭିନ୍ନ ବ୍ୟକ୍ତିଙ୍କ ନିଯୁକ୍ତିପତ୍ର ଦେଖାଇ ସେମାନଙ୍କ ବିଶ୍ୱାସଭାଜନ ହୋଇଥିଲା ।

ପୂର୍ବତଟ ରେଳବାଇ ଜିଏମ୍ ଓ ଅନ୍ୟ ଉଚ୍ଚ ଅଧିକାରୀଙ୍କ ବିଭିନ୍ନ ଫଟୋ ସେମାନଙ୍କୁ ଦେଖାଇଥିଲା । ପରେ ଏହି ଦମ୍ପତି ଭୁବନେଶ୍ୱର ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ କୃଷ୍ଣଙ୍କ ସମେତ ୧୨ଜଣ ଚାକିରି ଆଶାୟୀଙ୍କ ଠାରୁ ୧୨ଲକ୍ଷ ୫୦ ହଜାର ଟଙ୍କା ଲେଖାଏଁ ନେଇଥିଲେ । ଟଙ୍କା ନେବା ପରେ ଡାକ ମାଧ୍ୟମରେ ନିଯୁକ୍ତିପତ୍ର ମଧ୍ୟ ପଠାଇଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ତାହା ନକଲି ବୋଲି ଜଣାପଡିବା ପରେ ବ୍ରହ୍ମପୁର ସଦର ଥାନାରେ ଅଭିଯୋଗ ହୋଇଥିଲା । ବିଘ୍ନେଶ୍ୱରଙ୍କୁ ପୋଲିସ ଗିରଫ କରିବା ପରେ ଶୁଭଲକ୍ଷ୍ମୀ ଓ ତାଙ୍କ ସ୍ୱାମୀଙ୍କୁ ଗିରଫ କରିବା ପାଇଁ ଖୋଜଖବର କରୁଥିଲା । ନିର୍ଦ୍ଦିଷ୍ଟ ସୂଚନା ଆଧାରରେ ବ୍ରହ୍ମପୁର ସଦର ଥାନାର ଏକ ପାଞ୍ଚଜଣିଆ ଟିମ୍ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଛାନ୍‌ଭିନ୍ କରିବା ପରେ ସୋମବାର ସନ୍ଧ୍ୟାରେ କଳିଙ୍ଗବିହାରରୁ ଶୁଭଲକ୍ଷ୍ମୀଙ୍କୁ ଗିରଫ କରିଥିଲା । ଗିରଫ ପରେ ତାଙ୍କୁ ବ୍ରହ୍ମପୁର ନିଆଯାଇଥିବା ସୂଚନା ମିଳିଛି । ଏତଲାକାରୀଙ୍କୁ ମିଶାଇ ଶତାଧିକ ଆଶାୟୀଙ୍କ ଠାରୁ ଏହିପରି ଦମ୍ପତି ୫କୋଟିରୁ ଉର୍ଦ୍ଧ୍ୱର୍ ଟଙ୍କା ଠକିଥିବା ଜଣାପଡିଥିବା ପୋଲିସ କହିଛି ।

# ତନିଷ୍କର ଚନ୍ଦ୍ରଶେଖରପୁର ଷ୍ଟୋର ୧୫ଟି ଗୌରବମୟ ବର୍ଷ ପାଳନ କରୁଛି

ଭୁବନେଶ୍ୱର (ସବ୍ୟୁ): ଭାରତର ସର୍ବବୃହତ ଅଳଙ୍କାର ଖୁଚୁରା ବ୍ରାଣ୍ଡ ତନିଷ୍କ, ଗର୍ବର ସହିତ ଓଡ଼ିଶାର ଚନ୍ଦ୍ରଶେଖରପୁର ଷ୍ଟୋରର ୧୫ତମ ବାର୍ଷିକୀ ପାଳନ କରୁଛି। ଚନ୍ଦ୍ରଶେଖରପୁରରେ ତନିଷ୍କର ଯାତ୍ରା ବ୍ରାଣ୍ଡ ପ୍ରତିନିଧିତ୍ୱ କରୁଥିବା ବିଶ୍ୱାସ, କାରିଗରୀ ଏବଂ କାଳଜୟୀ ସୌନ୍ଦର୍ଯ୍ୟର ଏକ ସତ୍ୟ ପ୍ରତିଫଳନ




ଭାବରେ ଠିଆ ହୋଇଛି, ଯାହା ଏହାର ମୂଲ୍ୟବାନ ଗ୍ରାହକଙ୍କ ନିରନ୍ତର ସମର୍ଥନ ଏବଂ ବିଶ୍ୱସ୍ତତା ଦ୍ୱାରା ସମ୍ଭବ ହୋଇପାରିଛି। ଏହି ଘୋଷଣାର ଏକ ଅଂଶ ଭାବରେ, ବ୍ରାଣ୍ଡ ସୁନା ଅଳଙ୍କାର ଏବଂ ହୀରା ଅଳଙ୍କାରର ମେକିଂ ଚାର୍ଜ ଉପରେ ୨୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ଏବଂ ସୁନା ଅଳଙ୍କାର କ୍ରୟ ଉପରେ ପ୍ରତି ଗ୍ରାମ ପାଇଁ ୧୦୧ ଟଙ୍କା ରିହାତି ପ୍ରଦାନ କରୁଛି। ତନିଷ୍କର ସୁନା ବିନିମୟ କାର୍ଯ୍ୟକ୍ରମର ଏକ ଅଂଶ ଭାବରେ, ମୂଲ୍ୟକୁ ଯୋଡି, ବ୍ରାଣ୍ଡ ଯେକୌଣସି ଅଳଙ୍କାର ବ୍ୟବସାୟୀଙ୍କଠାରୁ ଅଣାଯାଇଥିବା ପୁରୁଣା ସୁନା ଉପରେ ୧୦୦% ବିନିମୟ ମୂଲ୍ୟ ନିଶ୍ଚିତ କରେ, ଯାହା ଏହାର ଗ୍ରାହକମାନଙ୍କ ପାଇଁ ବିଶ୍ୱାସ, ନମନୀୟତା ଏବଂ ସ୍ମାର୍ଟ ସୁନା କ୍ରୟକୁ ସୁଦୃଢ଼ କରିଥାଏ। ଏହି ମାଇଲଖୁଣ୍ଟକୁ ଚିହ୍ନିତ କରିବା ପାଇଁ, ଷ୍ଟୋରଟି ଏକ ସ୍ୱତନ୍ତ୍ର ଉତ୍ସବ ଅଭିଜ୍ଞତା ପ୍ରଦାନ କରୁଛି, ଗ୍ରାହକମାନଙ୍କୁ ଏହାର ଉତ୍କୃଷ୍ଟ ଅଳଙ୍କାର ପରିସର ଆବିଷ୍କାର କରିବାକୁ ଆମନ୍ତ୍ରଣ କରୁଛି। ୧୦,୦୦୦ ବର୍ଗଫୁଟ ପରିସର ମଧ୍ୟରେ ବିସ୍ତାରିତ, ଷ୍ଟୋରଟି ଚମତ୍କାର ସୁନା, ଚମତ୍କାର ହୀରା, କୁନ୍ଦନ ଏବଂ ପୋଲକି ସହିତ ପ୍ରତୀକାତ୍ମକ ତନିଷ୍କ ଡିଜାଇନର ଏକ ବିସ୍ତୃତ ସଂଗ୍ରହ ପ୍ରଦାନ କରେ।

ଉତ୍ସବର ଏକ ଅଂଶ ଭାବରେ, ଷ୍ଟୋରଟି ଗର୍ବର ସହିତ ଏହାର ନୂତନତମ ସଂଗ୍ରହ 'ରେଡିଆନ୍ସ ଇନ୍ ରିଦମ୍' ଉପସ୍ଥାପନ କରେ, ଯେଉଁଥିରେ ଏମର୍ଲ୍ଡ, ସିଟ୍ରିନ୍, ଆକ୍ୱାମାରିନ୍, ସାଭୋରାଇଟ୍, ମାଲାକାଇଟ୍, ତାଞ୍ଜାନାଇଟ୍ ଏବଂ ଆମେଥିଷ୍ଟ ସମେତ ମୂଲ୍ୟବାନ ଏବଂ ଅର୍ଦ୍ଧ-ମୂଲ୍ୟବାନ ରତ୍ନପଥରର ଏକ ସମୃଦ୍ଧ ପରିସର ରହିଛି । ଅଳଙ୍କାର 'ଗ୍ଲାମଡେଜ୍'ର ଏକ ଚମତ୍କାର ଏବଂ ବହୁମୁଖୀ ପରିସର ସହିତ ଏକ ଆଧୁନିକ, ସମସାମୟିକ ଏବଂ ହାଲୁକା ଅଳଙ୍କାର ସଂଗ୍ରହ 'ଷ୍ଟ୍ରିଙ୍ଗ ଇଟ୍' ପ୍ରଦାନ କରେ। ଏହା ବ୍ୟତୀତ, ଷ୍ଟୋରଟି ହିନ୍ଦୁ ବିବାହର ପବିତ୍ର ଉପାଦାନଗୁଡ଼ିକରୁ ଅନୁପ୍ରାଣିତ ମଙ୍ଗଳସୂତ୍ର, 'ଡୋର'ର ଏକ ସ୍ୱତନ୍ତ୍ର ପରିସର ପ୍ରଦାନ କରେ।



ଶିବ ସେନା ମୁଖ୍ୟ ଏକନାଥ ସିନ୍ଧେ ହିନ୍ଦୁ ସମାଜ ସୁରକ୍ଷା ଏବଂ ବାଲା ସାହେବ ଠାକରେଙ୍କ ଆଦର୍ଶରେ ଦଳକୁ ଆଗକୁ ବଢାଇବା ପାଇଁ ପ୍ରବକ୍ତା ତଥା ପ୍ରଭାରୀ ଗୁଲାବ ଚାନ୍ଦ ଦୁବେଙ୍କ ଦ୍ୱାରା ଦଳର ଓଡ଼ିଶାର ରାଜ୍ୟ ସଭାପତି ଭାବେ ରୁଦ୍ର ନାରାୟଣ ଜିତ ବାବୁଙ୍କୁ ନିଯୁକ୍ତି ଦେଇଛନ୍ତି ।

## ବେଦାନ୍ତ ଆଲୁମିନିୟମ ପକ୍ଷରୁ ଝାରସୁଗୁଡାରେ

# ଅତ୍ୟାଧୁନିକ ଡ୍ରାଇଭର କମ୍ପ୍ଲେକ୍ସ ଉଦ୍‌ଘାଟନ

ଭୁବନେଶ୍ୱର (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଝାରସୁଗୁଡାରେ ଏହାର କାର୍ଯ୍ୟ ମଧ୍ୟରେ ଏକ ଅତ୍ୟାଧୁନିକ ଡ୍ରାଇଭର କଲ୍ୟାଣ କମ୍ପ୍ଲେକ୍ସ ଉଦଘାଟନ କରିଛି। ନୂତନ ତାଲିମ, ବିଶ୍ରାମ ଏବଂ ପରିଷ୍କାର ପରିଚ୍ଛନ୍ନତା ସୁବିଧାକୁ ଅନ୍ତର୍ଭୁକ୍ତ କରି, ଏହା ବିଶ୍ୱର ସର୍ବବୃହତ ଆଲୁମିନିୟମ ପ୍ଲାଂଟ ମଧ୍ୟରୁ ଗୋଟିଏରେ ନିର୍ବିଘ୍ନ କାର୍ଯ୍ୟକୁ ସମର୍ଥନ କରୁଥିବା ଏହାର ଅନେକ ଲଜିଷ୍ଟିକ୍ସ ଅଂଶୀଦାରଙ୍କ କାର୍ଯ୍ୟକ୍ଷମ ଉତ୍କର୍ଷତା, ସୁରକ୍ଷା ଏବଂ କଲ୍ୟାଣ ଉପରେ କମ୍ପାନୀର ଧ୍ୟାନକୁ ପ୍ରତିଫଳିତ କରେ। ନୂତନ ଭାବରେ ବିକଶିତ ଏହି କମ୍ପ୍ଲେକ୍ସ ଏକ ଚିନ୍ତାଶୀଳ ଭାବରେ ଡିଜାଇନ୍ କରାଯାଇଥିବା ସ୍ଥାନ ଯାହା ଡ୍ରାଇଭରମାନଙ୍କ ପାଇଁ ଆରାମ ଏବଂ ସାମଗ୍ରିକ କାର୍ଯ୍ୟ ପରିବେଶକୁ ବୃଦ୍ଧି କରିବା ଲକ୍ଷ୍ୟ ରଖିଛି। ଏଥିରେ ଏକ ଉତ୍ସର୍ଗୀକୃତ ଡ୍ରାଇଭର ପରିଚାଳନା କେନ୍ଦ୍ର ରହିଛି, ଯାହା ଡ୍ରାଇଭରମାନଙ୍କ ପାଇଁ ନିୟମିତ ତାଲିମ ଏବଂ ଦକ୍ଷତା ବୃଦ୍ଧି ଅଧିବେଶନ ଆୟୋଜନ କରିବ। ଏହି ସୁବିଧାରେ ବିଶ୍ରାମ ସ୍ଥାନ ମଧ୍ୟ ଅନ୍ତର୍ଭୁକ୍ତ ଅଛି ଯାହା ଦୀର୍ଘ ଅପେକ୍ଷା ସମୟରେ ୮୦ ଜଣ ଡ୍ରାଇଭରଙ୍କୁ ରଖିପାରିବ, ଏବଂ ଏକ କ୍ୟାଂଟିନ୍ ମଧ୍ୟ ଅନ୍ତର୍ଭୁକ୍ତ ଯାହା ଏକ ସମୟରେ ୪୨ ଜଣ ଲୋକଙ୍କୁ ସେବା ଯୋଗାଇ ପାରିବ। ମୁଖ୍ୟ ଟ୍ରକ୍ ପାର୍କିଂ ଅଂଚଳରେ ସ୍ୱଚ୍ଛ ପାନୀୟ ଜଳ ଷ୍ଟେସନ ଏବଂ ଏକ ନବନିର୍ମିତ ୱାଶରୁମ୍







ସୁବିଧା ମଧ୍ୟ ଅତ୍ୟାବଶ୍ୟକୀୟ ପରିଷ୍କାର ପରିଚ୍ଛନ୍ନତା ଏବଂ ପରିମଳ ସେବାର ପ୍ରବେଶ ସୁନିଶ୍ଚିତ କରିଛି।

ବେଦାନ୍ତ ଝାରସୁଗୁଡାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ ଶ୍ରୀ ସୁନୀଲ ଗୁପ୍ତା ତାଙ୍କ ମତାମତ ପ୍ରକାଶ କରି କହିଛନ୍ତି, "ଆମର କାର୍ଯ୍ୟରେ ଏକ ବ୍ୟାପକ, ବହୁ-ମୋଡାଲ୍ ଲଜିଷ୍ଟିକ୍ସ ନେଟୱାର୍କ ରହିଛି ଯାହା ଅତ୍ୟାବଶ୍ୟକୀୟ ସାମଗ୍ରୀ ସଂଗ୍ରହ ଏବଂ ଭାରତ ଏବଂ ବିଶ୍ୱର ବିଭିନ୍ନ ଅଂଶକୁ ଆମର ବିଶ୍ୱସ୍ତରୀୟ ଉତ୍ପାଦ ପଠାଇବା ପାଇଁ ଗୁରୁତ୍ୱପୂର୍ଣ୍ଣ। ଆମର ଡ୍ରାଇଭରମାନେ ଏହି ବ୍ୟବସ୍ଥାର ଏକ ଅବିଚ୍ଛେଦ୍ୟ ଅଂଶ ଏବଂ ଆମର କାର୍ଯ୍ୟର ସୁଗମ କାର୍ଯ୍ୟକୁ ସକ୍ଷମ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ଏହି ସୁବିଧା ସେମାନଙ୍କୁ ଏକ ସ୍ୱଚ୍ଛ, ନିରାପଦ ଏବଂ ସମ୍ମାନଜନକ ପରିବେଶ ପ୍ରଦାନ କରିବା ପାଇଁ ବିକଶିତ କରାଯାଇଛି ଯାହା ସେମାନଙ୍କ ଆରାମ ଏବଂ କଲ୍ୟାଣକୁ ସମର୍ଥନ କରେ।" ନୂତନ ସୁବିଧା ବିଷୟରେ ନିଜର ମତାମତ ଦେଇ, ବେଦାନ୍ତ ଆଲୁମିନିୟମ ସହିତ ଜଡିତ ଡ୍ରାଇଭର ବଳରାମ ସାହୁ କହିଛନ୍ତି, "ବେଦାନ୍ତ ସର୍ବଦା ଆମର ଆବଶ୍ୟକତାଗୁଡ଼ିକର ଯତ୍ନ ନେଇଛି ଏବଂ ଏକ ପରିବେଶ ନିର୍ମାଣ କରିଛି ଯାହା ଆମକୁ ଆମର ସର୍ବୋତମ ପ୍ରୟାସ ପ୍ରଦାନ କରିବାକୁ ସକ୍ଷମ କରିଥାଏ। ଏହି ନୂତନ ସୁବିଧା ଆରାମଦାୟକ ଏବଂ ଭଲ ଭାବରେ ଡିଜାଇନ୍ କରାଯାଇଛି ଏବଂ ଆମର କାର୍ଯ୍ୟଦିବସକୁ ସହଜ କରିବା ପାଇଁ ପ୍ରସ୍ତୁତ। ଆମେ ଏହି ନୂତନ ସୁବିଧାଗୁଡ଼ିକୁ ପ୍ରଶଂସା କରୁଛୁ ଏବଂ ସ୍ୱାଗତ କରୁଛୁ।" ଏହି ପଦକ୍ଷେପ ହେଉଛି ବେଦାନ୍ତ ଆଲୁମିନିୟମର ଏକ ବ୍ୟାପକ ପଦକ୍ଷେପର ଅଂଶ ଯାହାର ଲକ୍ଷ୍ୟ ହେଉଛି ସଡ଼କ ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ଲଜିଷ୍ଟିକ୍ସ ଇକୋସିଷ୍ଟମକୁ ସମର୍ଥନ କରିବା। ବେଦାନ୍ତ ଆଲୁମିନିୟମ ବିଶ୍ୱସ୍ତରୀୟ ଭିତିଭୂମି ନିର୍ମାଣରେ ନିବେଶ କରିଆସୁଛି ଏବଂ ଏକ ଅନ୍ତର୍ଭୁକ୍ତ ଇକୋସିଷ୍ଟମକୁ ପ୍ରୋତ୍ସାହିତ କରୁଛି ଯାହା ଏହାର ସମସ୍ତ ଅଂଶୀଦାରଙ୍କ କଲ୍ୟାଣକୁ ସମର୍ଥନ କରେ। ଝାରସୁଗୁଡାରେ ନୂତନ ଡ୍ରାଇଭର କଲ୍ୟାଣ କମ୍ପ୍ଲେକ୍ସର ଉଦଘାଟନ ଏହି ଦିଗରେ ଆଉ ଏକ ପଦକ୍ଷେପ, ଯାହା ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

### ସାଂଘାଇ ସହଯୋଗ ବୈଠକ

# ପାକିସ୍ତାନକୁ ଗାଳିଦେଲେ ଜୟଶଙ୍କର

ତିଆନଜିନ: ମଙ୍ଗଳବାର ଚୀନର ତିଆନଜିନରେ ସାଂଘାଇ ସହଯୋଗ ସଂଗଠନ ବୈଦେଶିକ ମନ୍ତ୍ରୀମାନଙ୍କ ବୈଠକରେ ଭାରତର ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଜମ୍ମୁ ଏବଂ କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପ୍ରସଙ୍ଗ ଉଠାଇଛନ୍ତି । ସେ କହିଛନ୍ତି ଯେ ଏପ୍ରିଲ ୨୨ରେ ହୋଇଥିବା ଆକ୍ରମଣ, ଯେଉଁଥିରେ ୨୬ ନିରୀହ ଲୋକ ପ୍ରାଣ ହରାଇଥିଲେ, ଜାମ୍ମୁ ଏବଂ କାଶ୍ମୀରର ପର୍ଯ୍ୟଟନ ଅର୍ଥନୀତିକୁ କ୍ଷତି ପହଞ୍ଚାଇବା ଏବଂ ଧାର୍ମିକ ବିଭାଜନ କରିବା ଉଦ୍ଦେଶ୍ୟରେ କରାଯାଇଥିଲା । ଜୟଶଙ୍କର ସ୍ପଷ୍ଟ ଭାବରେ କହିଛନ୍ତି ଯେ ଆତଙ୍କବାଦ, ବିଚ୍ଛିନ୍ନତାବାଦ ଏବଂ ଉଗ୍ରବାଦ ବିରୁଦ୍ଧରେ ଲଢ଼ିବା ପାଇଁ ଏସସିଓ ପ୍ରତିଷ୍ଠିତ ହୋଇଥିଲା ଏବଂ ଏହି ଉଦ୍ଦେଶ୍ୟ ପ୍ରତି ସତ୍ୟ ରହିବା ପାଇଁ, ଏହି ବିପଦ ବିରୁଦ୍ଧରେ ଏକ ଅସାଧୁ ନୀତି ଆବଶ୍ୟକ । ସେ କହିଛନ୍ତି ଯେ ଜାତିସଂଘ ସୁରକ୍ଷା ପରିଷଦ, ଯେଉଁଥିରେ କିଛି ଏସସିଓ ସଦସ୍ୟ ଦେଶ ମଧ୍ୟ ଅନ୍ତର୍ଭୁକ୍ତ, ଏହି ଆକ୍ରମଣକୁ ଦୃଢ଼ ନିନ୍ଦା କରିଛି ଏବଂ ଦୋଷୀ, ପ୍ରାୟୋଜକ ଏବଂ ଆର୍ଥିକ ସହାୟତା ପ୍ରଦାନକାରୀଙ୍କୁ ଦଣ୍ଡ ଦେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛି । ଜୟଶଙ୍କର କହିଛନ୍ତି ଯେ ଆମେ ଏପରି ଏକ ସମୟରେ ବୈଠକ କରୁଛୁ



ଯେତେବେଳେ ବିଶ୍ୱରେ ଅସ୍ଥିରତା, ସଂଘର୍ଷ ଏବଂ ଆର୍ଥିକ ସଙ୍କଟ ବୃଦ୍ଧି ପାଉଛି । ଏହି ସମୟରେ, କେବଳ ଆଞ୍ଚଳିକ ସହଯୋଗ ଏବଂ ପାରସ୍ପରିକ ବିଶ୍ୱାସ ମାଧ୍ୟମରେ ବିଶ୍ୱ ବ୍ୟବସ୍ଥାକୁ ସ୍ଥିର କରାଯାଇପାରିବ ।

# ଘୁଞ୍ଚିଲା କେରଳୀ ନର୍ସଙ୍କ ଫାଶୀଦଣ୍ଡ

ନୂଆଦିଲ୍ଲୀ: ମିଳିଲା ନୂଆ ଜୀବନଛ ମୃତ୍ୟୁର ଅତି ପାଖକୁ ଯାଇ ଫେରିଲେ କେରଳର ନର୍ସ ନିମିଶା ପ୍ରିୟା । ଆଜି ତାଙ୍କୁ ଫାଶୀ ଦିଆଯିବାର ଥିଲା । ହେଲେ ବର୍ତ୍ତମାନ ଫାଶୀଦଣ୍ଡକୁ ପାଇଁ ସ୍ଥଗିତ ରଖାଯାଇଛି । ଭାରତ ସରକାର ନିମିଶା ପ୍ରିୟାକୁ ଫାଶୀରୁ ରକ୍ଷା କରିବା ପାଇଁ ଯଥାସମ୍ଭବ ଚେଷ୍ଟା କରୁଥିଲେ । କୁହାଯାଉଥିଲା ଯେ, ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ତାଙ୍କୁ ବଞ୍ଚାଇବା କଷ୍ଟକର । କିନ୍ତୁ ଏବେ ଖବର ଆସିଛି ଯେ ତାଙ୍କ ଫାଶୀକୁ



ସ୍ଥଗିତ ରଖାଯାଇଛି ।ନିମିଶାଙ୍କ ଓକିଲ କହିଛନ୍ତି ଯେ, ୟେମେନି କର୍ତ୍ତୃପକ୍ଷ ଶେଷ ମୁହୂର୍ତ୍ତରେ ଏହି ନିଷ୍ପତ୍ତିକୁ ସ୍ଥଗିତ ରଖିଛନ୍ତ । ଭାରତ ସରକାରଙ୍କ ଅନୁରୋଧ ସହ ନିମିଶାଙ୍କ ମା'ଙ୍କ ନିବେଦନ ପରେ ଏହି ନିଷ୍ପତ୍ତି ନିଆଯାଇଛି । ତେବେ ଏହି ଘଟଣାରେ ଆଗକୁ ନିମିଶାଙ୍କୁ ଫାଶୀଦଣ୍ଡ ମିଳିବ ନା ଆଜୀବନ କାରାଦଣ୍ଡ ଦିଆଯିବ ତାହା ସ୍ପଷ୍ଟ ହେବ ।ଉଲ୍ଲେଖଯୋଗ୍ୟ, ୟେମେନରେ ରହୁଥିବା ଜଣେ ଭାରତୀୟ ନର୍ସ ଟଙ୍କା ରୋଜଗାର ପାଇଁ ସେଠାକୁ ଯାଇଥିଲେ ।ଟଙ୍କା ରୋଜଗାର କରି ସେ ନିଜ ପରିବାରର ଦାୟିତ୍ୱ ନେବେ ଓ ନିଜର ଏକ କ୍ଲିନିକ ଖୋଲିବେ ବୋଲି ଭାବିଥିଲେ । ହେଲେ କିଛି ବର୍ଷ ମଧ୍ୟରେ ତାଙ୍କର ସବୁ ସ୍ୱପ୍ନ ଭାଙ୍ଗି ଚୁରମାର ହୋଇଯାଇଥିଲା । ନର୍ସ ପରିବର୍ତ୍ତେ ସେ ବନିଯାଇଥିଲେ କଏଦୀ ।୨୦୧୭ରେ ୟେମେନ ନାଗରିକ ତଲଲ ଅବଦୋ ମହଦିଙ୍କ ହତ୍ୟା ମାମଲାରେ ନର୍ସ ନିମିଶା ପ୍ରିୟା ଦୋଷୀ ସାବ୍ୟସ୍ତ ହୋଇଥିଲେ । ଏକ ବର୍ଷ ପରେ ତାଙ୍କୁ ୟେମେନର ଏକ ଟ୍ରାଏଲ କୋର୍ଟ ଦ୍ୱାରା ମୃତ୍ୟୁଦଣ୍ଡ ଦିଆଯାଇଥିଲା । ସେହି ଦିନଠାରୁ ନର୍ସଙ୍କ ପରିବାର ଝିଅକୁ ମୁକ୍ତ କରିବା ପାଇଁ ସଂଗ୍ରାମ କରିଆସୁଛନ୍ତି । ଟ୍ରାଏଲ କୋର୍ଟର ଆଦେଶ ବିରୋଧରେ ନର୍ସଙ୍କ ପରିବାର ୟେମେନର ସୁପ୍ରିମକୋର୍ଟଙ୍କ ନିକଟକୁ ମଧ୍ୟ ଯାଇଥିଲେ । କିନ୍ତୁ ୨୦୨୩ ମସିହାରେ ତାଙ୍କ ଆବେଦନ ଖାରଜ କରାଯାଇଥିଲା । ଏହା ପରେ ୟେମେନର ରାଷ୍ଟ୍ରପତି ୨୦୨୪ରେ ମଧ୍ୟ ନର୍ସଙ୍କ ପରିବାର ଆବେଦନକୁ ଖାରଜ କରି ମୃତ୍ୟୁଦଣ୍ଡକୁ ଅନୁମୋଦନ ଦେଇଥିଲେ । ନର୍ସଙ୍କ ମୁକ୍ତି ତଲଲ ଅବଦୋ ମହଦିଙ୍କ ପରିବାର ଏବଂ ତାଙ୍କ ଆଦିବାସୀ ନେତାଙ୍କ କ୍ଷମା ଉପରେ ନିର୍ଭରଶୀଳ ଥିଲା । ସେମାନେ କ୍ଷମା ନଦେବାରୁ ନର୍ସଙ୍କ ମୃତ୍ୟୁଦଣ୍ଡକୁ ଗ୍ରହଣ କରାଯାଇଥିଲା ।

# ପାଚେରି ଡେଇଁଲେ ଓମାର ଅବଦୁଲ୍ଲା



ନୂଆଦିଲ୍ଲୀ : ଜମ୍ମୁ କାଶ୍ମୀରର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ସୋମବାର ଶ୍ରୀନଗର ନେହଟ୍ଟା ଅଞ୍ଚଳରେ ସହିଦମାନଙ୍କର ସମାଧିସ୍ଥଳକୁ ଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବାପାଇଁ ଏକ ପାଚେରି ଡେଇଁଛନ୍ତିଛ ମୁଖ୍ୟମନ୍ତ୍ରୀଙ୍କୁ କର୍ତ୍ତୃପକ୍ଷମାନେ ଅଟକାଇବାରୁ ସେ ପାଚେରୀ ଡେଇଁଛନ୍ତିଛ ଉକ୍ତ ସ୍ଥଳକୁ ଗମନାଗମନ ଉପରେ କଟକଣା ଲାଗିଥିଲା ଏବଂ ପୁଲିସ ଉକ୍ତ ସ୍ଥାନକୁ କାହାକୁ ଛାଡୁ ନଥିବାବେଳେ ଅବଦୁଲ୍ଲା କ୍ୟାବିନେଟ୍ ମନ୍ତ୍ରୀ ଏବଂ ଦଳୀୟ ନେତାମାନଙ୍କ ସହଯୋଗରେ ଉକ୍ତ ସ୍ଥାନକୁ ଯାଇଥିଲେଛ ଅବଦୁଲ୍ଲା ସମାଧିସ୍ଥଳରେ ପହଞ୍ଚିବାପାଇଁ ନକଶବନ୍ଦ ସାହେବ ଦରଘା ଗେଟ୍ ଡେଉଁଥିବାର ଭିଡିଓ ସାମ୍ନାକୁ ଆସିଛିଛ ଏହାପରେ ଏକ୍ସରେ ଏକ ପୋଷ୍ଟ୍ କରି ଅବଦୁଲ୍ଲା କହିଛନ୍ତି, "୧୯୩୧ ଜୁଲାଇ ୧୩ ସହିଦଙ୍କ ସମାଧିସ୍ଥଳରେ ସମ୍ମାନ ଜ୍ଞାପନ କଲିଛ ଅଣନିର୍ବାଚିତ ସରକାର ନେହଟ୍ଟା ଚେକ ନିକଟରେ ମୋ ରାସ୍ତା ବନ୍ଦ କରିବାପାଇଁ ଚେଷ୍ଟା କରିଥିଲେଛ ସେମାନେ ନକଶବନ୍ଦ ସ୍ଥଳ ଗେଟ୍ ବନ୍ଦ କରିଦେଲେଛ ଫଳରେ ମେତ ପାଚେରି ଡେଇଁବାକୁ ପଡ଼ିଲା ବୋଲି ଅବଦୁଲ୍ଲା ପୋଷ୍ଟ୍ କରି କହିଛନ୍ତିଛ ତାଙ୍କୁ ସେଠାରେ ଠେଲାପେଲା କରାଯାଇଥିବା ସେ ଅଭିଯୋଗ କରିଛନ୍ତି ।

# ଶୁଭାଂଶୁଙ୍କ ବାପା- ମା'ଙ୍କ ଆଖିରେ ଆନନ୍ଦର ଅଶ୍ରୁ

ନୂଆଦିଲ୍ଲୀ: ସ୍ପେସ୍‌ଏକ୍ସର ଡ୍ରାଗନ୍ ମହାକାଶଯାନ ଚାରି ଜଣ ମହାକାଶଚାରୀଙ୍କୁ ନେଇ ଆମେରିକାର କାଲିଫର୍ନିଆ ରାଜ୍ୟ ସାନ ଡିଏଗୋ ଉପକୂଳ ନିକଟରେ ପ୍ରଶାନ୍ତ ମହାସାଗରରେ ଅବତରଣ କରିଛି ।ପୃଥିବୀକୁ ସୁରକ୍ଷିତ ଭାବେ ଫେରି ଆସିଛନ୍ତି ଭାରତର ସୁନାପୁଅ ଶୁଭାଂଶୁ ଶୁକ୍ଲା ।ଏହି ଐତିହାସିକ ମିଶନ ପରେ ଦେଶରେ ଉତ୍ସାହର ବାତାବରଣ ଦେଖିବାକୁ ମିଳୁଛି । ଏଭଳି ଖୁସିର ସମୟରେ ଶୁଭାଂଶୁଙ୍କ ମା' ଆଶା ଶୁକ୍ଲା ଓ ବାପା ସମ୍ଭୁ ଦୟାଲ ଶୁକ୍ଲା କହିଛନ୍ତି, "ପୁଅ ଆମର ମିଶନ ପୂରା କରି ଫେରି ଆସିଛି । ଆଖିରେ ଲୁହ ଆସିବା ସ୍ୱାଭାବିକ କଥା । ସେ ଯିବା ଦିନଠାରୁ ମନରେମନରେ ଭଗବାନଙ୍କୁ ପ୍ରାର୍ଥନା କରୁଥିଲୁ କି ସେ କେମିତି ସୁରକ୍ଷିତ ଭାବେ ଫେରି ଆସୁ । ଏବେ ସମସ୍ତ ପ୍ରକାର ଭୟ ଉପରେ ପୂର୍ଣ୍ଣଚ୍ଛେଦ ପଡ଼ିଯାଇଛ । ତେଣୁ ଆପ ଣାଛାଏଁ ଆଖିରୁ ଲୁହ ଝରି ପଡୁଛି । ପୁଅକୁ ଆଶୀର୍ବାଦ କରିଥିବାରୁ ଆପଣମାନଙ୍କୁ ଅନେକ ଅନେକ ଧନ୍ୟବାଦ ।'



## ଅଭିନନ୍ଦନ ଜଣାଇଲେ ମୋଦୀ



.ନୂଆଦିଲ୍ଲୀ: ଐତିହାସିକ ମହାକାଶ ମିସନରୁ ପୃଥିବୀକୁ ପ୍ରତ୍ୟାବର୍ତ୍ତନ ପରେ ଗ୍ରୁପ୍ କ୍ୟାପେଟନ୍ ଶୁଭାଂଶୁ ଶୁକ୍ଲାଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଭିନନ୍ଦନ ଜଣାଇଛନ୍ତି ।ସୋସିଆଲ ମିଡିଆ ଏକ୍ସରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତର ପ୍ରଥମ ମହାକାଶଚାରୀ ରୂପେ ଆଇଏସଏସକୁ ଯାତ୍ରା କରିଥିବା ଗ୍ରୁପ୍ କ୍ୟାପେଟନ୍ ଶୁକ୍ଲାଙ୍କ ସଫଳତା ଦେଶର ମହାକାଶ ଅନ୍ୱେଷଣ ଯାତ୍ରାରେ ଏକ ନିର୍ଣ୍ଣାୟକ ମୁହୂର୍ତ୍ତ । ଗ୍ରୁପ୍ କ୍ୟାପେଟନ୍ ଶୁଭାଂଶୁ ଶୁକ୍ଲା ଐତିହାସିକ ମହାକାଶ ମିସନରୁ ପୃଥିବୀକୁ ଫେରିବା ପରେ ସାରା ଦେଶବାସୀଙ୍କ ସହ ମୁଁ ତାଙ୍କୁ ଅଭିନନ୍ଦନ ଜଣାଉଛି । ଭାରତର ପ୍ରଥମ ମହାକାଶଚାରୀ ଭାବେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରକୁ ଯାତ୍ରା କରି ସେ ନିଜର ସମର୍ପଣ, ସାହସ ଏବଂ ଅଗ୍ରଣୀ ମନୋଭାବ ଦ୍ୱାରା କୋଟି କୋଟି ଲୋକଙ୍କ ସ୍ୱପ୍ନକୁ ଅନୁପ୍ରାଣିତ କରିଛନ୍ତି । ଆମର ନିଜସ୍ୱ ମାନବ ମହାକାଶ ଯାନ ଅଭିଯାନ- ଗଗନୟାନ ଦିଗରେ ଏହା ଆଉ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ।

# ୟୁକ୍ରେନକୁ ପାଟ୍ରିଅଟ୍ ପଠାଇବ ଆମେରିକା

ୱାସିଂଟନ୍ : ୟୁକ୍ରେନର ଯୁଦ୍ଧ ଜାରି ରଖିଥିବାରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଜି ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଉପରେ ପ୍ରବଳ ଅସନ୍ତୋଷ ଝାଡ଼ିଛନ୍ତିଛ ଟ୍ରମ୍ପ୍‌ୟୁକ୍ରେନକୁ ପାଟ୍ରିଅଟ୍ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ବା କ୍ଷେପଣାସ୍ତ୍ର ପଠାଇବେ ବୋଲି ଘୋଷଣା କରିଛନ୍ତି । ମ୍ୟାରିଲାଣ୍ଡରେ ସାମ୍ବାଦିକମାନଙ୍କୁ ସୂଚନା ଦେଇ ଟ୍ରମ୍ପ କହିଛନ୍ତି,ୟୁକ୍ରେନ ପାଇଁ ଅତ୍ୟନ୍ତ ଆବଶ୍ୟକ ଥିବା ପାଟ୍ରିଅଟ କ୍ଷେପଣାସ୍ତ୍ର ଆମେ ପଠାଇବୁଛ ଏହି ଅବସରରେ ଟ୍ରମ୍ପ କହିଛନ୍ତି, ପୁଟିନ ବାସ୍ତବରେ ଅନେକ ଲୋକଙ୍କୁ ଆଶ୍ଚର୍ଯ୍ୟ କରିଦିଅନ୍ତି । ସେ ଭଲ କଥା କୁହନ୍ତି କିନ୍ତୁ ପରେ ସେ ସନ୍ଧ୍ୟାରେ ସମସ୍ତଙ୍କ ଉପରେ ବୋମା ବର୍ଷା କରନ୍ତି । ତେଣୁ ସେଠାରେ କିଛି ସମସ୍ୟା ଅଛି ଯାହାକୁ ମୁଁ ପସନ୍ଦ କରେନାହିଁଛ ଟ୍ରମ୍ପ କହିଛନ୍ତି,ୟୁକ୍ରେନକୁ ସେ କେତେ ସଂଖ୍ୟକ ପାଟ୍ରିଅଟ୍ କ୍ଷେପଣାସ୍ତ୍ର ପଠାଇବେ ସେ ନିଷ୍ପତ୍ତି ନେଇନାହାନ୍ତି କିନ୍ତୁ ସେମାନଙ୍କର ସୁରକ୍ଷା ଆବଶ୍ୟକ ଥିବାରୁ ପାଟ୍ରିଅଟ୍ କ୍ଷେପଣାସ୍ତ୍ର ପଠାଯିବ । ଏ ବାବଦ ଅର୍ଥୟୁରୋପୀୟ ସଂଘ ପଇଠ କରିବ ବୋଲି ସୂଚନା ଦେଇଛନ୍ତି । ଟ୍ରମ୍ପ୍ ଗତ ସପ୍ତାହରେ କହିଥିଲେ ଯେ ତାଙ୍କ ପ୍ରଶାସନୟୁରୋପରେ ନାଟୋ ସହଯୋଗୀଙ୍କୁ ଅସ୍ତ୍ର ବିକ୍ରି ପାଇଁ ନିଷ୍ପତ୍ତି ନେଇଛି ଯାହା କି ପରେ କିଭକୁ ପଠାଯାଇପାରିବ । ଏଭଳି ସ୍ଥିତିରେ ୟୁକ୍ରେନ ରାଷ୍ଟ୍ରପତି ଭୋଲଡିର୍ମି ଜେଲେନସ୍କି କହିଛନ୍ତି ଯେ ଅସ୍ତ୍ରଶସ୍ତ୍ର ଉତ୍ପାଦନ ବୃଦ୍ଧି ଓ କ୍ରୟ ସଂପର୍କରେ ସେ ଟ୍ରମ୍ପଙ୍କ ସ୍ୱତନ୍ତ୍ର ପ୍ରତିନିଧି କିଥ୍ କେଲଗ୍‌ଙ୍କ ସହିତ କଥା ହୋଇଛନ୍ତି ।



# ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କୁ ଅଧିକ କ୍ଷମତା

ନୂଆଦିଲ୍ଲୀ:ବିଜେପି ନିଜର ନୂତନ ରାଷ୍ଟ୍ରୀୟ ଅଧ୍ୟକ୍ଷ ଖୋଜୁଛି । ବର୍ତ୍ତମାନର ସଭାପତି ଜେପି ନଡ୍ଡାଙ୍କ କାର୍ଯ୍ୟକାଳ ଜୁନ୍ ୨୦୨୪ ରେ ଶେଷ ହୋଇଥିଲା । ଗଣମାଧ୍ୟମରେ ଅନେକ ନାମ ବିଷୟରେ କଳ୍ପନାଜଳ୍ପନା ଚାଲିଛି । କିନ୍ତୁ ନାମ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ । ପ୍ରଥାନୁସାରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ତାଙ୍କର ପାଞ୍ଚ-ଦେଶ ଗସ୍ତରୁ ଫେରିଛନ୍ତି, ତେଣୁ ଏହା ଅନୁମାନ କରାଯାଉଛି ଯେ ନୂତନ ବିଜେପିରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ନାମ ଖୁବ୍ ଶୀଘ୍ର ଚୂଡ଼ାନ୍ତ କରାଯାଇପାରେ । ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ପରବର୍ତ୍ତୀ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ପଦ ପାଇଁ ନାମ ଆଲୋଚନା ମଧ୍ୟରେ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ) ପକ୍ଷରୁ ନାଗପୁରରୁ ଏକ ସ୍ପଷ୍ଟ ବାର୍ତ୍ତା ଆସିଛି ଯେ,







ବିଜେପିର ପରବର୍ତ୍ତୀ ରାଷ୍ଟ୍ରୀୟ ଅଧ୍ୟକ୍ଷ କେବଳ ଜଣେ ରଣନୀତିଜ୍ଞ ହେବା ଉଚିତ ନୁହେଁ ବରଂ ଆଦର୍ଶଗତ ଭାବରେ ଦୃଢ଼ ଏବଂ ସଂଗଠନ ସହିତ ଗଭୀର ଭାବରେ ଜଡିତ ହେବା ଜରୁରୀ ।ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଆରଏସଏସ ଚାହୁଁଛି ଯେ, ପରବର୍ତ୍ତୀ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଯୁବକ ଏବଂ ତୃଣମୂଳ ସ୍ତରର ହୁଅନ୍ତୁ । ସେ ସିଧାସଳଖ ଶାଖା, ପ୍ରଚାରକ ଏବଂ ବୁଥ୍ ସ୍ତରୀୟ କର୍ମୀଙ୍କ ସହ ଜଡିତ ହୋଇଥିବା ଉଚିତ । ତାଙ୍କର ବୈଚାରିକ ସ୍ପଷ୍ଟତା ରହିବା ଉଚିତ । ସମାନ ନାଗରିକ ସଂହିତା (ୟୁସିସି), ଜନସଂଖ୍ୟା ନିୟନ୍ତ୍ରଣ, ଶିକ୍ଷା ଏବଂ ସାଂସ୍କୃତିକ ଜାତୀୟତାବାଦ ଭଳି ପ୍ରସଙ୍ଗରେ ତାଙ୍କର ସ୍ପଷ୍ଟ ଚିନ୍ତାଧାରା ରହିବା ଜରୁରୀ । ଆରଏସଏସର ଚିନ୍ତା ହେଉଛି ଯେ, ବିଜୟ ପାଇଁ ଚେଷ୍ଟା କରୁଥିବା ବିଜେପି ଅନେକ ଲୋକଙ୍କୁ ଦଳରେ ସାମିଲ କରୁଛି । ସେମାନଙ୍କୁ ଦଳରେ ବିରୋଧ କରାଯାଉଛି । ବାହାର ନେତା ଯେଉଁମାନେ ଅନ୍ୟ ଦଳରୁ ଆସିଛନ୍ତି ଏବଂ ଟେକ୍ନୋକ୍ରାଟଙ୍କ ପ୍ରଭାବ ଦଳରେ ବୃଦ୍ଧି ପାଉଛି, ଯାହାକୁ ଆରଏସଏସ ପସନ୍ଦ କରୁ ନାହ । ଆରଏସଏସ ଏବଂ ବିଜେପି ମଧ୍ୟରେ ସମ୍ପର୍କ ପାରସ୍ପରିକ ସହମତି ଏବଂ ସନ୍ତୁଳନ ଉପରେ ଆଧାରିତ । ଗତ ଦଶନ୍ଧିରେ ମୋଦୀଙ୍କ ଲୋକପ୍ରିୟତା ଏବଂ ଅମିତ ଶାହଙ୍କ ରଣନୀତି ବିଜେପିକୁ ଅଭୂତପୂର୍ବ ସଫଳତା ଆଣିଦେଇଛି ।

ଆରଏସଏସ ଭାରତୀୟ ଜନତା ପାର୍ଟିର ଆଦର୍ଶଗତ ମାର୍ଗଦର୍ଶକ । ଏହା ସଭାପତି ଚୟନରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରେ, କିନ୍ତୁ ଖୋଲାଖୋଲି ହସ୍ତକ୍ଷେପ କରେ ନାହିଁ ।

# ବରେଲିରେ ଜଗନ୍ନାଥ ମନ୍ଦିର ଉଦଘାଟିତ

ଲକ୍ଷ୍ନୌ : ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀ ଉତ୍ତରପ୍ରଦେଶକୁ ଦୁଇଦିନିଆ ଗସ୍ତରେ ଯାଇ ବରେଲିଠାରେ ଶ୍ରୀଜଗନ୍ନାଥ ମନ୍ଦିର ଉଦଘାଟନ କରିଥିବାବେଳେ ତିନୋଟି ସ୍ଥାନରେ ଶ୍ରୀଗୁରୁ ଭାଗବତ ଟୁଙ୍ଗୀ ପ୍ରତିଷ୍ଠା କରିଛନ୍ତି । ଓଡ଼ିଶା ବାହାରେ ଦୁଇଦିନରେ ତିନୋଟି ଟୁଙ୍ଗୀ ପ୍ରତିଷ୍ଠା ହେବା ଏକ ଉଲ୍ଲେଖନୀୟ



ଘଟଣା । ଆୟୋଜିତ ଉତ୍ସବରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମେତ ଉତ୍ତର ପ୍ରଦେଶ ଓ ବିଭିନ୍ନ ରାଜ୍ୟ ତଥା ବିଦେଶର ବହୁ ଭକ୍ତ ଯୋଗଦେଇଥିଲେ । ଗୁରୁଜୀ ୧୨ ତାରିଖ ଦିନ ଲକ୍ଷ୍ନୌରେ ଶିରିଡ଼ି ସାଇବାବା ମନ୍ଦିରର ରୌପ୍ୟ ଜୟନ୍ତୀ ଉତ୍ସବରେ ଯୋଗଦେଇଥିଲେ । ଏହି ଅବସରରେ ସେଠାରେ ଶ୍ରୀଗୁରୁ ଭାଗବତ ଟୁଙ୍ଗୀ ସ୍ଥାପନା କରିବା ସହ ଏକ ଶିବଲିଙ୍ଗ ପ୍ରତିଷ୍ଠା କରିଥିଲେ । ଉତ୍ସବରେ ବହୁ ବିଶିଷ୍ଟ ବ୍ୟକ୍ତି, ଭକ୍ତ ଓ ଶ୍ରଦ୍ଧାଳୁ ଯୋଗଦେଇଥିଲେ । ୧୩ ତାରିଖଦିନ ବରେଲିଠାରେ ବୈଦିକ ରୀତିନୀତି ଅନୁସାରେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କର ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା । ଗତକାଲି ମୋରାଦାବାଦଠାରେ ଶିରିଡ଼ି ସାଇ ମନ୍ଦିରରେ ଆୟୋଜିତ ଉତ୍ସବରେ ଗୁରୁଜୀ ଯୋଗଦେଇଥିଲେ । ଏଠାରେ ନୂତନ ଭାବରେ ନିର୍ମିତ ଶ୍ରୀଗୁରୁ ଭାଗବତ ଟୁଙ୍ଗୀକୁ ଗୁରୁଜୀ ଉଦଘାଟନ କରିଥିଲେ । ଏହି ଅବସରରେ ସ୍କୁଲ ପିଲାମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ମୋରାଦାବାଦରେ ଗୁରୁଜୀଙ୍କ ପ୍ରେରଣାରେ ଏକ ସ୍କୁଲ ଗଢ଼ିଉଠିଛି । ଭୁବନେଶ୍ୱରସ୍ଥିତ ସାଇ ଇଣ୍ଟରନାସନାଲ ସ୍କୁଲର ପିଲାମାନେ ମଧ୍ୟ ମୋରାଦାବାଦ ଯାଇ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

# ଭାରତର ହାଇପରସୋନିକ କ୍ଷେପଣାସ୍ତ୍ର ପରୀକ୍ଷଣ

ନୂଆଦିଲ୍ଲୀ: ଭାରତ ଏକ ନୂଆ ହାଇପରସୋନିକ୍ କ୍ଷେପଣାସ୍ତ୍ର ପରୀକ୍ଷଣ କରିଛି । ଏହି କ୍ଷେପଣାସ୍ତ୍ରର ନାମ ହେଉଛି ଏକ୍ସଟେଣ୍ଡେଡ୍ ଟ୍ରାଜେକେଟାରୀ ଲଙ୍ଗ ଡ୍ୟୁରେସନ୍ ହାଇପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ର । ଏହି କ୍ଷେପଣାସ୍ତ୍ରର ବିଶେଷତ୍ୱ ହେଉଛି ଏହା ଶବ୍ଦଠାରୁ ଆଠଗୁଣ ଦ୍ରୁତ ଗତିରେ ଯାଇପାରିବ ।ଏହି କ୍ଷେପଣାସ୍ତ୍ର ୧୫୦୦ କିଲୋମିଟର ଦୂର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିବାକୁ ସକ୍ଷମଛ ଡିଆରଡିଓ ଏହି କ୍ଷେପଣାସ୍ତ୍ରକୁ ପ୍ରୋଜେକ୍ଟ ବିଷ୍ଣୁ ଅଧୀନରେ ବିକଶିତ କରିଛି । ଏହି ପରୀକ୍ଷଣ ଏପରି ସମୟରେ ହୋଇଛି ଯେତେବେଳେ ବିଶ୍ୱରେ ଯୁଦ୍ଧ ଉତ୍ତେଜନା ବୃଦ୍ଧି ପାଉଛି । ଏହାକୁ ଦୃଷ୍ଟିରେ ରଖି ଭାରତ ଏହାର ପ୍ରତିରକ୍ଷା କ୍ଷମତାକୁ ଆଧୁନିକୀକରଣ କରିବା ପାଇଁ ଦ୍ରୁତ ଗତିରେ କାମ କରୁଛି । ଏହି କ୍ଷେପଣାସ୍ତ୍ର ୧୫୦୦ କିଲୋମିଟର ଦୂର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିବାକୁ ସକ୍ଷମ । ଡିଆରଡିଓ ଏହି କ୍ଷେପଣାସ୍ତ୍ରକୁ ପ୍ରୋଜେକ୍ଟ ବିଷ୍ଣୁ ଅଧୀନରେ ବିକଶିତ କରିଛି । ଏହି ପରୀକ୍ଷଣ ଏପରି ସମୟରେ ହୋଇଛି ଯେତେବେଳେ ବିଶ୍ୱରେ ଯୁଦ୍ଧ ଉତ୍ତେଜନା ବୃଦ୍ଧି ପାଉଛିଛହାଇପରସୋନିକ୍ ମିସାଇଲ୍ ହେଉଛି ଏକ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଯାହା ଶବ୍ଦର ବେଗରୁ ପାଞ୍ଚ ଗୁଣରୁ ଅଧିକ ବେଗରେ (ମାକ୍ ୫ ବା ତା'ଠାରୁ ଅଧିକ) ଗତି କରିପାରେ । ଏହା ଅତି କ୍ଷିପ୍ର ଗତି ଏବଂ ଚତୁର ନାଭିଗେସନ୍ କ୍ଷମତା ଯୋଗୁଁ ଶତ୍ରୁର ପ୍ରତିରକ୍ଷା ବ୍ୟବସ୍ଥାକୁ ଅତି ସହଜରେ ଏଡ଼ାଇ ଦେଇପାରେ । ଏହି ମିସାଇଲଗୁଡ଼ିକ ଅତ୍ୟନ୍ତ ସଠିକତାର ସହ ଲକ୍ଷ୍ୟସ୍ଥଳରେ ଆଘାତ କରିପାରେ ଏବଂ ସାଧାରଣତଃ ଯୁଦ୍ଧାସ୍ତ୍ର ବା ପାରମାଣବିକ ଅସ୍ତ୍ର ବହନ କରିବା ପାଇଁ ଡିଜାଇନ୍ କରାଯାଇଥାଏ ।

# ଅଭିନେତ୍ରୀ ସରୋଜା ଦେବୀଙ୍କ ପରଲୋକ

ବେଙ୍ଗାଲୁରୁ: ଦକ୍ଷିଣ ଭାରତୀୟଅଭିନେତ୍ରୀ ବି ସରୋଜା ଦେବୀ (୮୭) ଙ୍କର ସୋମବାର ବେଙ୍ଗାଲୁରୁରେ ପରଲୋକ ହୋଇଛିଛ ବେଙ୍ଗାଲୁରୁର ମଲ୍ଲେଶ୍ୱରମ୍ସ୍ଥିତ ତାଙ୍କ ବାସଭବନରେ ବାର୍ଦ୍ଧକ୍ୟଜନିତ ଅସୁସ୍ଥତା କାରଣରୁ ତାଙ୍କର ପରଲୋକ ଘଟିଛିଛ ତାମିଲ ଭାଷାରେ ତାଙ୍କୁ କନ୍ନଡ଼ଥୁ ପାଇଙ୍ଗିଳି (କନ୍ନଡ଼ର ଶାରୀ) ଏବଂ କନ୍ନଡ଼ରେ ଅଭିନୟର ସରସ୍ୱତୀ ବୋଲି



କୁହାଯାଉଥିଲା । ଅଭିନେତା-ରାଜନେତା ଖୁସବୁ ସୁନ୍ଦର ଏକ୍ସରେ ଏକ ହୃଦୟସ୍ପର୍ଶୀ ପୋଷ୍ଟରେ ତାଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି । ସେ ଲେଖିଛନ୍ତି, "ଏକ ଯୁଗର ସୁନେଲି ସିନେମାର ଅନ୍ତ ଘଟିଲାଛ ସରୋଜା ଦେବୀ ଆମ୍ଭା ସର୍ବକାଳୀନ ଶ୍ରେଷ୍ଠ ଥିଲେ । ଦକ୍ଷିଣର ଅନ୍ୟ କୌଣସି ମହିଳା ଅଭିନେତ୍ରୀ ତାଙ୍କ ପରି ନାମ ଓ ପ୍ରସିଦ୍ଧି ପାଇନାହାନ୍ତି । ସେ ଜଣେ ସ୍ନେହୀ ମଣିଷ ଥିଲେ ।

# ଦାମୀ ଫୋନ୍ ଧରିବେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ

ନୂଆଦିଲ୍ଲୀ: ଦିଲ୍ଲୀ ସରକାର ଏକ ନୂତନ ନିୟମ ଲାଗୁ କରିଛନ୍ତି । ଯାହା ଅନୁଯାୟୀ ମୁଖ୍ୟମନ୍ତ୍ରୀ ଏବଂ କ୍ୟାବିନେଟ୍ ମନ୍ତ୍ରୀମାନେ ସରକାରୀ ଅର୍ଥରେ ଦାମୀ ମୋବାଇଲ୍ ଫୋନ୍ କିଣିପାରିବେ । ଏହାସହିତ ସେମାନଙ୍କ ବାସଭବନରେ ଥିବା ଲ୍ୟାଣ୍ଡଲାଇନ୍ ବିଲର ସମ୍ପୂର୍ଣ୍ଣ ଖର୍ଚ୍ଚ ମଧ୍ୟ ସରକାର ବହନ କରିବେ । ସାଧାରଣ ପ୍ରଶାସନ ବିଭାଗ ଦ୍ୱାରା ଜାରି କରାଯାଇଥିବା ନୂତନ ନିୟମ ଅନୁଯାୟୀ, ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ବର୍ତ୍ତମାନ ଦେ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମୋବାଇଲ୍ ଫୋନ୍ କିଣିପାରିବେ । ଯେତେବେଳେ କି କ୍ୟାବିନେଟ୍ ମନ୍ତ୍ରୀମାନଙ୍କ ପାଇଁ ଏହି ସୀମା ଲକ୍ଷେ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ରଖାଯାଇଛି । ଏହା ୨୦୧୩ ମସିହାର ଏକ ଦଶନ୍ଧି ପୁରୁଣା ସର୍କୁଲାରକୁ ବଦଳାଇଛି । ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ପାଇଁ ୫୦,୦୦୦ ଟଙ୍କା ଏବଂ ମନ୍ତ୍ରୀମାନଙ୍କ ପାଇଁ ୪୫,୦୦୦ ଟଙ୍କାର ସୀମା ଥିଲା । ସରକାରଙ୍କ କହିବା ଅନୁଯାୟୀ, ବରିଷ୍ଠ ଅଧିକାରୀମାନଙ୍କୁ ଆଧୁନିକ ଯୋଗାଯୋଗ ଉପକରଣ ଯୋଗାଇଦେବା ଏବଂ କାର୍ଯ୍ୟକ୍ଷମ ଦକ୍ଷତା ସୁନିଶ୍ଚିତ କରିବା ପାଇଁ ଏହି ପରିବର୍ତ୍ତନ କରାଯାଇଛି ।



ଏହି ନୂତନ ନିୟମ କେବଳ ମୁଖ୍ୟମନ୍ତ୍ରୀ କି ମନ୍ତ୍ରୀମାନଙ୍କ ମଧ୍ୟରେ ସୀମିତ ନୁହେଁ, ବରଂ ବରିଷ୍ଠ ଅଧିକାରୀମାନଙ୍କ ପାଇଁ ମଧ୍ୟ ଲାଗୁ ହୋଇଛି । ମୁଖ୍ୟ ସଚିବ ବର୍ତ୍ତମାନ ୮୦,୦୦୦ ରୁ ୧ ଲକ୍ଷ ଟଙ୍କା ମୂଲ୍ୟର ମୋବାଇଲ୍ ଫୋନ୍ କିଣିପାରିବେ, ଯାହାର ପୂର୍ବ ସୀମା ୩୦,୦୦୦ ରୁ ୪୦,୦୦୦ ଟଙ୍କା ଥିଲା । ନିୟମ ଅନୁସାରେ କିଣାଯାଇଥିବା ମୋବାଇଲ୍ ଫୋନ୍ ସାଧାରଣତଃ ଦୁଇ ବର୍ଷ ମଧ୍ୟରେ ବଦଳାଯାଇ ପାରିବ ନାହିଁ । ଯଦି ମରାମତି ଖର୍ଚ୍ଚ ଫୋନର ମୂଳ ମୂଲ୍ୟର ୫୦% ରୁ ଅଧିକ ହୁଏ, ତେବେ ଏହାକୁ ବଦଳାଇବା ପାଇଁ ଅନୁମତି ଦିଆଯିବ ।

ଏହି ନିଷ୍ପତ୍ତିକୁ ନେଇ ବିରୋଧୀ ଆମ୍ ଆଦମୀ ପାର୍ଟି ତୀବ୍ର ସମାଲୋଚନା କରିଛି । ଆପ୍ ଦିଲ୍ଲୀର ରାଜ୍ୟ ସଭାପତି ସୌରଭ ଭରଦ୍ୱାଜ କହିଛନ୍ତି ଯେ ଦିଲ୍ଲୀବାସୀ ଜଳବନ୍ଦୀ ଏବଂ ଟ୍ରାଫିକ୍ ଜାମ୍ ଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଛ କିନ୍ତ ବିଜେପି ସରକାରଙ୍କ ପ୍ରାଥମିକତା ମନ୍ତ୍ରୀମାନଙ୍କ ପାଇଁ ଦାମୀ ଫୋନ୍ କିଣିବା ଉପରେ ରହିଛି ଛ ସେ ଆହୁରି ମଧ୍ୟ କହିଛନ୍ତି ଯେ ମହିଳାମାନଙ୍କୁ ୨,୫୦୦ ଟଙ୍କା ମାସିକ ସହାୟତା ଦେବାର ପ୍ରତିଶୃତି ପୂରଣ ହୋଇନାହିଁ, କିନ୍ତୁ ମନ୍ତ୍ରୀମାନଙ୍କ ପାଇଁ ଲକ୍ଷ ଲକ୍ଷ ଟଙ୍କାର ଫୋନ୍ ଏବଂ ଅସୀମିତ ବିଲ୍ ପାସ୍ କରାଯାଉଛି । ଅନ୍ୟପଟେ, ଶାସକ ବିଜେପି ଏହି ପଦକ୍ଷେପକୁ ସମର୍ଥନ କରି କହିଛି ଯେ ଏହି ଗ୍ୟାଜେଟ୍ ଗୁଡ଼ିକ ରେକର୍ଡ ରଖିବା ଏବଂ ସରକାରୀ କାର୍ଯ୍ୟ ପାଇଁ ଆବଶ୍ୟକ

# ଭାରତ ବିପକ୍ଷ ଚତୁର୍ଥ ଟେଷ୍ଟ



## ବଶିରଙ୍କ ସ୍ଥାନରେ ଲିଆମ

ଲଣ୍ଡନ, ୧୫।୭(ଏଜେନ୍ସି) : ଲର୍ଡ୍ସରେ ଇଂଲଣ୍ଡର ଧମାକାଦାର ବିଜୟ ପରେ ଚତୁର୍ଥ ଟେଷ୍ଟ ପାଇଁ ଘରୋଇ ଦଳ ପ୍ରସ୍ତୁତି ଆରମ୍ଭ କରିଛି । ୫ ମ୍ୟାଚ ବିଶିଷ୍ଟ ଶୃଙ୍ଖଳାରେ ଇଂଲଣ୍ଡ ୨-୧ରେ ଆଗୁଆ ରହିଛି । ଚତୁର୍ଥ ଟେଷ୍ଟ ଆଗାମୀ ୨୩ ତାରିଖରୁ ମାଞ୍ଚେଷ୍ଟରରେ ଆରମ୍ଭ ହେବ । ଏହା ପୂର୍ବରୁ ତୃତୀୟ ଟେଷ୍ଟରେ ଆହତ ହୋଇଥିବା ସ୍ପିନର ସୋଏବ ବଶିରଙ୍କ ସ୍ଥାନରେ ବାମହାତୀ ସ୍ପିନର ଲିଆମ ଡାଓସନଙ୍କୁ ଇଂଲଣ୍ଡ ସାମିଲ କରିଛି । ଦୀର୍ଘ ୮ ବର୍ଷ ପରେ ଡାଓସନ ଇଂଲଣ୍ଡ ଟେଷ୍ଟ ଦଳକୁ ଫେରିଛନ୍ତି । ନିକଟରେ ୱେଷ୍ଟଇଣ୍ଡିଜ ବିପକ୍ଷ ଟି-୨୦ ଓ ଘରୋଇ ମ୍ୟାଚଗୁଡିକରେ ଡାଓସନ ଜମାଣିଆ ପ୍ରଦର୍ଶନ ଦେଖାଇଥିଲେ । ଉଭୟ ବୋଲିଂ ଓ ବ୍ୟାଟିଂରେ ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି । ଏଥିପାଇଁ ତାଙ୍କୁ ଭାରତ ବିପକ୍ଷ ଚତୁର୍ଥ ଟେଷ୍ଟ ପାଇଁ ଜାତୀୟ ଦଳରେ ସ୍ଥାନ ମିଳିଛି ।

ଲର୍ଡ୍ସ ଟେଷ୍ଟରେ ଇଂଲଣ୍ଡ ୨୨ ରନ ବ୍ୟବଧାନରେ ଭାରତକୁ ହରାଇଥିଲା ।ମ୍ୟାଚର ପ୍ରଥମ ଇନିଂସରେ ବଶିର ବୋଲିଂ କରୁଥିବା ସମୟରେ ତାଙ୍କ ବାମ ହାତରେ ବଲ ଖୁବ୍ ଜୋରରେ ବାଜିଥିଲା । ବାମ ଆଙ୍ଗୁଠି ଭାଙ୍ଗି ଯାଇଥିଲେ ହେଁ ବଶିର ଭାରତର ଦ୍ୱିତୀୟ ଇନିଂସରେ ସେ ବୋଲିଂ କରିଥିଲେ । ସେ ମହମ୍ମଦ ସିରାଜଙ୍କୁ ବୋଲ୍ଡ କରି ଭାରତୀୟ ଇନିଂସରେ ପୂର୍ଣ୍ଣଚ୍ଛେଦ ପକାଇଥିଲେ । ଆହତ ସମସ୍ୟା ଯୋଗୁଁ ଭାରତ ବିପକ୍ଷ ଅବଶିଷ୍ଟ ମ୍ୟାଚଗୁଡିକରୁ ବାଦ୍ ପଡିଛନ୍ତି । ତାଙ୍କ ବଦଳରେ ୩୫ ବର୍ଷୀୟ ଡାଓସନ୍ ଖେଳିବାକୁ ଯାଉଛନ୍ତି । ୨୦୧୭ରେ ଡାଓସନ୍ ଦ. ଆଫ୍ରିକା ବିପକ୍ଷରେ ୩ ଟି ଟେଷ୍ଟ ଖେଳିଥିଲେ । ସେ ୭ ୱିକେଟ୍ ନେଇଛନ୍ତି । ନିଜର ଅନ୍ତର୍ଜାତୀୟ କ୍ୟାରିୟରରେ ଡାଓସନ ଇଂଲଣ୍ଡ ପାଇଁ ୬ଟି ଦିନିକିଆ ଓ ୧୪ଟି ଟି-୨୦ ମ୍ୟାଚ ଖେଳିଛନ୍ତି । ଅନ୍ତର୍ଜାତୀୟ ସ୍ତରରେ ପ୍ରଭାବୀ ପ୍ରଦର୍ଶନ ନଥିଲେ ମଧ୍ୟ ଡାଓସନ ହାମ୍ପସାୟାର ପାଇଁ ଦୀର୍ଘ ସମୟ ଧରି ଖେଳିଆସୁଛନ୍ତି । ୨୦୨୩ ଓ ୨୪ରେ ତାଙ୍କୁ ପିସିଏ ପ୍ଲେୟାର ଅଫ ଦ ଇଅର ବିବେଚିତ କରାଯାଇଥିଲା । ୨୧୨ ଟି ପ୍ରଥମ ଶ୍ରେଣୀ ମ୍ୟାଚ ଖେଳି ୩୭୧ ୱିକେଟ୍, ୧୦ ହଜାରରୁ ଅଧିକ ରନ୍ ଓ ୧୮ ଟି ଶତକ ମାରିଛନ୍ତି । ଏହାକୁ ଆଧାର କରି ତାଙ୍କୁ ଜାତୀୟ ଦଳରେ ସାମିଲ କରାଯାଇଛି ।

# କାହିଁକି ମ୍ୟାଚ ହାରିଲା ଭାରତ ?



Image Courtesy

ଲଣ୍ଡନ, ୧୫।୭(ଏଜେନ୍ସି) : କ୍ରିକେଟ୍‌ର ମକାଭାବେ ପରିଚିତ ଲର୍ଡ୍ସ ଗ୍ରାଉଣ୍ଡରେ ଇଂଲଣ୍ଡ ଦଳ ଭାରତକୁ ୨୨ ରନରେ ଧରାସାୟୀ କରି ଐତିହାସିକ ବିଜୟ ହାସଲ କରିଛି । ବିଜୟ ସହ ଇଂଲଣ୍ଡ ଶୃଙ୍ଖଳାରେ ୨-୧ ଅଗ୍ରଣୀ ହାସଲ କରିଛି । ଭାରତକୁ ୧୯୩ ରନର ବିଜୟ ଲକ୍ଷ୍ୟ ମିଳିଥିଲା । ହେଲେ ଆଗ ଧାଡିର ବ୍ୟାଟରଙ୍କ ନିରାଶା ଜନକ ପ୍ରଦର୍ଶନ କାରଣରୁ ଭାରତ ଜିତିବା ମ୍ୟାଚକୁ ହାରିଯାଇଥିଲା । ରବିନ୍ଦ୍ର ଜାଡେଜା ଏକା ସଂଘର୍ଷ କରି ୬୧ ରନ୍‌ର ଇନିଂସ ଖେଳିଥିଲେ । ତେବେ ଲର୍ଡ୍ସରେ ଭାରତୀୟ ଦଳର ପରାଜୟ ପଛରେ ୪ଟି ପ୍ରମୁଖ କାରଣ ରହିଛି ।

୧. ଲର୍ଡ୍ସରେ ଜୟସ୍ୱାଲ ବିଫଳ : ଭାରତୀୟ ଓପନର ଯଶସ୍ୱୀ ଜୟସ୍ୱାଲ ଏପର୍ଯ୍ୟନ୍ତ ଶୃଙ୍ଖଳାରେ ୨୨୦ ରନ୍ କରିଛି । ଯେଉଁଥିରେ ଗୋଟିଏ ଶତକ ଓ ଗୋଟିଏ ଅର୍ଦ୍ଧଶତକ ରହିଛି । ଲର୍ଡ୍ସ ଟେଷ୍ଟରେ ମଧ୍ୟ ତାଙ୍କଠାରୁ ଭଲ ପ୍ରଦର୍ଶନ ଆଶା କରାଯାଉଥିଲା । ଯେଉଁଠାରେ ପିଚ୍ ବଡ ବଡ ବ୍ୟାଟରଙ୍କ ପାଇଁ ଅଗ୍ନିପରୀକ୍ଷା ପାଲଟିଥାଏ । ଜୟସ୍ୱାଲ ଏହି ପରୀକ୍ଷାରେ ବିଫଳ ହୋଇଥିଲେ । କାରଣ ସେ ଲର୍ଡ୍ସ ଟେଷ୍ଟର ଉଭୟ ଇନିଂସରେ କେବଳ ୧୩ ରନ୍ କରିଛନ୍ତି । ତାଙ୍କ ବିଫଳତା ଅନ୍ୟ ଭାରତୀୟ ବ୍ୟାଟରଙ୍କ ଉପରେ ଚାପ ପକାଇଥିଲା ।

୨.ନାଇଟ୍ ୱାଚ୍‌ମ୍ୟାଚ ନିଷ୍ପତ୍ତି ଭୁଲ : ଲର୍ଡ୍ସ ପିଚ୍ ବ୍ୟାଟିଂ ପାଇଁ ପଞ୍ଚମ ଦିନ କଷ୍ଟକର ଥିଲା । ଚତୁର୍ଥ ଦିନ ଖେଳ ଶେଷ ସୁଦ୍ଧା ଭାରତ ୪ ୱିକେଟ୍ ହରାଇ ମାତ୍ର ୫୮ ରନ କରିଥିଲା । ପ୍ରାରମ୍ଭିକ ୩ ୱିକେଟ୍ ଝଡିବା ପରେ ଆକାଶ ଦୀପଙ୍କୁ ନାଇଟ୍ ୱାଚ୍‌ମ୍ୟାଚ ବ୍ୟାଟର ଭାବେ ପଠାଇବା ପ୍ରମାଣିତ କରିଥିଲା ଯେ, ଭାରତୀୟ ଦଳ ଆତ୍ମରକ୍ଷା ମୋଡକୁ ଆସିଛି । ଚତୁର୍ଥ ଦିନ ଶେଷରେ ରିଷଭ ପନ୍ତ, ନୀତିଶ କୁମାର ରେଡ୍ଡି କିମ୍ବା ୱାଂସିଟନ ସୁନ୍ଦରଙ୍କ ମଧ୍ୟରୁ ଜଣଙ୍କୁ ବ୍ୟାଟିଂ ପାଇଁ ପଠାଯାଇପାରିଥାନ୍ତା । ଚତୁର୍ଥ ଦିନ ଇଂଲଣ୍ଡ ବୋଲର ମ୍ୟାଚ ଉପରେ ପ୍ରଭାବ ପକାଇବା ଆରମ୍ଭ କରିଥିଲେ । ଏ ଦୃଷ୍ଟିରୁ ଜଣେ ନିର୍ଭର ଯୋଗ୍ୟ ବ୍ୟାଟରଙ୍କୁ ପଠାଇବା ଉଚିତ୍ ହୋଇଥାନ୍ତା ।

୩. ଚାପରେ ଶୁଭମନ୍ ଗିଲ୍ : ଲର୍ଡ୍ସ ଟେଷ୍ଟରେ ଅଧିନାୟକ ଶୁଭମନ୍ ଗିଲ ଚାପରେ ଥିବା ଦେଖାଯାଇଥିଲେ । ସେ ଉଭୟ ଇନିଂସରେ ମାତ୍ର ୨୨ ରନ କରିଥିଲେ । ଦ୍ୱିତୀୟ ଇନିଂସରେ ୯ ଟି ବଲର ସାମ୍ନା କରିଥିଲେ । ଅଧାରୁ ଅଧିକ ବଲ ସଠିକ ଭାବେ ଖେଳି ପାରିନଥିଲେ ।

୪. କରୁଣ ନାଏର ବାରମ୍ବାର ବିଫଳ : ୮ ବର୍ଷ ପ୍ରତିକ୍ଷା ପରେ ଦଳକୁ ଫେରିଥିବା କରୁଣ ନାଏର ବାରମ୍ବାର ବିଫଳ ହେବା ଭାରତୀୟ ଦଳର ମଧ୍ୟମକ୍ରମରେ ଚାପ ସୃଷ୍ଟି କରିଥିଲା । ଶୃଙ୍ଖଳାର ୬ ଟି ଇନିଂସରେ ନାଏର ଗୋଟିଏ ବି ଅର୍ଦ୍ଧଶତକ ହାସଲ କରିନାହାଁନ୍ତି । ଯଦି ଲର୍ଡ୍ସ ଟେଷ୍ଟରେ ସେ ୪୦/୫୦ ରନ୍ କରିପାରିଥାନ୍ତେ ତେବେ ଦଳ ପରାଜୟ ଦଶା ଭୋଗିନଥାନ୍ତା । ସର୍ବଦା ଭଲ ଆରମ୍ଭ କରି ଗୁରୁତ୍ୱପୂର୍ଣ୍ଣ ସମୟରେ କରୁଣ ନାଏର ଆଉଟ ହେବା ଦଳକୁ ମହଙ୍ଗା ପଡିଛି । ଲର୍ଡ୍ସ ଟେଷ୍ଟର ପ୍ରଥମ ଇନିଂସରେ ୪୦ ରନ୍ ଦ୍ୱିତୀୟ ଇନିଂସରେ ୧୪ ରନ୍ କରିଥିଲେ ।

# ବରୁଣ ଆରୋନ ସନରାଇଜର୍ସ ବୋଲିଂ କୋଚ୍

ହାଇଦ୍ରାବାଦ, ୧୫।୭ (ଏଜେନ୍ସି) : ଟିମ ଇଣ୍ଡିଆର ଦ୍ରୁତତମ ବୋଲର ବରୁଣ ଆରୋନଙ୍କୁ ଲର୍ଡ୍ସରେ ଖୁସି ଖବର ମିଳିଛି । ଭାରତ - ଇଂଲଣ୍ଡ ଟେଷ୍ଟ ମ୍ୟାଚରେ ବରୁଣ ଭାଷ୍ୟକାର ଦାୟିତ୍ୱ ତୁଲାଉଥିବା ବେଳେ ଆଇପିଏଲର ଆଗାମୀ ସଂସ୍କରଣ ପାଇଁ ସନରାଜର୍ସ ହାଇଦ୍ରାବାଦ ତାଙ୍କ ବୋଲିଂ କୋଚ୍ ଭାବେ ନିଯୁକ୍ତ କରିଛି । ସନରାଜର୍ସ ଅଫିସିଆଲ ଟୁଇଟର ପେଜ୍‌ରେ ଏହି ସମ୍ପର୍କରେ ଉଲ୍ଲେଖ କରିଛି ।ଆମେ ବରୁଣଙ୍କୁ ବୋଲିଂ କୋଚ୍ ଭାବେ ସ୍ୱାଗତ କରୁଛୁ । ଆଇପିଏଲ୍‌ରେ ବରୁଣ ଛଅଟି ଦଳ ପକ୍ଷରୁ ଖେଳିଛନ୍ତି । ସେ କିଂସ୍ ଏକାଦଶ ପଞ୍ଜାବ, ରାଜସ୍ଥାନ ରୟାଲ୍ସ, ଗୁଜରାଟ ଟାଇଟନ୍ସ , କୋଲକାତା ନାଇଟ୍ ରାଇଡର୍ସ , ଦିଲ୍ଲୀ ଡେୟାରଡେଭିଲ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପକ୍ଷରୁ ଖେଳିଛନ୍ତି । ଏବେ ନୂଆ ଦଳ ସନରାଇଜର୍ସର ବୋଲିଂ କୋଚ୍ ହେବେ ।

ସେ ଆଇପିଲ୍ କ୍ୟାରିଅରରେ ମୋଟ ୫୨ ମ୍ୟାଚ ଖେଳି ୪୪ ୱିକେଟ୍ ନେଇଛନ୍ତି । ୨୦୧୧ରେ ସେ ଦିଲ୍ଲୀ ପକ୍ଷରୁ ପଦାର୍ପଣ କରିଥିଲେ । ୨୦୨୨ରେ ସେ ଶେଷ ଥର ଗୁଜରାଟ ପକ୍ଷରୁ ଖେଳିଥିଲେ । ବରୁଣ ଭାରତ ପକ୍ଷରୁ ୯ଟି ଟେଷ୍ଟ ଓ ୯ ଟି ଦିନିକିଆ ଖେଳିଛନ୍ତି । ବାରମ୍ବାର ଆଘାତ ସମସ୍ୟା ଯୋଗୁଁ ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟର ବେଶି ସମୟ ତିଷ୍ଠି ପାରିନଥିଲା ।

## ଅଲିମ୍ପିକ୍ସ ୨୦୨୮

# ୧୨୮ ବର୍ଷ ପରେ କ୍ରିକେଟ୍ ଫେରିଛି

ନୂଆଦିଲ୍ଲୀ, ୧୫।୭ (ଏଜେନ୍ସି) : ୧୨୮ ବର୍ଷର ଲମ୍ବା ପ୍ରତିକ୍ଷା ପରେ ଅଲମ୍ପିକ୍ସକୁ କ୍ରିକେଟ୍ ଫେରିଛି । ଲସ୍ ଏଞ୍ଜେଲ୍ସ ୨୦୨୮ ଅଲିମ୍ପିକ୍ସରେ କ୍ରିକେଟ୍ ଖେଳାଯିବ । ମୁଖ୍ୟ ଭେନ୍ୟୁ ଲସ୍ ଏଞ୍ଜେଲ୍ସଠାରୁ ପାଖାପାଖି ୫୦ କିଲୋମିଟର ଦୂର କୋମେନା ସହରରେ କ୍ରିକେଟ୍ ମ୍ୟାଚ ୨୦୨୮ ଜୁଲାଇ ୧୨ ରୁ ଖେଳାଯିବ । ପଦକ ମ୍ୟାଚ ଜୁଲାଇ ୨୯ରେ ହେବ । ଆନୁଷ୍ଠାନିକ ଭାବେ କ୍ରୀଡା ସୂଚୀ ଘୋଷଣା କରାଯାଇନାହିଁ । ଏହା ମଧ୍ୟ ସ୍ଥିର ହୋଇନାହିଁ ଯେ, କେଉଁ ଦଳ ଏଥିରେ ଭାଗ ନେବେ ତଥାପି ପୁରୁଷ ଓ ମହିଳା ବର୍ଗରେ ୬ ଟି ଲେଖାଏଁ ଦଳ ଭାଗ ନେବେ । ୧୮୦ ଜଣ ଖେଳାଳି ଅଲିମ୍ପିକ୍ସରେ କ୍ରିକେଟର ସବୁଠାରୁ ଛୋଟ ଫର୍ମାଟ ଟି-୨୦ରେ ଅଂଶଗ୍ରହଣ କରିବେ । ଗୋଟିଏ ଦିନରେ ଦୁଇଟି ମ୍ୟାଚ ଖେଳାଯିବ । ଜୁଲାଇ ୧୪ ଓ ୨୧ରେ କୌଣସି ମ୍ୟାଚ ନାହିଁ । ଅଲମ୍ପିକ୍ସରେ ଏହା ପୂର୍ବରୁ ଥରୁଟିଏ ୧୯୦୦ ମସିହା ପ୍ୟାରିସ ଅଲିମ୍ପିକ୍ସରେ କ୍ରିକେଟ୍‌ରେ ସାମିଲ କରାଯାଇଥିଲା । ସେହି ସମୟରେ କେବଳ ଦୁଇଟି ଦଳ ଗ୍ରେଟ୍ ବ୍ରିଟେନ୍ ଓ ଫ୍ରାନ୍ସ ଅଂଶଗ୍ରହଣ କରିଥିଲେ । ବ୍ରିଟେନ୍ ଗୋଟିଏ ମ୍ୟାଚ ସ୍ୱର୍ଣ୍ଣ ପଦକ ଜିତିଥିଲା ।

ପୁରୁଷ ଓ ମହିଳା ଟିମ୍ ୧୫ ଜଣ ଲେଖାଏଁ ଖେଳାଳି ଦଳରେ ରଖିପାରିବେ । କାରଣ ଉଭୟ ବର୍ଗ ପାଇଁ ମୋଟ ୧୮୦ ଜଣ ଖେଳାଳି ରହିପାରିବେ । ଅନ୍ତର୍ଜାତୀୟ ଅଲିମ୍ପିକ କମିଟି କ୍ରିକେଟ୍, ବେଶ୍ ବଲ, ଫ୍ରାଗ୍ ଫୁଟବଲ୍, ଲାକ୍ରୋସ ଓ ସ୍କ୍ୱାଶକୁ ସାମିଲ କରାଯାଇଛି । ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସ ୨୦୨୮ ଜୁଲାଇ ୧୪ ରୁ ୩୦ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ । ମାତ୍ର କ୍ରିକେଟ୍‌ର କିଛି ମ୍ୟାଚ ପୂର୍ବରୁ ଆରମ୍ଭ ହେବ । ପ୍ରଥମ ପର୍ଯ୍ୟାୟ ଜୁଲାଇ ୧୨ ରୁ ୧୮ ତାରିଖ ପର୍ଯ୍ୟନ୍ତ ଖେଳାଯିବ । ଦ୍ୱିତୀୟ ପର୍ଯ୍ୟାୟ ଜୁଲାଇ ୨୨ ରୁ ୨୮ ପର୍ଯ୍ୟନ୍ତ, ଫାଇନାଲ ମୁକାବିଲା ଜୁଲାଇ ୨୯ରେ ଖେଳାଯିବ । ଜୁଲାଇ ୩୦ରେ ଅଲିମ୍ପିକ୍ସରେ ଖେଳାଯିବ ।

## ସର୍ବଭାରତୀୟ ସିନିୟର ର୍‍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ

# ପୁରୁଷରେ ଗିନପଲ, ମହିଳାରେ ଇଶାରାଣୀ ଚାମ୍ପିଅନ୍

ଭୁବନେଶ୍ୱର, ୧୫।୭ (ସବ୍ୟୁ) : କଳିଙ୍ଗ ଷ୍ଟାଡିୟମ ପରିସରରେ ଥିବା ସଟଲ ଇଣ୍ଡୋର ବ୍ୟାଡମିଣ୍ଟର ଷ୍ଟାଡିୟମରେ ସର୍ବଭାରତୀୟ ସିନିୟର ର୍‍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ପୁରୁଷ ସିଙ୍ଗଲ୍ସରେ ଗିନପଲ ଓ ମହିଳାରେ ଇଶାରାଣୀ ବରୁଆ ଚାମ୍ପିଅନ ହୋଇଛନ୍ତି ।

ମିକ୍ସଡ୍ ଡବଲ୍ସ ଫାଇନାଲ ମୁକାବିଲା କର୍ଣ୍ଣାଟକ ତାମିଲନାଡୁ ଯୋଡି ନିତୀନ ଏଚ ଭି. ଓ ସାଥି ଶ୍ରୀନିଧି ନାରାୟଣଙ୍କ ସହ ତେଲେଙ୍ଗାନା ପଞ୍ଜାବ ଯୋଡି ସ୍ୱସ୍ତିକ ରେଡ୍ଡୀ ତାଙ୍କ ସାଥି ରାଧିକା ଶର୍ମାଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚ ସ୍ୱସ୍ତିକ ରେଡଡି ଓ ରାଧିକା ଶର୍ମା ୧୭-୨୧,୨୧-୧୬,୨୧-୧୨ ତିନୋଟି ସେଟରେ ନିତୀନ ଏଚ ଭି, ଶ୍ରୀନିଧି ନାରାୟଣଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି ।

ପୁରୁଷ ସିଙ୍ଗଲ୍ସ ଫାଇନାଲ ମୁକାବିଲା ମନରାଜ ସିଂ ଓ ଗିନପଲ ଏସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ଚିତ୍ତାକର୍ଷକ ଫାଇନାଲରେ ଦିଲ୍ଲୀ ଖେଳାଳୀ ଗିନପାଲ ପ୍ରତିଦ୍ୱନ୍ଦୀ ମନରାଜ ସିଂଙ୍କୁ ସିଧାସଳଖ ୨୧-୧୭, ୨୧ -୧୬ ର ଦୁଇଟି ସେଟରେ ହରାଇ ଚମ୍ପିୟାନ ହୋଇଛନ୍ତି ।

ମହିଳା ସିଙ୍ଗଲ୍ସ ଫାଇନାଲରେ ଟପ ସୀଡ୍ ଉତ୍ତର ପ୍ରଦେଶ ଖେଳାଳୀ ମାନସୀ ସିଂ ଓ ତୃତୀୟ ସିଡ ଆସାମ ଖେଳାଳୀ ଇସାରାଣୀ ବରୁଆଙ୍କ ମଧ୍ୟରେ ହୋଇଥିବା ଲଢେଇ ରେ ଇସାରାଣୀ ବରୁଆ ଟପ ସିଡ ମାନସୀ ସିଂଙ୍କୁ ସିଧାସଳଖ ୨୩-୨୧,୨୧-୧୦ ର ଦୁଇଟି ଗେମରେ ହରାଇ ମହିଳା ସିଙ୍ଗଲ ଚମ୍ପିୟାନ ହୋଇଛନ୍ତି ।





ମହିଳା ଡବଲସ ଫାଇନାଲରେ ଉତ୍ତରାଖଣ୍ଡ ଯୋଡି ଅନାୟା ବିସ୍ତ ଓ ଆଞ୍ଜେଲ ପୁନେରାଙ୍କ ସହ ଦ୍ୱିତୀୟ ସିଡ ତାମିଲନାଡୁ ଯୋଡି ଶ୍ରେୟା ବାଲାଜୀ ଓ ଦୀପ୍ତା ଏସଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ମେଚରେ ଶ୍ରେୟା ବାଲାଜୀ ଓ ଦୀପ୍ତା ଏସ ୨୧-୧୩,୧୮ -୨୧ ଓ ୨୧-୧୯ ର ତିନୋଟି ସଂଘର୍ଷପୂର୍ଣ୍ଣ ସେଟରେ ନିଜ ପ୍ରତିଦ୍ୱନ୍ଦୀଙ୍କୁ ହରାଇ ଚମ୍ପିୟାନ ହୋଛନ୍ତି । ପୁରୁଷ ଡବଲ୍ସ ଫାଇନାଲ ଖେଳରେ ଦ୍ୱିତୀୟ ସିଡ ଆସାମ ଉତ୍ତରାଖଣ୍ଡ ଯୋଡି ଧ୍ରୁବ ରାବତ ଓ ସୁରଜ ଗୋୱାଲା କର୍ଣ୍ଣାଟକ ଆନ୍ଧ୍ରପ୍ରଦେଶ ଯୋଡି ନିତୀନ ଏଚ ଭି. ଓ ଭେଙ୍କଟ ହର୍ଷବର୍ଧନଙ୍କ ମଧ୍ୟରେ ଖେଳା ହୋଇଥିଲା । ଏହି ମ୍ୟାଚରେ ସରୋଜଗୋୱାଲା ଓ ଧ୍ରୁବ ରାବତ ଯୋଡି ପ୍ରତିଦ୍ୱନ୍ଦୀ ନିଥିନ ଏଚ ଭି, ଭେଙ୍କଟ ହର୍ଷ ବର୍ଦ୍ଧନ ଯୋଡିଙ୍କୁ ୨୧-୧୨,୨୧- ୧୪ ସିଧାସଳଖ ଦୁଇଟି ସେଟରେ ହରାଇ ଚମ୍ପିୟାନ ହୋଇଛନ୍ତି ।

ଭାରତୀୟ ବେଡ୍‌ମିନ୍ଟନ ସଙ୍ଘ, ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ସହଯୋଗ ରେ ଓଡିଶା ରାଜ୍ୟ ବେଡ୍‌ମୀଣ୍ଟନ ସଂଘ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ କ୍ରୀଡା ଓ ଯୁବ ବ୍ୟାପାର ପ୍ରମୁଖ ସଚିବ ଭାସ୍କର ଜ୍ୟୋତି ଶର୍ମା ଏବଂ ବି ଏମ ସି କମିଶନର, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସ୍ୱତନ୍ତ୍ର ସଚିବ ତଥା ଓସବା ସଭାପତି ରାଜେଶ ପ୍ରଭାକର ପାଟିଲ, କ୍ରୀଡା ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ସଚିବ ବିଜୟାନନ୍ଦ ନାୟକ, ସମ୍ପାଦକ ନିଲିନ କୁମାର ଯୋଗଦେଇ ବିଜେତା ଓ ଉପବିଜେତା ଖେଳାଳୀ ମାନଙ୍କୁ ଟ୍ରଫି, ମେଡାଲ ଓ ଅର୍ଥ ପୁରସ୍କାର ଚେକ ଆକାରରେ ପ୍ରଦାନ କରିଥିଲେ । ୮ ତାରିଖରୁ ଆରମ୍ଭ ହୋଇଥିବା ଏହି ସର୍ବଭାରତୀୟ ପ୍ରତିଯୋଗୀତାର ବିଭିନ୍ନ ବିଭାଗର ସୁପରିଚାଳନା ଆୟୋଜନ କମିଟୀ ସଦସ୍ୟ ପ୍ରଦୀପ ପଟ୍ଟନାୟକ, ମନୋରଞ୍ଜନ ପଣ୍ଡା, ଶୈଳେନ୍ଦ୍ର ଚୌଧୁରୀ, କମଲ ଦାସ, ସୁରୁଲାଲ ମଟାରୀ, ଦୀପକ ମହାନ୍ତି, ସମୀର ଦାସ, ପ୍ରୀତପାଳ ସିଂ, ଶୁଭମ ଶର୍ମା, ଶୁଭମ ନାୟକ, ମନୋରଞ୍ଜନ ଦାସ, ସନ୍ଦୀପ ମିଶ୍ର, ଶୁଭ୍ରାଂଶୁ ପଣ୍ଡା, ଅନନ୍ତ ବେହେରା ଅଜିତ ମହାନ୍ତି ପ୍ରମୁଖ ଦାୟିତ୍ୱ ତୁଲେଇଥିଲେ ।

# ୧୧୪ ବର୍ଷୀୟ ମାରାଥାନ ଧାବକ ଫୌଜା ସିଂହଙ୍କ ଦେହାନ୍ତ





ନୂଆଦିଲ୍ଲୀ, ୧୫।୭(ଏଜେନ୍ସି) : ବିଶ୍ୱର ସବୁଠୁ ବୟସ୍କ ମାରାଥନ ଧାବକ ପଞ୍ଜାବର ଫୌଜା ସିଂହଙ୍କ ଦେହାନ୍ତ ହୋଇଛି । ଗତ ସୋମବାର ଏକ ସଡକ ଦୁର୍ଘଟଣାରେ ୧୧୪ ବର୍ଷୀୟ କୀମ୍ବଦନ୍ତୀ ଧାବକ ଆଖି ବୁଜିଛନ୍ତି । ପଞ୍ଜାବର ଜଲନ୍ଧର ଅନ୍ତର୍ଗତ ବେୟାସ ଗାଁରେ ଫୌଜା ସିଂହ ୧୯୧୧ ଏପ୍ରିଲ ୧ରେ ଜନ୍ମ ହୋଇଥିଲେ । ପ୍ରଥମ ବିଶ୍ୱ ଯୁଦ୍ଧ ପୂର୍ବରୁ ଜନ୍ମ ହୋଇଥିବା ଫୌଜା ସିଂହ ୧୯୪୭ ଭାରତ ବିଭାଜନର ଭୟଙ୍କର ଦୃଶ୍ୟ ମଧ୍ୟ ଦେଖିଥିଲେ ।

ଗତ ସୋମବାର ମଧ୍ୟାହ୍ନରେ ଫୌଜା ସିଂହ ଜଲନ୍ଧର - ପଠାନକୋଟ ଜାତୀୟ ରାଜପଥରେ ଯାଉଥିଲେ । ଏହି ସମୟରେ ଗୋଟିଏ କାର ତାଙ୍କୁ ଧକ୍କା ଦେଇଥିଲେ । ଦୁର୍ଘଟଣା ଯୋଗୁଁ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ସ୍ଥାନୀୟ ଲୋକେ ତାଙ୍କୁ ତୁରନ୍ତ ହସ୍ପିଟାଲ ନେଇଯାଇଥିଲେ, କିନ୍ତୁ ସନ୍ଧ୍ୟାରେ ଫୌଜା ସିଂହଙ୍କ ଦେହାନ୍ତ ହୋଇଛି ।ଫୌଜା ସିଂହଙ୍କ ଶରୀରକୁ ହସ୍ପିଟାଲର ଶବାଗାରରେ ରଖାଯାଇଛି ।ତାଙ୍କ ପିଲାମାନେ ବିଦେଶରେ ରହୁଛନ୍ତି । ସେମାନେ ଆସିବାପରେ ଅନ୍ତିମ ସଂସ୍କାର କରାଯିବ । ପଞ୍ଜାବ ରାଜ୍ୟପାଳ ଗୁଲାନନ୍ଦ କଟାରିଆ ସୋସିଆଲ ମିଡିଆଙ୍କରେ ଫୌଜା ସିଂହଙ୍କ ଦେହାନ୍ତରେ ଗଭୀର ଶୋକ ପ୍ରକାଶ କରିଛନ୍ତି । ୧୧୪ ବର୍ଷୀୟ ଫୌଜା ସିଂହ ମୃତ୍ୟୁ ପୂର୍ବରୁ ମଧ୍ୟ ଠିକ୍ ଥିଲେ । ସେ ସବୁବେଳେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଥିଲେ । ବୟସ ତାଙ୍କ ପାଇଁ ବାଧକ ସାଜିନଥିଲା । ଫୌଜା ସିଂହ ପୁଅ କୁଲଦୀପ ଓ ପତ୍ନୀଙ୍କୁ ହରାଇବା ପରେ ବେସାହାରା ହୋଇଯାଇଥିଲେ । ଏଥିପାଇଁ ସେ ଜୀବନ ଜୀଇଁବାର ନୂଆ ଶୈଳୀ ଆରମ୍ଭ କରିଥିଲେ । ୮୯ ବର୍ଷ ବୟସରେ ସେ ଦୌଡିବାକୁ ସେ ବେଶ୍ ଗୁରୁତର ସହ ନେଇଥିଲେ । ୨୦୦୦ ମସିହାରେ ସେ ପ୍ରଥମ ଥର ପାଇଁ ଇଂଲଣ୍ଡରେ ଆୟୋଜିତ ମାରାଥନରେ ଭାଗ ନେଇଥିଲେ । ଲଣ୍ଡନ ଟରଣ୍ଟୋ ଓ ନ୍ୟୁୟର୍କରେ ଆୟୋଜିତ ୪୨ କିମି ମାରାଥନରେ ସେ ଭାଗ ନେଇ ଚର୍ଚ୍ଚାକୁ ଆସିଥିଲେ । ଟରଣ୍ଟୋରେ ସେ ୪୨ କିମି ଦୂରତାକୁ ୫ ଘଣ୍ଟା ୪୦ ମିନିଟ୍ ୪ ସେକେଣ୍ଡେ ସମୟରେ ସେ ଅତିକ୍ରମ କରିଥିଲେ । ଏହା ତାଙ୍କର ସର୍ବଶ୍ରେଷ୍ଠ ପ୍ରଦର୍ଶନ ଥିଲା । ୨୦୦୪ରେ ଆଥେନ୍ସ ୨୦୧୨ ଲଣ୍ଡନ ଅଲମ୍ପିକ୍ସରେ ଧ୍ୱଜା ବାହକ ସାଜିଥିଲେ । ଅନେକ ବର୍ଷ ତଳେ ସେ ଡେଭିଡ୍ ବେକ୍‌ହାମ୍ ଓ ମହମ୍ମଦ ଅଲିଙ୍କ ଭଳି କ୍ରୀଡାବିତ୍ ସହ ବିଜ୍ଞାପନରେ ନଜର ଆସିଥିଲେ ।

# ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ପଏଣ୍ଟ ଟେବୁଲ

## କେଉଁ ସ୍ଥାନରେ କିଏ

ନୂଆଦିଲ୍ଲୀ, ୧୫।୭(ଏଜେନ୍ସି) : ଚଳିତ ସପ୍ତାହରେ ବିଶ୍ୱ କ୍ରିକେଟ୍‌ର ଦୁଇ ଟାଣୁଆ ଦଳ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ଟେଷ୍ଟରେ ଦମଦାର ଓ ପ୍ରଭାବୀ ବିଜୟ ହାସଲ କରିଛନ୍ତି । ଏହି ଦୁଇ ଦଳର ପ୍ରଦର୍ଶନ ପରେ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ୨୦୨୫-୨୭ ପଏଣ୍ଟ ଟେବୁଲରେ ଅଦଳବଦଳ ଦେଖିବାକୁ ମିଳିଛି ।

ଅଷ୍ଟ୍ରେଲିଆ ଦଳ ୩-୦ରେ ଇଣ୍ଡିଜ ବିପକ୍ଷ ଟେଷ୍ଟ ଶୃଙ୍ଖଳାକୁ ପୋଛି ନେଇଥିଲା । ତୃତୀୟ ଟେଷ୍ଟରେ ଅଷ୍ଟ୍ରେଲିଆ ୧୭୬ ରନ୍ ବ୍ୟବଧାନରେ ଜିତିଥିଲା । ଏହି ଦିବାରାତ୍ର ଟେଷ୍ଟ ପିଙ୍କବଲରେ ଖେଳାଯାଇଥିବାବେଳେ ଏହା ୩ ଦିନ ମଧ୍ୟରେ ଶେଷ ହୋଇଥିଲା । କାରଣ ୨୦୪ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରିଥିବା ଇଣ୍ଡିଜ ମାତ୍ର ୨୭ ରନରେ ଅଲଆଉଟ୍ ହୋଇଥିଲା । ଟେଷ୍ଟ କ୍ରିକେଟ୍ ଇତିହାସରେ ଏହା ଦ୍ୱିତୀୟ ସର୍ବନିମ୍ନ ସ୍କୋର । ତେବେ ସବୁଠୁ କମ ରନ୍ କରିବାର ଲଜ୍ଜାଜନକ ରେକର୍ଡ ନ୍ୟୁଜିଲାଣ୍ଡ ନାଁରେ ରହିଛି । ୧୯୫୫ରେ ନ୍ୟୁଜିଲାଣ୍ଡ ମାତ୍ର ୨୬ ରନ୍‌ରେ ଅଲଆଉଟ୍ ହୋଇଥିଲା ।

ଅଷ୍ଟ୍ରେଲିଆ ବିଜୟରେ ମିଚେଲ ଷ୍ଟାର୍କ ହିରୋ ସାଜିଥିଲେ । ସେ ଏକାକି ୬ ୱିକେଟ୍ ନେଇଥିଲେ । ୨.୩ ଓଭରରେ ସେ ପ୍ରଥମ ୫ ୱିକେଟ୍ ନେଇଥିଲେ । ଏହା ପରେ ସେ ଏକାଧିକ ରେକର୍ଡ ଭାଙ୍ଗିଛନ୍ତି । ଏହା ସତ୍ତ୍ୱେ ବୋଲାଣ୍ଡ ନେଇଥିବା ହାଟ୍ରିକ୍ ୱିକେଟ୍ ଚର୍ଚ୍ଚାର ବିଷୟ ପାଲଟିଛି ।

ଅନ୍ୟପକ୍ଷରେ ଇଂଲଣ୍ଡ ଲର୍ଡ୍ସରେ ଭାରତକୁ ନାଟକୀୟ ଢଙ୍ଗରେ ହରାଇଥିଲା । ୨୨ ରନରେ ଦଳ ବିଜୟ ଲାଭ କରି ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ପଏଣ୍ଟ ଟେବୁଲରେ ଉପରକୁ ଉଠିଛି । ୧୯୩ ରନ୍‌ର ଟାର୍ଗେଟକୁ ପିଛା କରୁଥିବା ଭାରତ ପାଇଁ ରବିନ୍ଦ୍ର ଜାଡେଜା ୬୧ ରନର ଇନିଂସ ଖେଳିଥିଲେ । ତଥାପି ଭାରତ ବିଜୟ ଠାରୁ ୨୨ ରନ ପଛରେ ରହିଯାଇଥିଲା । ଏହି ବିଜୟ ସହ ଇଂଲଣ୍ଡ ଡବ୍ଲ୍ୟୁଟିସି ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ପହଞ୍ଚି ଯାଇଛି ।

ଅଷ୍ଟ୍ରେଲିଆ ୨୦୨୫-୨୭ ଟେଷ୍ଟ ଚାମ୍ପିଅନସିପ୍ ଚକ୍ରରେ ଏ ଯାଏ ୩ ଟି ମ୍ୟାଚ ଖେଳି ସବୁ ଜିତିଛି । ତେଣୁ ଦଳ ପଏଣ୍ଟ ଟେବୁଲର ୧ ନଂ ସ୍ଥାନରେ ରହିଛି ।

ଇଂଲଣ୍ଡ ୩ ଟି ମ୍ୟାଚରୁ ଦୁଇଟି ଜିତିଛି , ଗୋଟିଏ ହାରିଛି । ତେଣୁ ଇଂଲଣ୍ଡ ଟେବୁଲ ଦ୍ୱିତୀୟ ସ୍ଥାନରେ ଥିବା ବେଳେ ଶ୍ରୀଲଙ୍କା ୬୬.୬୭ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଛି । ଭାରତ ଚତୁର୍ଥ ସ୍ଥାନରେ ଥିବା ବେଳେ ବାଂଲାଦେଶ ପଞ୍ଚମ ଓ ୱେଷ୍ଟଇଣ୍ଡିଜ ଷଷ୍ଠ ସ୍ଥାନରେ ରହିଛି ।

ICC WORLD TEST CHAMPIONSHIP STANDINGS

| TEAM | P | W | L | D | DED | PTS | PCT |
|---|---|---|---|---|---|---|---|
| AUSTRALIA | 3 | 3 | 0 | 0 | 0 | 36 | 100 |
| ENGLAND | 3 | 2 | 1 | 0 | 0 | 24 | 66.7 |
| SRI LANKA | 2 | 1 | 0 | 1 | 0 | 16 | 66.7 |
| INDIA | 3 | 1 | 2 | 0 | 0 | 12 | 33.3 |
| BANGLADESH | 2 | 0 | 1 | 1 | 0 | 4 | 25 |
| WEST INDIES | 3 | 0 | 3 | 0 | 0 | 0 | 0 |
| NEW ZEALAND | 0 | 0 | 0 | 0 | 0 | 0 | 0 |
| PAKISTAN | 0 | 0 | 0 | 0 | 0 | 0 | 0 |
| SOUTH AFRICA | 0 | 0 | 0 | 0 | 0 | 0 | 0 |

ସୂଚନା

ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ଷୁଦ୍ରାକାର ବିଜ୍ଞାପନ ଦେବାକୁ ଚାହୁଁଥିବା ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୦୭୮୫୩୩୧୨୪ / ଇମେଲ୍: classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୦୭୮୫୩୩୧୨୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି